ସେତେବେଳେ ତାଙ୍କ ବୟସ ଥିଲା ମାତ୍ର ୫୦ ବର୍ଷ। ବିକାଶୋନ୍ମୁଖୀ ତଥା ସୁଦୂରପ୍ରସାରୀ ଭବିଷ୍ୟତଯୁକ୍ତ କ୍ରାୟୋଜେନିକ୍ସ ବିଜ୍ଞାନରେ ତାଙ୍କର ବେଶ୍ ପାରଦର୍ଶିତା ଥିଲା। ଏହି ଦୁଃଖଦ ଘଟଣାଟି ଘଟି ନ ଥିଲେ ସେ ହୁଏତ ଜଣେ ବିଶ୍ୱସ୍ତରୀୟ ବୈଜ୍ଞାନିକ ରୂପେ ଖ୍ୟାତି ଅର୍ଜନ କରିପାରିଥାନ୍ତେ ଏବଂ ତାଙ୍କ ପ୍ରଚେଷ୍ଟାରେ ଭାରତ ଯଥାଶୀଘ୍ର କ୍ରାୟୋଜେନିକ୍ ଇଞ୍ଜିନ୍‌ର ଅଧିକାରୀ ହୋଇପାରିଥାନ୍ତା। ଫଳରେ ଏହାର ମହାକାଶ ବିଜ୍ଞାନ ଖୁବ୍ ଶୀଘ୍ର ଏକ ନୂତନ ଉଚ୍ଚତାରେ ପହଞ୍ଚି ପାରିଥାନ୍ତା, ଯାହାକି ବେଶ୍ ବିଳମ୍ବିତ ହୋଇଗଲା।

ନାମ୍ବିଙ୍କୁ କାହିଁକି ହଠାତ୍ ଜଣେ ଦେଶଦ୍ରୋହୀ ରୂପେ ଚିତ୍ରିତ କରାଗଲା, ତାହାର ଠିକ୍ ଜବାବ ଏବେ କାହାରି ପାଖରେ ନାହିଁ। ଗତ ସେପ୍ଟେମ୍ବର ୨୦୧୮ରେ ତାଙ୍କୁ ଦୋଷମୁକ୍ତ କରିଛନ୍ତି ଉଚ୍ଚତମ ନ୍ୟାୟାଳୟର ତଦାନୀନ୍ତନ ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ତିନି ଜଣିଆ ଖଣ୍ଡପୀଠ। ଏହି ରାୟରେ ସେମାନେ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସୂଚାଇଛନ୍ତି, କୌଣସି ଖିଆଲ ବା ଅସ୍ପଷ୍ଟ ଧାରଣାର ବଶବର୍ତ୍ତୀ ହୋଇ ତାଙ୍କୁ ଏକ ଆପରାଧିକ ମିଥ୍ୟା ପ୍ରମାଣର ଶିକାର କରାଯାଇଥିଲା।

ଏସ୍‌ଆଇଟି ନାମ୍ବିଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଏହି ପ୍ରକାର ଥିଲା- ମାଳଦ୍ୱୀପର ମାରିୟମ ରସିଦା ନାମ୍ନୀ ଜଣେ ସୁନ୍ଦରୀ ଯୁବତୀ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ପାଇଁ କାମ କରୁଥିଲା। ଆମ ରକେଟ୍ ପ୍ରଯୁକ୍ତିବିଦ୍ୟା ଚୋରାଇବା ପାଇଁ ସେ ସମ୍ପର୍କ ସ୍ଥାପନ କରିଥିଲା ଇସ୍ରୋର କିଛି ବୈଜ୍ଞାନିକଙ୍କ ସହିତ। ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ନାମ୍ବି। ତେବେ ସେହି ଯୁବତୀର ନିର୍ଦ୍ଦିଷ୍ଟ ପରିଚୟ ଏବଂ ତା' ସହିତ ଆଉ କେଉଁ ବୈଜ୍ଞାନିକଙ୍କର ସମ୍ପର୍କ ଥିଲା କିମ୍ବା କି ତଥ୍ୟ ଚୋରି ହୋଇଥିଲା ସେ ସମ୍ପର୍କରେ ଠିକ୍ ସୂଚନା ଦେବାକୁ ଏସ୍‌ଆଇଟି କିମ୍ବା ଏହାପରେ ଏହି ଅନୁସନ୍ଧାନର ଦାୟିତ୍ୱ ନେଇଥିବା ସିବିଆଇ କେହି ସମର୍ଥ ହୋଇପାରିନାହାନ୍ତି। ଅଭିଯୋଗ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜନସାଧାରଣଙ୍କ କ୍ରୋଧ କେନ୍ଦ୍ରୀଭୂତ ହୋଇଥିଲା ନାମ୍ବିଙ୍କ ଉପରେ। ସେ ଏବେ ଅଶ୍ରୁଳ ନୟନରେ ବର୍ଣ୍ଣନା କରନ୍ତି ସେଦିନର ଅନୁଭୂତି- ତାଙ୍କୁ ଟାଣି ଟାଣି ନେଇ ପୋଲିସ ଗାଡ଼ିରେ ବସାଗଲା ଏବଂ ନିଆଗଲା ଥିରୁଭାନନ୍ତପୁରମ୍ ମାଜିଷ୍ଟ୍ରେଟଙ୍କ ବିଚାରାଳୟକୁ। ସେତେବେଳେ ସେଠାରେ ଜମାହୋଇ ସାରିଥାନ୍ତି ଅନେକ ଲୋକ। ଗାଡ଼ିରୁ ଓହ୍ଲାଇବା ମାତ୍ରେ ସେମାନେ ତାଙ୍କୁ ଆରମ୍ଭକରିଦେଲେ ଗାଳି ଓ ଟେକାପଥର ମାଡ଼। ଏଣୁ ପୋଲିସ ତାଙ୍କୁ ଘେର ଭିତରେ ମାଜିଷ୍ଟ୍ରେଟଙ୍କ ନିକଟକୁ ନେଲା। ତାଙ୍କ ମତରେ ଏହା ଥିଲା ତାଙ୍କ ଜୀବନର ସବୁଠାରୁ ଦୁଃଖଦ ଓ ଲଜ୍ଜାଜନକ ଘଟଣା।

ତା'ପରେ ତାଙ୍କୁ ଜେଲରେ ରଖାଗଲା ଏବଂ ଦିଆଗଲା ଶାରୀରିକ ଓ ମାନସିକ ଯନ୍ତ୍ରଣା। କେତେବେଳେ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଠିଆକରି ରଖାଯାଉଥିଲା ତ ଆଉ କେତେବେଳେ ଦିନ ଦିନ ଧରି ଅନିଦ୍ରା ରଖାଯାଉଥିଲା, ଏପରିକି ଶୋଷ ହେଲେ ପାଣି ମଧ୍ୟ ଦିଆଯାଉ ନ ଥିଲା। ପୁନଶ୍ଚ ପୋଲିସର କହିବା ମୁତାବକ ଦୋଷ ସ୍ୱୀକାର ନ କଲେ ତାଙ୍କ ପରିବାରବର୍ଗ ଓ ସହକର୍ମୀମାନଙ୍କୁ ମଧ୍ୟ ଏଥିରେ ସମ୍ପୃକ୍ତ କରିବାର ଧମକ ଦିଆଯାଉଥିଲା। ବିଜ୍ଞାନାଗାରରେ ଜୀବନ କଟାଇ ଆସିଥିବା ଲୋକଟି ଏହିଭଳି ଯନ୍ତ୍ରଣା ମଧ୍ୟରେ ଜଣେ ବିଚାରାଧୀନ ବନ୍ଦୀ ରୂପେ ଜେଲରେ ବିତାଇଥିଲେ ୫୦ ଦିନ। ତା' ପରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଯୋଗାଇବାରେ ପୋଲିସ ବିଫଳ ହେବାରୁ ତାଙ୍କୁ ଜାମିନ ମିଳିଲା।

ଜେଲରୁ ମୁକୁଳିଲା ପରେ ନାମ୍ବି ସାମ୍ବାଦିକ ସମ୍ମିଳନୀଟିଏ ଡାକି ପୋଲିସ, ପ୍ରଶାସନ ଏବଂ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ କିଛି ପ୍ରଶ୍ନ -(୧) ଯେତେବେଳେ (୧୯୯୪ ମସିହାରେ) ଭାରତରେ ଏହି ଟେକ୍ନୋଲୋଜି (କ୍ରାୟୋଜେନିକ୍)ର ସ୍ଥିତି ପ୍ରାୟ ନ ଥିଲା, ମୁଁ ତାକୁ ବିକ୍ରୟ କଲି କିପରି ଏବଂ (୨) ଅନ୍ୟ କେତେକ ଦେଶରେ ଏହା ମୁକ୍ତ ଭାବେ ମିଳିପାରୁଥିଲା ବେଳେ କୌଣସି ସଂସ୍ଥା ତାହା ଲାଭ କରିବା ପାଇଁ ମୋତେ ଗୁପ୍ତଚର ଭାବେ ନିଯୁକ୍ତି ଦେବ କାହିଁକି?

ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା କିମ୍ବା ତଦନ୍ତ କରୁଥିବା ସଂସ୍ଥା ପାଖରେ ଏହାର ଜବାବ ନ ଥିଲା। ତଥାପି ଏହାପରେ ମାମଲାଟାକୁ ପୁନର୍ବାର ତଦନ୍ତ କରିବାକୁ ସିବିଆଇକୁ କୁହାଗଲା। କିନ୍ତୁ ଏ ସଂସ୍ଥା ୧୯୯୬ ମସିହାରେ ପ୍ରମାଣ ଅଭାବରୁ ମାମଲାକୁ ବନ୍ଦ କରିଦେଲା ଏବଂ ଏଥିସହିତ ଦେଇଥିବା ରିପୋର୍ଟରେ ପୋଲିସର ନିନ୍ଦନୀୟ ଦୋଷାରୋପ ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହିତ ସ୍ଥାନୀୟ ଅନୁସନ୍ଧାନକାରୀମାନେ (ଏସ୍‌ଆଇଟି) ସେମାନଙ୍କ ମନଗଢ଼ା ଅଭିଯୋଗକୁ ସତ୍ୟ ବୋଲି ଉପସ୍ଥାପିତ କରିବା ଲାଗି ଅନୁସରଣ କରିଥିବା ସନ୍ଦେହଜନକ ପଦ୍ଧତିଗୁଡ଼ିକୁ ନେଇ ପ୍ରଶ୍ନ ଉଠାଇଲା।

ଏହା ପରେ ନାମ୍ବି ତାଙ୍କ ହୃତଗୌରବର ପୁନରୁଦ୍ଧାର ଏବଂ ତାଙ୍କୁ ବିନାଦୋଷରେ ଅପରାଧୀ ସଜାଇଥିବା ଅଭିଯୋଗକାରୀଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ କଲେ। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଥମେ ସେ କେରଳ ସରକାରଙ୍କୁ ଅନୁରୋଧ କଲେ। କିନ୍ତୁ କେହି ତାଙ୍କ ପ୍ରତି କର୍ଣ୍ଣପାତ କଲେ ନାହିଁ। ବରଂ ସିବିଆଇ ଦ୍ୱାରା ବନ୍ଦ କରିଦିଆଯାଇଥିବା ମାମଲାଟିକୁ ପୁନର୍ବାର ଉନ୍ମୁକ୍ତ କରି ତାଙ୍କ ବିରୋଧରେ ନୂଆ ଅନୁସନ୍ଧାନ ପାଇଁ ଉଦ୍ୟମ ଚାଲିଲା। ଏଣୁ ନାମ୍ବି ବାଧ୍ୟହୋଇ ନ୍ୟାୟାଳୟର ଆଶ୍ରୟ ନେଲେ ଏବଂ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ ଏଥିରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଲେ।

ଏହାପରେ ମାମଲାଟି ଚାଲିଲା ଏବଂ ଦୀର୍ଘ ୨୪ ବର୍ଷ ପରେ ଏବେ ତାଙ୍କୁ ନ୍ୟାୟ ମିଳିଛି। ଏଥିରେ ତାଙ୍କୁ କେବଳ ଦୋଷମୁକ୍ତ କରାଯାଇନାହିଁ, ଉଚ୍ଚତମ ନ୍ୟାୟାଳୟ ନ୍ୟାୟାଧୀଶ ଡି.କେ. ଜୈନଙ୍କ ଅଧ୍ୟକ୍ଷତାରେ ଏଥିସହିତ ସମ୍ପୃକ୍ତ ଦୋଷୀ କର୍ମଚାରୀମାନଙ୍କୁ କୈଫିୟତଯୋଗ୍ୟ କରିବାକୁ ଉପାୟ ନିର୍ଦ୍ଧାରଣ ଲାଗି ଏକ କମିଟି ଗଠନ କରିଛି। ତତ୍ ସଙ୍ଗେ ସଙ୍ଗେ ଏହା ନାମ୍ବିଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ଲାଗି ମଧ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କ ମତରେ ମାମଲାଟିର ଏହିଠାରୁ ସମାପ୍ତି ଘଟିନାହିଁ। ଜୈନ କମିଟି ତାଙ୍କ ଜୀବନ ନଷ୍ଟ କରିବା ସଙ୍ଗେ ସମ୍ମାନକୁ ଧରାଶାୟୀ କରିଥିବା ଏବଂ ଦେଶର ମହାକାଶ ଗବେଷଣାକୁ ଘୋର କ୍ଷତି ପହଞ୍ଚାଇଥିବା ଏହି ଷଡ଼ଯନ୍ତ୍ରର ରହସ୍ୟ ଉଦ୍‌ଘାଟନ କରିବ ବୋଲି ସେ ଆଶା କରନ୍ତି। ତା' ହେଲେ ଆଗକୁ ଆହୁରି ଅନେକ ନିଷ୍ପାପଙ୍କ ଜୀବନ ଓ ସମ୍ମାନ ତଥା ଦେଶ ପ୍ରତି ତାଙ୍କର ଅବଦାନର ସମ୍ମାନକୁ ନଷ୍ଟ କରିବା ଲାଗି ଷଡ଼ଯନ୍ତ୍ର କରିବା ଆଗରୁ କ୍ଷମତାସୀନମାନେ ଅନ୍ତତଃ ଦୁଇଥର ଚିନ୍ତା କରିବେ।

ଶେଷରେ ନାମ୍ବି ବିଜୟୀ ହେଲେ ଠିକ୍ ଗାଲିଲିଓଙ୍କ ଭଳି। ପୁନର୍ବାର ସତ୍ୟର ବିଜୟ ଘଟିଲା। ତେବେ ଫରକ ଏତିକି ଯେ ସେ ଏହା ପ୍ରାପ୍ତ ହେଲେ ତାଙ୍କର ଜୀବନକାଳ ମଧ୍ୟରେ। ଗାଲିଲିଓଙ୍କ ଭାଗ୍ୟରେ ତାହା ଜୁଟି ନ ଥିଲା।

ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ଟେକାଟିଏ ମାରିଲେ ପଥରଟିଏ ଅଛି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

କୌଣସି ଲୋକ ଅନ୍ୟ ପ୍ରତି ଜାଣିଶୁଣି ଅନ୍ୟାୟ କରୁଥିଲେ, ସଚେତନ ଲୋକ ତାକୁ ସତର୍କ କରାଇ କହନ୍ତି- ବାବୁ! ଟେକାଟିଏ ମାଇଲେ ପଥରଟିଏ ଅଛି। ବିଜ୍ଞାନ ମତରେ ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଅଛି। ଆମେ ଭଲ କର୍ମ କଲେ ତା'ର ଯେପରି ସୁଫଳ ଅଛି, କୁକର୍ମ କଲେ ତା'ର ପ୍ରତିଫଳ ମଧ୍ୟ ପାଇବା। ଏ ଜନ୍ମରେ ନ ହେଲେ ମଧ୍ୟ ଆରଜନ୍ମରେ ଆମେ କରୁଥିବା ପାପ ଓ ପୁଣ୍ୟର ଫଳ ଭୋଗ କରିବା।

ଏଠାରେ ଗୋଟିଏ ସତ୍ୟ ଘଟଣାର ଅବତାରଣା କରିବା ପ୍ରାସଙ୍ଗିକ ହେବ। ବଲାଙ୍ଗୀର ସହରରେ ଜଣେ ଓକିଲ ଥିଲେ। ଫୌଜଦାରି ମକଦ୍ଦମା ପରିଚାଳନାରେ ତାଙ୍କର ଦକ୍ଷତା ଦେଖି ଜଜ୍‌ମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଉଥିଲେ। ସ୍ପଷ୍ଟ ଦିବାଲୋକରେ ହତ୍ୟା ଅପରାଧୀମାନଙ୍କୁ ମଧ୍ୟ ସେ ନିଜର ଅକାଟ୍ୟ ଯୁକ୍ତି ଦ୍ୱାରା ନିର୍ଦ୍ଦୋଷରେ ଖଲାସ କରିପାରୁଥିଲେ। ଏଥିପାଇଁ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା। ସେ ମଧ୍ୟ ପ୍ରଚୁର ଅର୍ଥ ଉପାର୍ଜନ କରୁଥିଲେ। ଦିନକର କଥା, ଓକିଲ ବାବୁ କଚେରିକୁ ଯିବା ପାଇଁ ବାହାରିଛନ୍ତି। ଏହି ସମୟରେ ତାଙ୍କ ଜୁନିୟର ଆସି ଖବର ଦେଲା ଯେ, ଜଣେ ଲୋକ ତାଙ୍କୁ ସାକ୍ଷାତ କରିବାକୁ ଚାହୁଁଛି। ତା' ଦେହରେ ଘା'ଘାଉଡ଼ ହୋଇଯାଇଛି। ଦେହରୁ ଦୁର୍ଗନ୍ଧ ମଧ୍ୟ ବାହାରୁଛି। ଓକିଲ ବାବୁ ଏହା ଶୁଣି ଭାବିଲେ କୌଣସି ଏକ ଭିକାରି ତାଙ୍କ ପାଖକୁ ଭିକ ମାଗିବାକୁ ଆସିଥିବ। ସେ ଲୋକଟିକୁ ଦେଖା ନ କରି ନିଜ ଜୁନିୟର ହାତରେ ୧୦ ଟଙ୍କା ପଠାଇ ତାକୁ ଦେଇଦେବାକୁ କହିଲେ। ଜୁନିୟର ଜଣକ ସେହି ଲୋକକୁ ଯେତେବେଳେ ୧୦ ଟଙ୍କା ଯାଚିଲେ, ସେ ତତ୍‌କ୍ଷଣାତ୍ କହିଲେ, ମୁଁ ଓକିଲ ବାବୁଙ୍କଠାରୁ ଟଙ୍କା ନେବା ପାଇଁ ଆସିନାହିଁ ବରଂ ତାଙ୍କୁ ଟଙ୍କା ଦେବା ପାଇଁ ଆସିଛି। ମୁଁ ବେଶି ସମୟ ନେବିନାହିଁ। ତାଙ୍କୁ କୁହ, ମୁଁ ମାତ୍ର ୫ ମିନିଟ ପାଇଁ ତାଙ୍କୁ ହଇରାଣ କରିବି। ଏ କଥା ଶୁଣି ଓକିଲ ବାବୁ ଯେତେବେଳେ ବାହାରକୁ ଆସନ୍ତି ଲୋକଟି ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା ଏବଂ ଟଙ୍କା ମୁଣିଟିଏ ତାଙ୍କ ଆଗରେ ଥୋଇ କହିଲା- ହଜୁର! ଏଥିରେ ୨ଲକ୍ଷ ଟଙ୍କା ଅଛି। ଏହା ହିଁ ଆପଣଙ୍କ ପ୍ରାପ୍ୟ।

ଓକିଲ ବାବୁ ହଠାତ୍ କିଛି ବୁଝିପାରିଲେ ନାହିଁ। ଲୋକଟି ତାଙ୍କୁ ମନେପକାଇ କହିଲା- ସାର୍! ଆପଣ ମୋତେ ଚିହ୍ନିପାରୁନାହାନ୍ତି। ଆପଣ ମୋତେ ନରହତ୍ୟା ଅପରାଧରୁ ମୁକୁଳାଇଥିଲେ। ମୁଁ କିଛିବର୍ଷ ତଳେ ଗୋଟିଏ ପରିବାରର ୫ଜଣଙ୍କୁ ହତ୍ୟା କରିଥିଲି। ମକଦ୍ଦମା ଚାଲିଲା, ଚୁକ୍ତି ଅନୁସାରେ ମୁଁ ଆପଣଙ୍କୁ ୫ ଲକ୍ଷ ଟଙ୍କା ଦେବାର ଥିଲା। ମୁଁ ସେତେବେଳେ ଆପଣଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲି ଏବଂ ପରେ ଆଉ ୨ ଲକ୍ଷ ଦେବି ବୋଲି କହିଥିଲି। ଆପଣ ମଧ୍ୟ ରାଜି ହୋଇ ମୋ ପାଇଁ କୋର୍ଟରେ ଜବାବସୁଆଲ କଲେ ଏବଂ ମୁଁ ନିର୍ଦ୍ଦୋଷରେ ଖଲାସ ହେଲି। କିନ୍ତୁ ଆଜି ଭାବୁଛି, ମୁଁ ସିନା ବିଚାରପତିଙ୍କ ହାତରୁ ରକ୍ଷା ପାଇଗଲି କିନ୍ତୁ ଉପରର ବିଚାରପତିଙ୍କ ହାତରୁ ମୋତେ ନିସ୍ତାର ମିଳିଲା ନାହିଁ। ମୋ ପରିବାରର ସମସ୍ତ ସଦସ୍ୟ ଘଟଣାକ୍ରମେ ଇହଲୀଳା ସମ୍ବରଣ କରିଛନ୍ତି ଏବଂ ମୁଁ ମଧ୍ୟ ଆଜି କୁଷ୍ଠ ରୋଗାଗ୍ରାନ୍ତ। ଆଜି ମୋର ଯେଉଁ ଅବସ୍ଥା, ତାହା ମୋ କୃତକର୍ମର ଫଳ। କିନ୍ତୁ ବର୍ତ୍ତମାନ ଅନୁଶୋଚନା କରି କିଛି ଲାଭ ନାହିଁ। ଆପଣ ଉକ୍ତ ଟଙ୍କା ରଖନ୍ତୁ। ଓକିଲ ଏ କଥା ଶୁଣି ହତବାକ୍ ହେଲେ ଏବଂ ତାଙ୍କର ମଧ୍ୟ ଭାବାନ୍ତର ହେଲା। ସେ ଉକ୍ତ ବ୍ୟକ୍ତିର ସେହି ଟଙ୍କା ରଖିବାକୁ ରାଜି ହେଲେ ନାହିଁ। କିନ୍ତୁ ଲୋକଟି ନଛୋଡ଼ବନ୍ଧା। ଲୋକଟି କହିଲା ଯେ, ମୁଁ କୃତକର୍ମର ଫଳ ଭୋଗ କରୁଛି। ପୁଣି ବଚନଭଙ୍ଗ ହୋଇ ଆହୁରି କାହିଁ ପାପ କରିବି? ଆପଣ ଏ ପଇସା ରଖିପାରନ୍ତି କିମ୍ବା କୌଣସି ଦାତବ୍ୟ ଅନୁଷ୍ଠାନକୁ ଦାନ କରପାରନ୍ତି। ମୋର କିନ୍ତୁ ଏ ଟଙ୍କା ରଖିବାର ନାହିଁ। ଏତିକି କହି ଲୋକଟି ଓକିଲଙ୍କ ଘରୁ ଚାଲିଗଲା।

ଆଉ ଏକ ଘଟଣା ହେଉଛି ମହାଭାରତ ଯୁଦ୍ଧ ପରବର୍ତ୍ତୀ ସମୟର। ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଲେ- ବାସୁଦେବ! ତୁମେ ଚାହିଁଥିଲେ ଏ ଯୁଦ୍ଧ ଏଡ଼ାଯାଇ ପାରିଥାଆନ୍ତା। ତୁମ ଯୋଗୁ ମୋର ଶତପୁତ୍ର ମୃତ୍ୟୁବରଣ କଲେ। ମୁଁ ମଧ୍ୟ ତୁମକୁ ଅଭିଶାପ ଦେଉଛି, ତୁମ ବଂଶ ନାଶ ହେଉ। ଶ୍ରୀକୃଷ୍ଣ ଏହାକୁ ସ୍ୱୀକାର କରିନେଲେ। ଏହା ପରେ ଗାନ୍ଧାରୀଙ୍କର ଭାବାନ୍ତର ହେଲା। ସେ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇଥିବା କଥାକୁ ସ୍ମରଣ କରି ଅନୁତାପ କଲେ। ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ- ମା! ଏହା ନିଶ୍ଚୟ ଘଟିବ। ଏଥିରେ ତୁମର କିଛି ଭୁଲ୍ ନାହିଁ। ତୁମେ କେବଳ ମାଧ୍ୟମ ମାତ୍ର। ଯଦୁବଂଶୀମାନେ ବର୍ତ୍ତମାନ ପାପକର୍ମରେ ଲିପ୍ତ। ତେଣୁ ଖୁବ୍‌ଶୀଘ୍ର ଯଦୁବଂଶ ଧ୍ୱଂସ ପାଇବ। ଏହାପରେ ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ, ମୋର କେଉଁ ଭୁଲ୍ ପାଇଁ ଶହେପୁତ୍ରଙ୍କୁ ହରାଇବାକୁ ପଡ଼ିଲା? ମୁଁ ତ ଏ ଜନ୍ମରେ କିଛି ଭୁଲ୍ କରିନାହିଁ। ଶ୍ରୀକୃଷ୍ଣ ତାଙ୍କୁ ଅତୀତର ଗୋଟିଏ ଜନ୍ମର କଥା ସ୍ମରଣ କରାଇଦେଲେ। ଗାନ୍ଧାରୀ ଦେଖୁଛନ୍ତି, ସେହି ଜନ୍ମରେ ସେ ରାଜକୁମାରୀ ହୋଇ ଜନ୍ମ ହୋଇଛନ୍ତି। କୌତୂହଳବଶତଃ ଶହେଟି କୁମ୍ଭୀର ଅଣ୍ଡାକୁ ଫୁଟାଇ ଦେଇଛନ୍ତି। ଏହା ଦେଖିଲା ପରେ ଗାନ୍ଧାରୀଙ୍କ ମନରୁ ସଂଶୟ ଦୂର ହେଲା ଏବଂ ସେ କହିଲେ ପ୍ରଭୁ! ମୁଁ ମୋ ଉତ୍ତର ପାଇଗଲି।

ହିନ୍ଦୁ, ବୌଦ୍ଧ, ଜୈନ ଆଦି ଅନେକ ଧର୍ମ କର୍ମଫଳ ଉପରେ ବିଶ୍ୱାସ କରନ୍ତି। ସୁତରାଂ ଆଜି ନ ହେଲେ ବି କାଲି ବା ଆରଜନ୍ମରେ ଆମକୁ ନିଶ୍ଚୟ ଆମର କର୍ମଫଳ ଭୋଗ କରିବାକୁ ପଡ଼ିବ। ହୁଏତ ଆମେ ନାନା ପାପ କରୁଥିଲେ ମଧ୍ୟ ଏ ଜନ୍ମରେ ତାକୁ ଭୋଗ କରିପାରୁନାହୁଁ। କିନ୍ତୁ ଏହା ନିଶ୍ଚିତ ଯେ, ଆଗାମୀ ଜନ୍ମରେ ଆମକୁ ଏ ସବୁ ଭୋଗ କରିବାକୁ ପଡ଼ିବ।

ଭୁବନେଶ୍ୱର, ମୋ: ୯୪୩୮୦୭୨୮୪୦

## ଏଇ ଭାରତରେ

ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବସା ବାନ୍ଧି ରହିଛି। ଏହାକୁ ଦୂର କରିବା ଏତେ ସହଜ ନୁହେଁ। କିନ୍ତୁ ଏଥିପାଇଁ ଯେ କ୍ଷତି ସହିବାକୁ ପଡେ ଏହା ମଣିଷ ଜାଣିପାରେ ନାହିଁ। ଜଣେ ଏଡ୍‌ସ ଆକ୍ରାନ୍ତ ମହିଳା ହ୍ରଦରେ ବୁଡି ଆତ୍ମହତ୍ୟା କରିବା ପରେ ହ୍ରଦର ସବୁତକ ପାଣି ଶୁଖାଇବା ଉଦ୍ୟମରେ ଅଛନ୍ତି ଗାଁ ଲୋକେ। କାରଣ ଏହି ପାଣି କେହି ବ୍ୟବହାର କଲେ ସେ ହୁଏତ ଏଡ୍‌ସ ଆକ୍ରାନ୍ତ ହୋଇପାରେ। ଏପରି ଏକ ଘଟଣା ଘଟିଛି କର୍ନାଟକର ହୁବ୍‌ଲି ଜିଲାର ମୋରାବ ଗାଁରେ। ଏଡ୍‌ସ ଆକ୍ରାନ୍ତ ମହିଳା ଜଣକ ହ୍ରଦକୁ ଡେଇଁ ଆତ୍ମହତ୍ୟା କରିଥିଲେ। ହ୍ରଦପାଣି ଏଡ୍‌ସ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଗୁଜବ ପ୍ରଚାରିତ ହେବା ପରେ ଗାଁ ଲୋକେ ଆଉ ହ୍ରଦପାଣି ବ୍ୟବହାର କରୁନାହାନ୍ତି। ୩୬ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହ୍ରଦରୁ ପାଣି ଶୁଖାଇବା ପାଇଁ ଶତାଧିକ ପାଣିଉଠା ମୋଟରକୁ କାର୍ଯ୍ୟରେ ଲଗାଯାଇଛି। ଏହି ଖବର ଜିଲା ପ୍ରଶାସନ ପାଖରେ ପହଞ୍ଚିବା ପରେ ଗାଁ ଲୋକଙ୍କୁ ସଚେତନ କରାଯାଉଛି। ତେବେ ଗାଁ ଲୋକେ ଏହା ବୁଝିବାକୁ ନାରାଜ। ଏଡ୍‌ସ ଭୂତାଣୁ ଦ୍ୱାରା ଜଳ ସଂକ୍ରମିତ ହୋଇ ନ ଥାଏ ବୋଲି ଲୋକଙ୍କୁ ପରାମର୍ଶ ଦିଆଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ହ୍ରଦରୁ ଅଧାପାଣି କଢ଼ାଯାଇ ସାରିଲାଣି। ନିକଟସ୍ଥ ମାଲାପ୍ରଭା କେନାଲରୁ ପାଣି ଆଣି ଭର୍ତ୍ତି କରିବା ଯୋଜନା କରିଛନ୍ତି ଗାଁ ଲୋକେ। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଡିସେମ୍ବର ୧୯୯୩

- ରାଫେଲ କାଲଡେରା ଭେନେଜୁଏଲାର ନୂତନ ରାଷ୍ଟ୍ରପତି ନିଯୁକ୍ତ।
- ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦିଗ୍‌ବିଜୟ ସିଂଙ୍କ ଶପଥ ଗ୍ରହଣ।



## ଜିଲା ଡାଏରୀ
## କଟକ

### ଯଥା ପୂର୍ବ ତଥା ପର

କିଛି ଅଘଟଣା ଘଟିଲେ ସମସ୍ତେ ଚେଇଁ ଉଠନ୍ତି। ମାତ୍ର କିଛିଦିନ କେଇଟା ପରେ ସମସ୍ତେ ତାକୁ ପାସୋରି ପକାନ୍ତି। ନଭେମ୍ବର ୨୦ରେ ମହାନଦୀ ପୋଲରୁ ଏକ ବସ୍ ନଦୀ ଭିତରକୁ ଖସି ପଡ଼ିଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହାପରେ ଦୁର୍ଘଟଣାକୁ ନେଇ ଖୋଳତାଡ଼ କରାଗଲା। ବିଚାରବିମର୍ଶ ଚାଲିଲା କିପରି ପୁନର୍ବାର ଏଭଳି ଦୁର୍ଘଟଣା ନ ଘଟିବ। କିନ୍ତୁ ଉକ୍ତ ଘଟଣାକୁ ୧୫ ଦିନ ବିତିନି, ପରିସ୍ଥିତି ଯାହାକୁ ସେଇଆ। ପୋଲ ଉପରେ ବସ୍, ଟ୍ରକ୍‌ଗୁଡ଼ିକ ପବନ ବେଗରେ ଯାତାୟାତ କରୁଛନ୍ତି। ଅଥଚ ନଖରାଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ବସ୍, ଟ୍ରକ୍ ପାଇଁ ନିର୍ଦ୍ଦିଷ୍ଟ ବେଗ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ନା ଏଥିପ୍ରତି ଡ୍ରାଇଭରମାନେ ସଚେତନ ହେଉଛନ୍ତି ନା ସାଧାରଣ ଲୋକେ ପ୍ରତିବାଦ କରୁଛନ୍ତି। ଅନ୍ୟପଟେ ପ୍ରଶାସନ ଓ ସରକାରଙ୍କ ମନରୁ ନଭେମ୍ବର ୨୦ ଘଟଣା ଲିଭିଯିବାକୁ ବସିଲାଣି। କିନ୍ତୁ ଯେଉଁ ୧୧ ଜଣଙ୍କ ଜୀବନ ଗଲା ସେମାନଙ୍କ ପରିବାର ଆଖିର ଲୁହ ଶୁଖିବା ଏତେ ସହଜ ନୁହେଁ। ଦୁର୍ଘଟଣାକୁ ଦେଖିଥିବା ଲୋକେ ବର୍ତ୍ତମାନର ଗାଡ଼ି ଚଳାଚଳକୁ ଦେଖି କେବଳ ଭଗବାନଙ୍କୁ ଡାକିବା ଛଡ଼ା ସେମାନଙ୍କ ପାଖରେ ଅନ୍ୟ କିଛି ଗତି ନାହିଁ।

– ନିର୍ମଳ ପଣ୍ଡା

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ତୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା।
(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | D | | | 4 | C | | | | | | 2 |
| | 2 | | 1 | B | | E | | | D | | A | | | 0 |
| | A | 9 | 5 | | | | | | | 8 | | | | |
| D | | E | | | | 5 | | 2 | 4 | | | | | 3 |
| | | | | | 7 | | 1 | | | | | 9 | 8 | |
| | D | | | | E | | 5 | 3 | B | | | | | 7 |
| | | 1 | | | | | C | 4 | | E | | 5 | | |
| 7 | | 8 | | 3 | | | | | 6 | A | 0 | | | 1 |
| | | | | | | D | 6 | | | | | B | 4 | |
| | 3 | 5 | B | | 9 | | 7 | | | | | | 0 | |
| | | | 9 | 4 | | | | | | D | | 6 | | A |
| 3 | | 0 | | | | | | | 7 | | | | | 4 |
| | B | | | | | 1 | D | A | 8 | 0 | | 3 | | |
| C | | | | E | | | 8 | 7 | | B | | | | 9 |
| 8 | | | 7 | 1 | D | 3 | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 6 | C | 2 | B | E | 1 | 7 | 8 | 5 | 9 | 4 | 3 | D |
| 9 | 8 | D | A | 5 | 6 | B | C | 4 | 7 | 3 | 1 | E | 0 | 2 |
| 5 | 4 | E | 0 | 9 | 3 | 8 | D | 6 | B | 2 | A | 7 | C | 1 |
| 1 | 3 | 2 | 8 | D | 7 | 0 | 5 | A | E | C | 4 | B | 9 | 6 |
| B | C | 7 | E | 1 | 4 | 2 | 9 | 3 | 0 | 6 | D | 5 | A | 8 |
| 3 | 2 | 5 | 4 | 0 | C | 1 | 7 | 9 | 6 | D | E | 8 | B | A |
| 8 | 7 | 4 | 3 | 6 | E | 5 | 2 | B | A | 1 | 0 | 9 | D | C |
| C | D | 1 | B | A | 9 | 6 | 4 | 8 | 2 | 7 | 3 | 0 | 5 | E |
| A | E | B | 2 | 8 | 1 | D | 0 | C | 4 | 9 | 5 | 6 | 7 | 3 |
| 6 | 0 | 9 | 5 | 7 | D | A | 3 | E | C | B | 8 | 1 | 2 | 4 |
| 2 | 5 | C | 7 | B | A | 4 | 8 | D | 1 | 0 | 6 | 3 | E | 9 |
| E | B | A | 9 | 4 | 2 | 7 | 6 | 5 | 3 | 8 | C | D | 1 | 0 |
| 4 | 6 | 0 | D | C | 5 | 3 | E | 1 | 9 | A | 7 | 2 | 8 | B |
| D | 9 | 3 | 1 | E | 8 | C | B | 0 | 5 | 4 | 2 | A | 6 | 7 |
| 7 | 1 | 8 | 6 | 3 | 0 | 9 | A | 2 | D | E | B | C | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ

ମହାଶୟ,

ନିର୍ବାଚନ ପାଖେଇ ଆସିଲେ ସରକାର ଅନେକ ଜନହିତକାରୀ ଯୋଜନା ହାତକୁ ନେଇଥାନ୍ତି। ଏବେ ମନ୍ତ୍ରୀ କହିଲେଣି ଯେ, ପ୍ରତି ଜିଲାର ୨୫୦୦ ସିନିୟର ଚାଷୀଙ୍କୁ ସ୍ମାର୍ଟ ଫୋନ ଦିଆଯିବ। ଠିକ୍ ସମୟରେ ଚାଷୀଙ୍କୁ ବିହନ ଓ କୀଟନାଶକ ମିଳୁନାହିଁ। ଜଳସେଚନର ସୁବିଧା ନାହିଁ। ଫସଲ ଅମଳ ହେଲେ ତାକୁ ରଖିବା ପାଇଁ ଶୀତଳଭଣ୍ଡାର ନାହିଁ। ୨୭ ଲକ୍ଷ ଚାଷୀଙ୍କୁ ଜୁଲାଇ ୩୧ ତାରିଖ ମଧ୍ୟରେ ବୀମାଭୁକ୍ତ କରାଯିବା କଥା, ତାହା ମଧ୍ୟ ହୋଇପାରୁନାହିଁ। ଏଲ୍.ଆଇ. ପଏଣ୍ଟଗୁଡ଼ିକ ଅଚଳ। ଚାଷୀଙ୍କ ପାଇଁ ଯାହା ଦରକାର ତାହା ନ କରି ସ୍ମାର୍ଟଫୋନ ଯୋଗାଇବାକୁ ସରକାର କାହିଁକି ପ୍ରୟାସୀ ବୁଝି ହେଉନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

### ପଥପ୍ରାନ୍ତ ସୁବିଧା କେନ୍ଦ୍ର

ରାଜ୍ୟରେ ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ୩୪ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ହେବାର ଖବର କିଛିଦିନ ତଳେ ପ୍ରକାଶ ପାଇଥିଲା। ଯେ କୌଣସି ପର୍ଯ୍ୟଟନସ୍ଥଳରେ ଦ୍ୱାରଦେଶରେ ଟଏଲେଟ ରହିବା ସାଧାରଣ କଥା। କିନ୍ତୁ କେନ୍ଦ୍ର ଖୋଲିଦେଲେ କାମ ସରିଯାଏ ନାହିଁ। ଏହାର ସୁପରିଚାଳନା ପାଇଁ ଜଳସଂଯୋଗ ଥିବା ଓ ଏଗୁଡ଼ିକର ରକ୍ଷଣାବେକ୍ଷଣ ହେବା ଦରକାର। ପୂର୍ତ୍ତବିଭାଗ ଓ ପର୍ଯ୍ୟଟନ ବିଭାଗର ଏ ଦିଗରେ ବହୁ ଦାୟିତ୍ୱ ରହିଛି। ନଚେତ୍ କିଛିଦିନ ଠିକ୍‌ଠାକ୍ ଚାଲିବା ପରେ ସବୁ ଅବ୍ୟବସ୍ଥା ଦେଖାଦେବ। ବିଳମ୍ବରେ ହେଲେ ମଧ୍ୟ ଆମ ସରକାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ସ୍ୱାଗତଯୋଗ୍ୟ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧାମରା ବନ୍ଦରରେ ଚାକିରି ଦେବା ନାଁରେ ଠକେଇ

- ଭଦ୍ରକ ଟାଉନରୁ ଅଭିଯୁକ୍ତ ଗିରଫ
- ମିଳିଥିଲା ନକଲି ନିଯୁକ୍ତି ପତ୍ର
- ୧୨ ଯୁବକଙ୍କ ଥାନାରେ ଅଭିଯୋଗ

ରାଜନଗର, ୬।୧୨ (ଡି.ଏନ୍.ଏ.)

ଧାମରା ବନ୍ଦରରେ ଚାକିରି ଦେବା ନାଁରେ ପ୍ରାୟ ୧୨ ଜଣ ଯୁବକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଛି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ। ଏନେଇ ସେମାନେ ଥାନାରେ ଅଭିଯୋଗ କରିବା ପରେ ବୁଧବାର ବିଳମ୍ବିତ ରାତିରେ ଭଦ୍ରକ ଟାଉନରୁ ଅଭିଯୁକ୍ତଙ୍କୁ ରାଜନଗର ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ସାନ ବଡଗୋପାଳପୁର ପଞ୍ଚାୟତର ଜଗନ୍ନାଥପୁର ଗାଁର ମଳୟ କୁମାର ବଳ। ଏନେଇ ଥାନାରେ ଏକ ମାମଲା (ନଂ -୧୯୭/୨୦୧୮) ରୁଜୁ କରାଯାଇ ମଳୟଙ୍କୁ ଜେରା କରାଯାଉଛି।

ସୂଚନାଯୋଗ୍ୟ, ଭଦ୍ରକର ଧାମରା ବନ୍ଦରରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ବ୍ଲକ ଅନ୍ତର୍ଗତ ନିଗମାନନ୍ଦ ଖଟୁଆ, ଅନ୍ନପୂର୍ଣ୍ଣା ସାହୁ, ଜିତାମିତ୍ର ପରିଡା, ବଂଶୀଧର ମଳିକ, ଦେବେନ୍ଦ୍ର ଦାସ, ପ୍ରଶାନ୍ତ କୁମାର ବାଗ, ବିକ୍ରମ କେଶରୀ ବାଗ, ପ୍ରମୋଦ କୁମାର ବେହେରା, ରଞ୍ଜନ କୁମାର ଦାସ, ସୌରଭ ରାଉତ, ସଂଗ୍ରାମ ରାଉତ ଓ ଦୀପକ କୁମାରଙ୍କଠାରୁ ମଳୟ ପ୍ରାୟ ଲକ୍ଷାଧିକ ଟଙ୍କା ନେଇଥିଲେ। ନଭେମ୍ବର ୧୬ ସୁଦ୍ଧା ବନ୍ଦରରେ ନିଯୁକ୍ତି ନ ମିଳିଲେ ସମସ୍ତଙ୍କ ଟଙ୍କା ଫେରାଇବା ଲାଗି ସେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଗତ ସେପ୍ଟେମ୍ବରରେ ମଳୟ ସେମାନଙ୍କୁ ନିଯୁକ୍ତିପତ୍ର ଦେଇଥିଲେ। ପରେ ଅର୍ଡର ବାତିଲ ହୋଇଥିବା କହି ଡାକଯୋଗେ ନିଯୁକ୍ତି ପତ୍ର ପଠାଇଥିଲେ। କେତେଜଣଙ୍କୁ ୪ ଅକ୍ଟୋବରରେ ଓ ଅନ୍ୟ କେତେଜଣଙ୍କୁ ୧୦ ଅକ୍ଟୋବରରେ ଜଏନିଂ କରିବା ଲାଗି ନିଯୁକ୍ତି ପତ୍ର ସହ ଗେଟପାସ ଡାକଯୋଗ ଆସିଥିଲା। ମାତ୍ର ଯୁବକମାନେ ବନ୍ଦରକୁ ଯିବାପରେ ମିଳିଥିବା ନିଯୁକ୍ତି ପତ୍ର ନକଲି ବୋଲି ଜଣାପଡିଥିଲା। ଥାନାରେ ଅଭିଯୋଗ ହେବା ପରେ ପୋଲିସ ମଳୟଙ୍କ ଫୋନ ଟ୍ରାପ କରି ଭଦ୍ରକ ଟାଉନରୁ ଗିରଫ କରିଛି। ରାଜନଗର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ତାଙ୍କ ପାଖରୁ ଧାମରା ପୋର୍ଟର ବିଭିନ୍ନ ଅଧିକାରୀଙ୍କ ୧୪ ରବରସିଲ, ଜାଲ ନିଯୁକ୍ତିପତ୍ର, ଜାଲ ଗେଟପାସ ଜବତ ହୋଇଛି। ପୂର୍ବରୁ ବହୁ ଲୋକଙ୍କୁ ସେ ଚାକିରି ଦେବା ନାଁରେ ଟଙ୍କା ଠକେଇ କରିଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମନ୍ଦିର ଭିତରେ ମୂର୍ତ୍ତି ପୋଡ଼ିଲେ ଦୁର୍ବୃତ୍ତ

ମହାକାଳପଡା, ୬।୧୨ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତ ଅଧୀନ ସରକାରପଡାସ୍ଥିତ ରାମେଶ୍ୱର ମନ୍ଦିର ମଧ୍ୟରେ ଏକ ଅଘଟଣ ଘଟିଛି। କୌଣସି ଦୁର୍ବୃତ୍ତ ବୁଧବାର ବିଳମ୍ବିତ ରାତିରେ ମନ୍ଦିରକୁ ପ୍ରବେଶ କରି ଶିବ ଲିଙ୍ଗ, ନାଗ ଓ ଅନ୍ୟାନ୍ୟ ଅଳଙ୍କାର ସାମଗ୍ରୀରେ ନିଆଁ ଲଗାଇ ସେଠାରୁ ଫେରାର ହୋଇଯାଇଛି। ଚାଳଛପରରେ ନିର୍ମିତ ଏହି ମନ୍ଦିର ପ୍ରାୟ ୧୫ ବର୍ଷ ପୁରୁଣା ହୋଇଥିବା ବେଳେ କବାଟ ଉପରେ ଥିବା ଫାଙ୍କ ଦେଇ ଦୁର୍ବୃତ୍ତ ଭିତରକୁ ପଶିଥିବା ଆଶଙ୍କା କରାଯାଉଛି। ସକାଳେ ପୂଜକ ମନ୍ଦିରକୁ ପୂଜା କରିବାକୁ ଆସି ମୂର୍ତ୍ତି ପୋଡିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ମାନସିକ ବିକୃତ ନାବାଳକ ଏହି କାଣ୍ଡ କରିଥିବା ଚର୍ଚ୍ଚା ହେଉଛି। ଏହି ଘଟଣା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।



ମନ୍ଦିର ଭିତରେ ପୋଡି ଯାଇଥିବା ମୂର୍ତ୍ତି।

## ସଂକ୍ଷେପରେ

### ଓଳାଭର ହତ୍ୟା ଘଟଣାରେ ମହିଳା ଗିରଫ

ରାଜକନିକା, ୬।୧୨ (ଡି.ଏନ୍.ଏ.): ଗତ ନଭେମ୍ବର ୩୦ରେ ରାଜକନିକା ଥାନା ଅନ୍ତର୍ଗତ ଓଳାଭର ବାଇ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ପରକୀୟା ପ୍ରୀତିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଜଣାପଡିଥିବା ବେଳେ ଏହି ଘଟଣାରେ ମୃତକଙ୍କ ଭାଉଜ ବନ୍ଦନା ବିଜୟ ବାୟ୍ୟାଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ଅପରପକ୍ଷେ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୁରଜିତ୍ ବାୟ୍ୟୀ ସ୍ତ୍ରୀ ଓ ପୁଅ ସହ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଥାନାରେ ମାମଲା (ନଂ-୨୩୦/୧୮)ରୁଜୁ କରିବା ସହ ସୁରଜିତଙ୍କ ବଡ ଭାଇକୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସୂଚନାଯୋଗ୍ୟ, ବିବାହ ପରେ ବନ୍ଦନାଙ୍କ ସହ ଉକ୍ତ ଅଞ୍ଚଳର ସୁରଜିତଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମୃତ ଦିଅର ବିନୋଦ ବାୟ୍ୟୀ ଓ ଶ୍ୱଶୁର ଘର ଲୋକେ ଏହାକୁ ବିରୋଧ କରିଥିଲେ। ଏ ନେଇ ବିନୋଦ ଓ ସୁରଜିତଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଗଣ୍ଡଗୋଳ ଲାଗି ରହିଥିଲା। ଶେଷରେ ସୁରଜିତ ଛୁରି ଭୁସି ବିନୋଦଙ୍କ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ପାଇଁ ଗ୍ରାମବାସୀ ବନ୍ଦନାଙ୍କୁ ଦାୟୀ କରି ମାଡ ମାରିଥିଲେ। ଆହତ ବନ୍ଦନାଙ୍କୁ ପୋଲିସ ଉଦ୍ଧାରକରି ପ୍ରଥମେ ରାଜକନିକା ଓ ପରେ କେନ୍ଦ୍ରାପଡ଼ା ଡାକ୍ତରଖାନାକୁ ପଠାଇଥିଲେ। ବନ୍ଦନା ସୁସ୍ଥହେବା ପରେ ଏବେ ପୋଲିସ ତାଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଛି।

### ଡ. ଆମ୍ବେଡକରଙ୍କ ୬୨ତମ ମହାନିର୍ବାଣ ଦିବସ

କେନ୍ଦ୍ରାପଡା ଅଫିସ, ୬।୧୨– ସହରର କଜଳାସ୍ଥିତ କଂଗ୍ରେସ ଭବନରେ ଭାରତର ସମ୍ବିଧାନ ପ୍ରଣେତା ବାବାସାହେବ ଡା. ଭୀମରାଓ ରାମଜୀ ଆମ୍ବେଡକରଙ୍କ ୬୨ତମ ମହାନିର୍ବାଣ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା କଂଗ୍ରେସର ଅନୁସୂଚିତ ବିଭାଗ ପକ୍ଷରୁ ଆୟୋଜିତ ଏହି ସଭାରେ ସର୍ବେଶ୍ୱର ସେଠୀ ଅଧକ୍ଷତା କରିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେହୁରା, ପରିକ୍ଷିତ ମଲ୍ଲିକ, ମହେନ୍ଦ୍ର ପରିଡା, ଫକିର ଚରଣ ଖଟୁଆ, ପ୍ରଫୁଲ କୁମାର ଦାସ ଓ ସୌମେନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଆମ୍ବେଡକରଙ୍କ ଭାରତ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ସହରର ପୁରୁଣା ବସଷ୍ଟାଣ୍ଡଠାରେ ଏଥିପାଇଁ ଏକ ସଭା ଆୟୋଜନ କରାଯାଇଥିଲା।

## ଗୃହରକ୍ଷୀଙ୍କ ୫୬ତମ ବାର୍ଷିକୋତ୍ସବ

# ହୋମ୍‌ଗାର୍ଡଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା



ହୋମଗାର୍ଡଙ୍କ ପରେଡ।

କେନ୍ଦ୍ରାପଡା ଅଫିସ, ୬।୧୨

କେନ୍ଦ୍ରାପଡା ଜଜାଙ୍ଗସ୍ଥିତ ରିଜର୍ଭ ପୋଲିସ ପଡିଆରେ ଗୃହରକ୍ଷୀଙ୍କ ୫୬ତମ ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଏସ୍‌ପି ନୀତିଶେଖର ଯୋଗଦେଇ ସର୍ବେକ୍ଷଣ ଓ ଅଭିବାଦନ ଗ୍ରହଣ କରିବା ସହ ହୋମ୍‌ଗାର୍ଡଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ହୋମ୍‌ଗାର୍ଡ ଡିଜିଙ୍କର ବାର୍ତ୍ତା ପାଠ କରିଥିଲେ। ଉତ୍ସବରେ ଡିଏସ୍‌ପି ଜୟନ୍ତ ମହାପାତ୍ର,କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସଡିପିଓ ଉମାଶଙ୍କର ମହାରଣା ଓ ବିଭିନ୍ନ ଥାନା ଅଧିକାରୀ ଉପସ୍ଥିତ ଥିଲେ। ବାର୍ଷିକୋତ୍ସବରେ ହୋମଗାର୍ଡଙ୍କ ପକ୍ଷରୁ ପ୍ୟାରେଡ ଆୟୋଜିତ ହୋଇଥିଲା। ଏହି ପ୍ୟାରେଡକୁ ପ୍ଲାଟୁନ କମାଣ୍ଡର ନାରାୟଣ ଜେନା ଓ ସେକେଣ୍ଡ ପ୍ଲାଟୁନ କମାଣ୍ଡାଣ୍ଟ ନରେଶ ଚନ୍ଦ୍ର ଶତପଥୀ ପରିଚାଳନା କରିଥିଲେ। ଏଥିରେ ଜିଲାର ୪୬ ହୋମଗାର୍ଡ ସାମିଲ ହୋଇଥିଲେ।

# ସିପିଆଇ(ଏମ୍)ର କଳା ଦିବସ ପାଳନ

କେନ୍ଦ୍ରାପଡା ଅଫିସ, ୬।୧୨

ଅଯୋଧ୍ୟାସ୍ଥିତ ବାବ୍‌ରୀ ମସଜିଦ ଭଙ୍ଗାକୁ ଗୁରୁବାର ୨୬ ବର୍ଷ ପୂରିଛି। ଏହି କାର୍ଯ୍ୟକୁ ନିନ୍ଦା କରାଯାଇ ସିପିଆଇ(ଏମ୍) କେନ୍ଦ୍ରାପଡା ଜିଲା କମିଟି ପକ୍ଷରୁ କଳାଦିବସ ପାଳନ କରାଯାଇଛି। ସହରର ଖଡିଅଙ୍ଗସ୍ଥ କାର୍ଯ୍ୟାଳୟରେ ଏନେଇ ଏକ ପ୍ରତିବାଦ ସଭା କରାଯାଇଛି। ବରିଷ୍ଠ ସଦସ୍ୟ ବାବାଜୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଘ ପରିବାର ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଦେଶକୁ ଭାଷା, ଜାତି, ଧର୍ମ, ସମ୍ପ୍ରଦାୟ ନାମରେ ଭାଗ କରିବାକୁ ଉଦ୍ୟମ କରାଯାଉଛି ବୋଲି ସଭାରେ ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ବରିଷ୍ଠ ସଦସ୍ୟ ଗୟାଧର ଧଳ, ଉମେଶ ଚନ୍ଦ୍ର ସିଂହ, ଜଗଜୀବନ ଦାସ, ମାଧବ ଦାସ, ଗଙ୍ଗାଧର ମଳିକ, ଦାମୋଦର ଧଳ, ଭୀମସେନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।





ଦଲିଲ୍ ହଜିଛି

ମୁଁ ଶ୍ରୀମତୀ ସୁଜାତା ସୁବୁଦ୍ଧି, ସ୍ୱାମୀ- ବି. ଅନନ୍ତ ପଦ୍ମନାଭ ସୁବୁଦ୍ଧି, ପେସା: ବ୍ୟବସାୟ, ବର୍ତ୍ତମାନ ବାସିନ୍ଦା: ରସୁଲଗଡ଼, ପୋଷ୍ଟ- ମଞ୍ଚେଶ୍ୱର, ଥାନା- ଶହୀଦନଗର, ଜିଲ୍ଲା- ଖୋର୍ଦ୍ଧା ମୋର ଜମି କାଗଜପତ୍ର ଅର୍ଥାତ୍ ମୋ ସପକ୍ଷରେ ସର୍ବେଶ୍ୱର ରାଉତଙ୍କ ଦ୍ୱାରା ସ୍ୱାକ୍ଷରିତ "ପଞ୍ଜୀକୃତ ବିକ୍ରି କବଲା" ସଂଖ୍ୟା- ୮୧୫୧, ତାରିଖ: ୦୮।୧୧।୧୯୭୬ ଏବଂ ରାଜେନ୍ଦ୍ର କୁମାର ପାତ୍ରଙ୍କ ନାମରେ ଥିବା ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ "ଅଧିକାରର ଅଭିଲେଖ" ଖାତା ସଂଖ୍ୟା- ୩୧୪, ପ୍ଲଟ୍ ନଂ.- ୫୩୨/୧୦୨୬ ହଜିଯାଇଛି।
ଏହି ଦୁଇଟି ଦଲିଲ୍ ମୋ ଜମି ଏସିଓ-୧୪୨ ଏ/ସି ମୌଜା:- ବମିଖାଲ, ଭୁବେନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ପାଇଁ ଅଟେ। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍ ପାଇଥାନ୍ତି ତେବେ ଦୟାକରି ମୋବାଇଲ ନଂ.- 8249447728ରେ ସୂଚିତ କରନ୍ତୁ। କଥିତ ଦଲିଲ୍‌ର ଅପବ୍ୟବହାର ପାଇଁ ମୁଁ ଦାୟୀ ରହିବି ନାହିଁ।

CLASSIFIED DISPLAY













ସିଣ୍ଡିକେଟ୍ ବ୍ୟାଙ୍କ
सिंडिकेटबैंक SyndicateBank
ବିଶ୍ୱସନୀୟ, ମୈତ୍ରୀପୂର୍ଣ Faithful. Friendly
भारत सरकार का उपक्रम A Govt. of India Undertaking
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ସିଣ୍ଡିକେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହାଅଛି ଭିତ୍ତିରେ" ଇ-ନିଲାମ କରାଯିବ।

| ଶାଖା / ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ମୋଟ ବକେୟା/ ଡିମାଣ୍ଡ ନୋଟିସ୍/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| ପୁରୀ ଶାଖା / ରଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ସାହୁ, ସ୍ୱାମୀ: ଯଯାତି କେଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା / ଗ୍ୟାରେଣ୍ଟିଦାତା: ରଶ୍ମିତା କୁମାରୀ ଆଚାର୍ଯ୍ୟ, ପିତା: ଯଯାତି କଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ଖାତା ନଂ.: ୧୬୫/୭୯୩, ହାଲ୍ ଖାତା ନଂ.: ୧୬୫/୧୨୧୦, ସାବକ ପ୍ଲଟ୍ ନଂ.: ୧୬୯/୧୫୪୯, ହାଲ୍ ପ୍ଲଟ୍ ନଂ.: ୧୭୧/୨୦୧୦, ୧୬୯/୨୦୧୧, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୩, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୬, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୪, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୨ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୮୩୭/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| ପୁରୀ ଶାଖା / ରଣଗ୍ରହୀତା: ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟ, ପିତା: ଯଯାତି କେଶରୀ ଆଚାର୍ଯ୍ୟ, ମାର୍ଫତ: ହୋଟେଲ୍ ସୁକନ୍ୟା, ସା/ପୋ.: ଚକ୍ରତୀର୍ଥ ରୋଡ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / ଗ୍ୟାରେଣ୍ଟିଦାତା: ଶ୍ରୀ ତପନ କୁମାରୀ ପାଣିଗ୍ରାହୀ, ପିତା: ଶ୍ରୀଧର ପାଣିଗ୍ରାହୀ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୨/୧୨୦୨, ପ୍ଲଟ୍ ନଂ.: ୧୬୯/୨୦୦୨, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୨, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୭, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୩, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୧ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୯୯୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| ପୁରୀ ଶାଖା / ରଣଗ୍ରହୀତା: ଶ୍ରୀ ଦୁଲ୍ଲାଲ ରାୟ, ପିତା: ଚିତ୍ତରଞ୍ଜନ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଷଷ୍ଠୀ ରାୟ, ସ୍ୱାମୀ: ଶ୍ରୀ ଦୁଲ୍ଲାଲ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା | ଶ୍ରୀ ଦୁଲ୍ଲାଲ ରାୟଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨, ପ୍ଲଟ୍ ନଂ.: ୧୯୮, ମୌଜା: ଭାରଥୀପୁର, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୯୮ (ବିକ୍ରେତାର ଅଂଶ), ଉତ୍ତର: ବସ୍ତି ପ୍ଲଟ୍ ନଂ.: ଡି-୧, ଡି-ବିକ୍ରେତା, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ଡି-୧, ବି-ଶକୁନ୍ତଳା ମିଶ୍ର । | ଟ.୧୦,୩୫,୦୦୦/- / ଟ.୧,୦୩,୫୦୦/- / ଟ.୧୦,୦୦୦/- | ଟ.୧୬,୭୧,୮୨୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| ପୋଡାଡିହ ଶାଖା / ରଣଗ୍ରହୀତା: ମେସର୍ସ ସୀତା ସର୍ଭିସ୍ ଷ୍ଟେସନ୍, ସ୍ୱତ୍ତ୍ୱାଧିକାରୀ : ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ, ସା./ପୋ.: ପାଟପୁର, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ ସମ୍ପତ୍ତିର ମାଲିକ: ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ / ଗ୍ୟାରେଣ୍ଟିଦାତା: କସ୍ତୁରୀ ମାଝି, ସା.: ଅଦାପାଳ, ପୋ.: କୁଆଳିଆ, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ ଶ୍ରୀ ରବିନ୍ଦ୍ର ନାଥ ଦାସ, ସା: ଦୂତୀକାଦେଇପୁର, ପୋ.: ଭୀମହାତୀ, ଭାୟ : ଉଦଳା, ଜିଲ୍ଲା : ମୟୂରଭଞ୍ଜ | ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଟପୁର, ଖାତା ନଂ.: ୧୯, ପ୍ଲଟ୍ ନଂ.: ୩୪୫, କ୍ଷେତ୍ର: ଏକର ୦.୧୯ ଡ଼ିସିମିଲି, କିସମ: ଘରବାରୀ, ପୋ.: ପୋଡାଡିହ, ତହସିଲ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ଜମି (ପ୍ଲଟ୍ ନଂ.: ୩୪୪), ପଶ୍ଚିମ: ପିଡବ୍ଲୁଡି ରୋଡ୍, ଉତ୍ତର: ସରକାରୀ ଜମି (ପ୍ଲଟ୍ ନଂ.: ୩୦୨), ଦକ୍ଷିଣ: ନିଜସ୍ୱ ଜମି (ପ୍ଲଟ୍ ନଂ.: ୩୪୬) | ଟ.୨୪,୭୫,୦୦୦/- / ଟ.୨,୪୭,୫୦୦/- / ଟ.୧୦,୦୦୦/- | ଟ.୬୮,୮୫,୦୫୫/- / ୩୧.୦୧.୨୦୧୨ / ୧୩.୦୯.୨୦୧୨ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

ନିୟମ ଓ ସର୍ତ୍ତାବଳୀ :
୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହାଅଛି ଭିତ୍ତିରେ" ସମ୍ପନ୍ନ ହେବ।
୨) ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୬.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ। ଇ-ନିଲାମ ତାରିଖ ଓ ସମୟ: ତା.୨୯.୧୨.୨୦୧୮ରିଖ ପୂର୍ବାହ୍ନ ୧୦.୦୦ ରୁ ମଧ୍ୟାହ୍ନ ୧୨.୦୦ ଘଟିକା।
୩) ଇଚ୍ଛୁକ ନିଲାମଧାରୀମାନେ ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ ସିଣ୍ଡିକେଟ୍ ବ୍ୟାଙ୍କ (ସମ୍ପୃକ୍ତ ରଣଗ୍ରହୀତା) ସପକ୍ଷରେ ଅମାନତ ଜମା ରାଶି ରୂପେ ଡ଼ିମାଣ୍ଡ ଡ୍ରାଫ୍ଟ ତ୍ତ କରି ପୈଠ କରିପାରିବେ।
୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନ୍‌କମ୍ବ୍ରାନ୍‌ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ। ସମ୍ପତ୍ତି ତା.୨୦.୧୨.୨୦୧୮ ଏବଂ ୨୧.୧୨.୨୦୧୮ରିଖ ଅପରାହ୍ନ ୨.୦୦ଘଟିକା ରୁ ୪.୦୦ଘଟିକା ମଧ୍ୟରେ ତନଖି କରିପାରିବେ।
୫) ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗଇନ୍ ଆଇଡି, ପାସୱାର୍ଡ, ଡାଟା ଅପଲୋଡ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ M/s. e-Procurement Technologies Limited, (Auctiontiger) Ahmedabad ଙ୍କ ସହ ଯୋଗାଯୋଗ କରିପାରନ୍ତି। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ https://syndicatebank.auctiontiger.net ରେ ପଞ୍ଜୀକରଣ କରି ୟୁଜର ଆଇଡି, ପାସୱାର୍ଡ ଏବଂ ଇ-ନିଲାମ ତାଲିମ M/s. e-procurement Technologies Ltd. (Auctiontiger) Ahmedabad ରୁ ମାଗଣାରେ ପାଇପାରିବେ: ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ.: ୦୮୦୦୦୦୨୩୨୯୭, ରାକେଶ, ମୋ.: ୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, ଶ୍ରୀ ରିକିନ୍, ମୋ.: ୦୯୯୭୮୫୯୧୮୮୮, E-mail ID: orissa@auctiontiger.net, rikin@auctiontiger.net & support@auctiontiger.net ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: ୯୪୩୭୪୬୩୧୩୩ ଏବଂ ୯୪୩୭୫୬୭୯୫୩୧ ରେ ଯୋଗାଯୋଗ କରନ୍ତୁ: E-mail id: ro.bhubaneswar@syndicatebank.co.in
୬) ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ https://syndicatebank.auctiontiger.net ଦେଖନ୍ତୁ।
୭) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ୭୫% ରାଶି ବିକ୍ରୟର ୧୫ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୮) କ୍ରେତା ପ୍ରଜୁର୍ଯ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ, ତାହା ବହନ କରିବେ।
୯) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।
୧୦)ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା 194 IA ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ 26QB ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୧୮ — କ୍ଷମତାପ୍ରାପ୍ତ ଅଧିକାରୀ, ସିଣ୍ଡିକେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ୫୨୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ରଘୁନାଥପୁର,୬।୧୨(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ଜ୍ୟୋତି ମହାସଂଘ ସଭାଗୃହରେ ଗୁରୁବାର ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକଙ୍କ ଦ୍ୱାରା ୫୨୬ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭା ଏସ୍‌ଇଓ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ତେଜାଲିନ ମହାପାତ୍ର, ଗୌତମ ପାଲିତ, ବିଡିଓ ପଞ୍ଚାନନ ପଟାୟତ ଓ ଏବିଡିଓ ଅଶୋକ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### କଂଗ୍ରେସର କର୍ମୀ ସମାବେଶ

**କୁଜଙ୍ଗ,୬।୧୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ଫତେପୁର ପଞ୍ଚାୟତରେ କଂଗ୍ରେସର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ସମ୍ପାଦକ ପ୍ରମୋଦ କିଶୋର ଜେନା ଯୋଗଦେଇ କର୍ମୀଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ଏହି ଅଞ୍ଚଳରେ କିପରି ଦଳ ଅଧିକ ସଂଗଠିତ ହୋଇପାରିବ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ନୀରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଯୁବନେତା ସୌମ୍ୟରଞ୍ଜନ ରାଉତ(ମିଟୁ), ଯୁବ ସଂଗଠନ ସଭାପତି ସନ୍ତୋଷ ବିଶ୍ୱାଳ, ମହାଦେବ ପ୍ରଧାନ, ଶଙ୍ଖନାଦ ସ୍ୱାଇଁ, ଅନାମ ରାଉତ, ମଥୁରାନନ୍ଦ ରାଉତ, ଜୁମର ମହାପାତ୍ର, ଶିଶିର ସ୍ୱାଇଁ, ବିଜୟ ସାମନ୍ତରାୟ, ଜୟୀରାମ ବିଶ୍ୱାଳ, କେଶବ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

### ବଡ଼ଭାଇଙ୍କ ଏକାଦଶାହରେ ସାନଭାଇଙ୍କ ମୃତ୍ୟୁ

**କୁଜଙ୍ଗ,୬।୧୨(ସ୍ୱ.ପ୍ର.):** ବିଶ୍ୱାଳି ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ଭାଇଙ୍କ ଏକାଦଶାହରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ଗ୍ରାମର ଚନ୍ଦ୍ରମଣି ରାଉତଙ୍କ ଏକାଦଶାହ ଥିଲା। ଏହି ଅବସରରେ ନୀତି ଅନୁଯାୟୀ ସମସ୍ତ କ୍ରିୟାକର୍ମ, ଶୋକସଭା ଓ ଭୋଜିଭାତ ହୋଇଥିଲା। ତେବେ ଏହି ସମୟରେ ଆକସ୍ମିକ ଭାବେ ଚନ୍ଦ୍ରମଣିଙ୍କ ଭାଇ ସୁନ୍ଦରା ରାଉତ(୮୫)ଙ୍କ ଦେହାନ୍ତ ହୋଇଥିଲା।

■ ଏବିଡିଓ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି

# ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ, ହିତାଧିକାରୀ ନିରାଶ

■ଯୋଗାଣ ନିରୀକ୍ଷକଙ୍କ ବଦଳି ପରେ ନୂତନ ନିଯୁକ୍ତି ହୋଇନି
■ଦୀର୍ଘଦିନ ହେଲା ସିଡିପିଓ ପଦବୀ ଖାଲି

**ତିର୍ତ୍ତୋଲ,୬।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକରେ ଦୀର୍ଘଦିନ ହେଲା ଏବିଡିଓ ପଦବୀ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡିଛି। ଫଳରେ ବ୍ଲକର ପ୍ରଶାସନିକ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ ହିତାଧିକାରୀ ବିଭିନ୍ନ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ଯୋଗାଣ ନିରୀକ୍ଷକ ପଦବୀ ଖାଲିପଡିଛି। ଯୋଗାଣ ନିରୀକ୍ଷକଙ୍କ ଅନ୍ୟତ୍ର ବଦଳି ପରେ ତାଙ୍କ ସ୍ଥାନରେ କେହି ନିଯୁକ୍ତି ପାଇନାହାନ୍ତି। ଏବେ ଏରସମାର ଯୋଗାଣ ନିରୀକ୍ଷକ ଏଠାରେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେ ସପ୍ତାହକୁ ମାତ୍ର ଦିନେ ଦୁଇ ଦିନ ଏଠାକୁ ଆସୁଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀ ସେମାନଙ୍କର ନାମ ଏହି ଯୋଜନାରେ ସାମିଲ କରିବାକୁ ଦରଖାସ୍ତ ଆଣି ବାରମ୍ବାର ଫେରୁଛନ୍ତି। ସେହିପରି ସିଡିପିଓ ପଦବୀ ଦୀର୍ଘଦିନ ହେବ ଖାଲିପଡିଛି। କୁଜଙ୍ଗ ସିଡିପିଓ ଅତିରିକ୍ତ ଭାବେ ଏଠାରେ ଦାୟିତ୍ୱରେ ଅଛନ୍ତି। ସପ୍ତାହକୁ ମାତ୍ର ଦୁଇତିନି ଦିନ ଏଠାକୁ ଆସୁଥିବାରୁ ଠିକ୍ ଭାବେ କାର୍ଯ୍ୟ ହୋଇପାରୁନି। ସେହିପରି ବ୍ଲକ ଶିଳ୍ପ ସମ୍ପ୍ରସାରଣ ଅଧିକାରୀ, ସମବାୟ ସମ୍ପ୍ରସାରଣ ଅଧିକାରୀ, ଆକାଉଣ୍ଟାଣ୍ଟ, ସାମାଜିକ ସମ୍ପ୍ରସାରଣ ଅଧିକାରୀ, ବରିଷ୍ଠ କିରାଣି ପଦବୀ ଖାଲି ରହିଛି । ଏହିସବୁ ପଦବୀ ପୂରଣ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ କାର୍ଯ୍ୟାଳୟ ଉଦ୍‌ଘାଟିତ



ଅତିଥି ସୁଶ୍ରୀ ଶୁଭଶ୍ରୀର କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି।

**ତିର୍ତ୍ତୋଲ,୬।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ସାଗବାରିଆ ଠାରେ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବରିଷ୍ଠ ଆଇନଜୀବୀ ବୈଷ୍ଣବ ଚରଣ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଅନୁଷ୍ଠାନର ସଭାପତି ପ୍ରେମଚରଣ ରାଉତଙ୍କ ସଭାପତିତ୍ୱରେ ଆସନ୍ତା ୨୫ ତାରିଖରେ ହେବାକୁଥିବା ବାର୍ଷିକୋତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଏମପି ତଥା ସାହିତ୍ୟିକ ବୈଷ୍ଣବ ଚରଣ ପରିଡାଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତା, ପୂର୍ବତନ ଜିଲାପରିଷଦ ସଭ୍ୟ ହେମନ୍ତ କୁମାର ନାୟକ, ମୁଖ୍ୟ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ସୁଶୀଲ କୁମାର ମହାନ୍ତି, ନଗେନ୍ଦ୍ରନାଥ ସ୍ୱାଇଁ, କୈଳାସ ଚନ୍ଦ୍ର ପ୍ରଧାନ, ସଂଗ୍ରାମ କେଶରୀ ସ୍ୱାଇଁ, ବାବାଜୀ ଚରଣ ମଲ୍ଲିକ, ନିତ୍ୟାନନ୍ଦ ନାୟକ, ଶ୍ୟାମସୁନ୍ଦର ବେହେରା, ବିନୋଦ ବିଶ୍ୱାଳ, ପ୍ରଦୀପ୍ତ କୁମାର ଦାସ, ନୀଳମଣୀ ମଲ୍ଲିକ, ବିପ୍ଳବ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସଂସଦର ମୁଖପତ୍ର ସୁଶ୍ରୀ ଶୁଭଶ୍ରୀ ପ୍ରକାଶିତ କରିବାକୁ ସ୍ଥିର ହୋଇଥିଲା।

## ଛାତ୍ରୀଙ୍କ ଫଟୋ ଭାଇରାଲ: ୨ ଗିରଫ

**ସାଲେପୁର,୬।୧୨(ଡି.ଏନ.ଏ.)**

ଜଗତ୍‌ପୁର ଥାନା ଅଞ୍ଚଳର ଜଣେ ସ୍କୁଲ୍ ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭାଇରାଲ୍ ହୋଇଛି। ଏନେଇ ଛାତ୍ରୀଙ୍କ ବାପା ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଦୁଇ ଜଣ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ଏ ନେଇ ଏକ ମାମଲା ନଂ–୩୬୧/୧୮ ରୁଜୁ ହୋଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲିଟିଛି। ଅଭିଯୋଗ ଅନୁସାରେ, ଛାତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅଞ୍ଚଳର ଜଣେ ଯୁବକ ତାଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ପରେ ଛାତ୍ରୀଙ୍କ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥିଲେ। କିଛିଦିନ ପରେ ଛାତ୍ରୀ ଜଣଙ୍କ ତାଙ୍କଠାରୁ ଦୂରେଇ ଯିବାରୁ ସମ୍ପୃକ୍ତ ଯୁବକ ବୁଧବାର ସେହି ଫଟୋକୁ ତାଙ୍କର ୨ ସାଙ୍ଗଙ୍କ ନିକଟକୁ ପଠାଇଥିଲେ। ପରେ ଜଣେ ସାଙ୍ଗ ସେହି ଫଟୋକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଥିଲେ। ଏ ସମ୍ପର୍କରେ ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି, ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ଅନୁସାରେ ଛାତ୍ରୀଙ୍କ ସହ ସମ୍ପର୍କ ରଖିଥିବା ଯୁବକ ଓ ତାଙ୍କ ସାଙ୍ଗଙ୍କୁ ଗିରଫ କରାଯାଇଛି। ଖୁବ୍‌ଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ ପଡ଼ିଲେ ହରିଙ୍କି ଭଜ**
**ଆତଙ୍କ ସରିଲେ ସଙ୍ଗିନୀ ଖୋଜ ।**

ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ କେତେଜଣ ବ୍ୟକ୍ତି ଭଗବାନଙ୍କ ପାଖରେ ମାନସିକ ଯାଚିଥାନ୍ତି। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଧ୍ୟାନ ଦେଇ ନ ଥାନ୍ତି। ବିପଦ ବେଳେ ଭଗବାନଙ୍କ ପାଖରେ ଅଧିଆ ପଡ଼ିଥିବା ବ୍ୟକ୍ତି ପରମୁହୂର୍ତ୍ତରେ ସେସବୁ ପାସୋରି ଦେଇ ଚିରାଚରିତ ଅନ୍ୟାୟ ଅନୀତି ବାଟ ଆପଣେଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ହୋଇ କହେ କଥା**
**ଗୁଞ୍ଚି ମାରି କାଟେ ମଥା ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ। ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ମୁହଁରେ ହସ ପେଟରେ ବିଷ ଭଳି ଉପରେ ଆପଣାର ଭାବ ଦେଖାଇ ଏଭଳି ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏପରି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ସରପଞ୍ଚଙ୍କୁ ଦୁର୍ବ୍ୟବହାର, ଯୁବକ ଅଟକ

**ନାଉଗାଁ ୬।୧୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତର ସରପଞ୍ଚ ଅମିନା ସ୍ୱାଇଁଙ୍କୁ ସେହି ଗ୍ରାମର ଜଣେ ଯୁବକ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ସରପଞ୍ଚ ସ୍ୱାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଏମ୍‌ଜିଏନଆରଇଜିଏସ ଆକ୍ସନ ପ୍ଲାନ ପ୍ରସ୍ତୁତ କରୁଥିଲେ। ସେହି ସମୟରେ ଉକ୍ତ ଗ୍ରାମର ଜ୍ୟୋତିରଞ୍ଜନ ମହାନ୍ତି (ବନ୍ଦନ) ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିଲେ। ଏପରିକି ଭୁଜାଲି ଦେଖାଇ କାର୍ଯ୍ୟାଳୟରେ ଥିବା ୨୨ ହଜାର ଟଙ୍କା, ସ୍ୱାଇଁଙ୍କ ବେକରୁ ସୁନା ଚେନ୍ ନେଇଯାଇଥିଲେ ବୋଲି ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା (ନଂ. ୧୪୧/୧୮) ରୁଜୁ କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖିଥିବା ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି।

## ବେଆଇନ୍ ଇଟାଭାଟିରେ ଚଢ଼ାଉ, ୬ ଅଟକ

**କୁଜଙ୍ଗ,୬।୧୨(ସ୍ୱ.ପ୍ର):** କୁଜଙ୍ଗ ଥାନା ଅନ୍ତର୍ଗତ ଅଗପାଳ ପଞ୍ଚାୟତ କଳଦୀପ ଗ୍ରାମର ୬ ଜଣ ବ୍ୟକ୍ତି ମହାନଦୀ ପଠାରେ ନିଜସ୍ୱ ଜମି ସହ ସରକାରୀ ଜମି ଦଖଲ କରି ବେଆଇନ୍ ଇଟାଭାଟି କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଗୁରୁବାର ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ତାଳଦଣ୍ଡା ରାଜସ୍ୱ ନିରୀକ୍ଷକ ସତ୍ୟଜିତ ସାହୁ ପ୍ରମୁଖ ଚଢ଼ାଉ କରି ଇଟାଭାଟି ବନ୍ଦ କରିବା ସହ ୬ଜଣଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପ୍ରକାଶ ଯେ, ବେଆଇନ୍ ଇଟାଭାଟି ଯୋଗୁ ସେଠାରେ ମହାନଦୀ କ୍ରମଶଃ କୂଳ ଖାଇବା ସହ ସ୍ଥାନୀୟ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏହାବାଦ୍ କୁଜଙ୍ଗ ତହସିଲ ଅଞ୍ଚଳର ଅନ୍ୟାନ୍ୟ ସ୍ଥାନରେ ବ୍ୟାପକ ବେଆଇନ୍ ଇଟାଭାଟି ଗଢିଉଠିଛି। ଏଥିପ୍ରତି ତହସିଲଦାର ଦୃଷ୍ଟି ଦେବାକୁ ଦାବି ହୋଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା
ଶିଥିଳତା
ଧାତୁ ପତଳା
ଶିଘ୍ର ପତନ
ପରିସ୍ରାରେ ଧାତୁ
ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା
ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା: ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

# CLASSIFIED DISPLAY

ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଆଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ଼। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ଼। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ଼। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଳ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline 18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ଫ୍ଲାଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ

### ଦୁର୍ଘଟଣା ରୋକିବାକୁ ଆକ୍ସନ ପ୍ଲାନ

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାର ଜାତୀୟ ହାର ଅନୁଯାୟୀ ଓଡିଶା ବର୍ତ୍ତମାନ ୬ନମ୍ବର ସ୍ଥାନରେ ରହିଛି। ଦୁର୍ଘଟଣାଜନିତ ମୃତ୍ୟୁର ଜାତୀୟ ହାର ହ୍ରାସ ପାଉଥିବାବେଳେ ଓଡିଶାରେ ବୃଦ୍ଧି ପାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ। ମୃତ୍ୟୁ ସଂଖ୍ୟା ହ୍ରାସ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ ନିମନ୍ତେ ସ୍ୱାସ୍ଥ୍ୟ, ଅବକାରୀ, ଗୃହ, ନଗର ଉନ୍ନୟନ, ଉଚ୍ଚଶିକ୍ଷା, ପୂର୍ତ୍ତ ବିଭାଗ ସହ ରାଜ୍ୟ ଏନ୍ଏଚ୍ଆଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷାକରି ଏକ ସୁଚିନ୍ତିତ ଆକ୍ସନ ପ୍ଲାନ ପ୍ରସ୍ତୁତ ହେବ। ଏହି ଦାୟିତ୍ୱ ପରିବହନ କମିଶନରଙ୍କ ହାତରେ ନ୍ୟସ୍ତ କରାଯାଇଛି। ସବୁ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇ ପରିବହନ କମିଶନରଙ୍କୁ ଜଣାଯିବ। ସମସ୍ତଙ୍କ ରିପୋର୍ଟ ମିଳିବାପରେ ଆସନ୍ତା ୧୫ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପରେ ସେହି ବିଜ୍ଞପ୍ତିକୁ ସୁପ୍ରିମକୋର୍ଟଙ୍କ କମିଟି ନିକଟକୁ ପଠାଯିବ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ଠାରୁ ଜଣାପଡିଛି।

### କଟକରେ ଶୁଭିଲା ଦାମଙ୍କ ଗର୍ଜନ

ମୁଖ୍ୟମନ୍ତ୍ରୀଙ୍କୁ କହିଲେ ଦୁର୍ନୀତିର ଖଳନାୟକ

**କଟକ ଅଫିସ, ୬।୧୨:** ରାଜ୍ୟରେ ଏକ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ଆଉ ଖୋଦ୍ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଦୁର୍ନୀତିର ଖଳନାୟକ। ମୁଁ ଦୁର୍ନୀତିକୁ ବିରୋଧ କରିବାରୁ ମୋତେ ମନ୍ତ୍ରିମଣ୍ଡଳ ଓ ଶେଷରେ ଦଳରୁ ବହିଷ୍କୃତ ହେବାକୁ ପଡ଼ିଲା ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ। ଗୁରୁବାର ସନ୍ଧ୍ୟାରେ କଲେଜଛକଠାରେ ଆୟୋଜିତ ସଭାରେ ଏପରି ବକ୍ତବ୍ୟ ରଖିବା ସହ ସେ ସରକାର, ମୁଖ୍ୟମନ୍ତ୍ରୀ ଓ କେତେଜଣ ବିଜେଡି ନେତାଙ୍କ ଉପରେ ଗର୍ଜିଥିଲେ। ରାଜ୍ୟ ଋଣଭାରରେ ବୁଡ଼ିଥିବା କହି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ 'ଦୁର୍ନୀତି ଓ ଭ୍ରଷ୍ଟାଚାର ଶାସନ ବିରୋଧରେ ସୂଚନା ଅଧିକାର ଆଇନର ଭୂମିକା' ଉପରେ ଏହି ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ରାଉତ କହିଲେ, ରାଜ୍ୟରେ ସରକାରୀ କ୍ଷେତ୍ରରେ ୧ ଲକ୍ଷ ୧୪ହଜାର ପଦବୀ ଫାଙ୍କା ପଡ଼ିଥିବାବେଳେ ୬୦ହଜାର ବେକାର ଯୁବତୀ ଯୁବକ ଚାକିରି ଅନ୍ୱେଷଣରେ ବୁଲୁଛନ୍ତି। ହେଲେ ସରକାର ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହି ଅବସରରେ ସେ ସିଧାସଳଖ ମନ୍ତ୍ରୀ ପ୍ରତାପ ଜେନା ଓ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ଟାର୍ଗେଟ କରିଥିଲେ। ଉଭୟେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଭୁଲି ଦାମ ଦଳନରେ ବ୍ୟସ୍ତ ଥିବା ସେ କହିଥିଲେ। ଏଥିସହ ଚାରା ଦୁର୍ନୀତିଠାରୁ ଆରମ୍ଭ କରି ଖଣି, ବ୍ଲାକ୍‌ରୋଜ, ଡାଲି ଦୁର୍ନୀତି ଆଦି ପ୍ରସଙ୍ଗ ଉଠାଇଥିଲେ ଡା. ରାଉତ। ତେବେ ଦାମଙ୍କ ଏହି ମନ୍ତବ୍ୟ ସଂକ୍ରାନ୍ତରେ ପଚାରିବାରୁ ମନ୍ତ୍ରୀ ଜେନା ଏହାକୁ ଅତ୍ୟନ୍ତ ହାଲ୍‌କା ଭାବେ ଗ୍ରହଣ କରିଥିଲେ। ରାସ୍ତାରେ ଯାଉଥିବା ଲୋକ ଯଦି ମୋତେ ଗାଳିଦିଏ ତେବେ ମୁଁ କ'ଣ ତା' ଉପରେ ପ୍ରତିକ୍ରିୟା ଦେବି ବୋଲି ସେ କହିଥିଲେ। ବିଧାୟକ ସାମନ୍ତରାୟ ମଧ ଅନୁରୂପ ଢଙ୍ଗରେ ପ୍ରତିକ୍ରିୟା ଦେଇ କହିଲେ, ଦାମଙ୍କ କଥାକୁ ଲୋକେ ଗ୍ରହଣ କରୁନାହାନ୍ତି। ସେ ଯାହା କହିବା କଥା କହିଚାଲନ୍ତୁ ବୋଲି ସାମନ୍ତରାୟ କହିଥିଲେ। ଏହି ସଭାରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକ, ଆଡ୍‌ଭୋକେଟ ସୁଧୀର ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ ସରକାରଙ୍କ କାର୍ଯ୍ୟଧାରା ସମ୍ପର୍କରେ କହିବା ସହ ପ୍ରବଳ ବର୍ଷିଥିଲେ।

### ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ କରି ଯୁବକ ଗିରଫ

**ଝାରସୁଗୁଡ଼ା ଅଫିସ,୬।୧୨:** ସୋସିଆଲ ମିଡିଆରେ ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ କରିବା ଅଭିଯୋଗରେ ଝାରସୁଗୁଡ଼ା ଟାଉନଥାନା ପୋଲିସ ଗୁରୁବାର ଲଖନପୁର ବ୍ଲକ ବନ୍ଧବାହାଲର ମୁକେଶ ବାରିକ (୨୧)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୁକେଶ ଫେସ୍‌ବୁକରେ ଯୁବତୀମାନଙ୍କ ସହ ବନ୍ଧୁତା କରୁଥିଲେ। ପରେ ସେମାନଙ୍କ ବିଶ୍ୱାସଭାଜନ ହୋଇ ନଗ୍ନ ଫଟୋ ସଂଗ୍ରହ କରୁଥିଲେ। ଏହାପରେ ଶାରୀରିକ ସମ୍ପର୍କ ରଖିବାକୁ ବ୍ଲାକମେଲ କରୁଥିଲେ। ବାରଣ କଲେ ଯୁବତୀଙ୍କଠାରୁ ସଂଗ୍ରହ କରିଥିବା ନଗ୍ନ ଫଟୋ ଫେସ୍‌ବୁକରେ ଭାଇରାଲ କରୁଥିଲେ। ଏଭଳି ଘଟଣା ଗତ ବର୍ଷେ ହେଲା ପୋଲିସର ନିଦ ହଜାଇ ଦେଇଥିଲା।

# ବାବୁ ରହୁନାହାନ୍ତି ଅନୁଗୋଳରେ

**ଅନୁଗୋଳ ଅଫିସ, ୬।୧୨**

ଅନୁଗୋଳ ଜିଲା ସଦର ମହକୁମାରେ ଥିବା ସରକାରୀ ଅଧିକାରୀମାନଙ୍କ ପାଇଁ ବାସଭବନର ବ୍ୟବସ୍ଥା ରହିଛି। କିନ୍ତୁ ବାବୁମାନେ ସଦର ମହକୁମାସ୍ଥିତ ବାସଭବନରେ ନ ରହି ଭୁବନେଶ୍ୱର, କଟକ, ଢେଙ୍କାନାଳ ଆଦି ଅଞ୍ଚଳରେ ରହିବାକୁ ପସନ୍ଦ କରୁଛନ୍ତି। ସେଠାରୁ ଦୈନିକ ସକାଳ ସାଢ଼େ ୧୦ଟାରେ ଅଫିସ ଆସି ଅଧିକାଂଶ ବଡ଼ବଡ଼ିଆ ସାଢ଼େ ୪ଟା ବେଳକୁ ଘର ମୁହାଁ ହେଉଛନ୍ତି। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାର ରୂପାୟନ ଏବଂ ସମୀକ୍ଷା ଠିକ୍ ଭାବେ ହୋଇପାରୁ ନାହିଁ। ସବୁଠାରୁ ବଡ଼କଥା ହେଉଛି, ବାବୁମାନଙ୍କ ପାଦ କେବେ ଗ୍ରାମାଞ୍ଚଳରେ ପଡ଼େ ନାହିଁ। ଫଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଜିଲାରେ ଗୋଟିଏ ପରେ ଗୋଟିଏ ବିଫଳ ହେଉଥିବା ଆଲୋଚନାର ବିଷୟ ପାଲଟିଛି। ଏପରି କି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସମୀକ୍ଷା କରିବାକୁ ଅନୁଗୋଳ ଆସୁଥିବା ମନ୍ତ୍ରୀ ଓ ସଚିବଙ୍କୁ ସହର ଉପକଣ୍ଠ ଗ୍ରାମରେ ବୁଲାଇ ବିଦା କରି ଦିଆଯାଉଥିବା ଭଳି ଘଟଣା ଅନେକ ସମୟରେ ଦେଖାଯାଇଛି। ଫଳରେ ଜିଲାର ଅପହଞ୍ଚ ଇଲାକାରେ ଥିବା ଲୋକମାନେ ଏବେ ବି ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି, ଯାହାକି ଉକ୍ତ ଅଞ୍ଚଳକୁ ଗଲେ ବାରି ହୋଇପଡୁଛି। ଅନୁଗୋଳ ସହରରେ ଏହି ପରିସ୍ଥିତି ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହେଉଛି।

ଚଳିତ ଶିକ୍ଷାନୀତି ଅନୁଯାୟୀ ଏନ୍‌ଆଇଓଏସ୍ ଛାତ୍ରୀ ଛାତ୍ରଙ୍କ ଓଟିଇଟି ଆବେଦନକୁ ବିରୋଧ କରି ସ୍ଥାନୀୟ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାଲିଆସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁ ଛାତ୍ରୀଛାତ୍ରମାନେ ଗତ ନଭେମ୍ବର ୨୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଶ୍ରେଣୀ ବର୍ଜନ କରି ଧାରଣାରେ ବସି ରହିଛନ୍ତି । ଧାରଣାରତ ଛାତ୍ରୀଛାତ୍ରମାନେ ତିନି ଦଫା ଦାବି ପୂରଣ ପାଇଁ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ସମେତ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଧାରଣା ଗୁରୁବାର ନବମ ଦିନରେ ପହଞ୍ଚିଥିବା ବେଳେ ଦାବି ପୂରଣ ନ ହେବା ଯାଏ ଧାରଣାରେ ବସି ରହିବେ ବୋଲି ସେମାନେ ପ୍ରକାଶ କରିଛନ୍ତି । ଦାବିଗୁଡିକ ମଧ୍ୟରେ ଡିଇଏଲ୍‌ଇଡ଼ି କୋର୍ସ କରିବା ପାଇଁ +୨ରେ ସର୍ବନିମ୍ନ ୫୦% ମାର୍କ ରଖି ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ୨ ବର୍ଷରୁ ଅଧିକ ସମୟ ପ୍ରତିକୂଳ ପରିସ୍ଥିତିକୁ ସାମନା କରି କଠିନ ପରିଶ୍ରମ କରିବା ପରେ ଡିଇଏଲଇଡି କୋର୍ସ କରିଥାନ୍ତି। ମାତ୍ର ଏନ୍‌ଆଇଓଏସ୍‌ରେ ଡିଇଏଲ୍‌ଇଡ଼ି କୋର୍ସ ପାଇଁ କୌଣସି ପ୍ରବେଶିକା ପରୀକ୍ଷା ନ ଥିବା ସହ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର କୌଣସି ନିୟମ ନାହିଁ । ୫୦ ପ୍ରତିଶତରୁ କମ୍ ମାର୍କ ରଖି ଏନଆଇଓଏସ୍ ଛାତ୍ରୀଛାତ୍ରମାନେ ଡିଇଏଲ୍‌ଇଡ଼ି କୋର୍ସରେ ନାମ ଲେଖାଇ ପାରୁଛନ୍ତି । ଏଥିସହିତ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ପରେ ସର୍ବାଧିକ ବୟସ ସୀମା ୩୨ ବର୍ଷ ରହିଥିବା ବେଳେ ଏନ୍‌ଆଇଓଏସ୍ ଶିକ୍ଷା ନିମନ୍ତେ କୌଣସି ବୟସ ଧାର୍ଯ୍ୟ ହୋଇନାହିଁ । ଯଦି ଏଭଳି ନିୟମ କରାଯାଏ ତେବେ ନିୟମିତ ଡିଇଏଲ୍‌ଇଡ଼ି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ରହିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଫଳରେ ନିୟମିତ ଭାବେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଛାତ୍ର ଚାକିରୀ ନ ପାଇ ଘରେ ବସିବେ । ଅପରପକ୍ଷରେ ବିନା ପରିଶ୍ରମରେ ବେସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରି ଏନ୍‌ଆଇଓଏସ୍ ଅଧୀନରେ ଡିଇଏଲ୍‌ଇଡ଼ି କୋର୍ସ ସମ୍ପୂର୍ଣ୍ଣ କରିଥିବା ଛାତ୍ରୀଛାତ୍ରମାନେ ସରକାରୀ ଶିକ୍ଷକ ପଦବୀ ପାଇଁ ଆବେଦନ କରିପାରିବେ ବୋଲି ଧାରଣାରତ ଛାତ୍ରୀଛାତ୍ର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ସରକାର ଏହାକୁ ପୁନଃବିଚାର ନ କରିବା ଯାଏ ଶ୍ରେଣୀ ବର୍ଜନ କରି ଅନିର୍ଦ୍ଦିଷ୍ଟ କାଳଯାଏ ଧାରଣା ଚାଲୁ ରହିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି । ବାଲିଆସ୍ଥିତ ଶିକ୍ଷା ପ୍ରତିଷ୍ଠାନର ପ୍ରଥମ ଓ ଦ୍ୱିତୀୟ ବର୍ଷର ୨୦୦ ଛାତ୍ରୀଛାତ୍ର ଏହି ଧାରଣାରେ ସାମିଲ ହୋଇଛନ୍ତି ।

# ବିଜୟଙ୍କ ସମର୍ଥକଙ୍କ ସାମୂହିକ ଇସ୍ତଫା



ଖବରଦାତା ସମ୍ମିଳନୀରେ ବିଜୟଙ୍କ ସମର୍ଥକମାନେ।

**ମହାକାଳପଡ଼ା,୬।୧୨(ଡି.ଏନ୍.ଏ.)**

ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଭାଜପାରୁ ଇସ୍ତଫା ଦେବା ପରେ ତାଙ୍କ ଅନୁଗତମାନେ ଦଳ ଛାଡୁଛନ୍ତି। ଗୁରୁବାର ବରକନ୍ଧା ପଞ୍ଚାୟତ ସମିତି ସଭ୍ୟ ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକ ଅନ୍ତର୍ଗତ ୧୦ ପଞ୍ଚାୟତର ସରପଞ୍ଚ ଓ ୧୧ ସମିତିସଭ୍ୟଙ୍କ ସମେତ ବିଜୟଙ୍କ ବହୁ ସମର୍ଥକ ଦଳରୁ ସାମୁହିକ ଭାବେ ଇସ୍ତଫା ଘୋଷଣା କରିଛନ୍ତି। ଏହି ଇସ୍ତଫା ପତ୍ରକୁ ରାଜ୍ୟ ଭାଜପା ସଭାପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଏନେଇ ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବିଜୟଙ୍କ ସମର୍ଥକମାନେ ଯୋଗଦେଇଥିଲେ। ବିଜୟ ଯୁଆଡେ ଆମେ ସିଆଡେ ବୋଲି ଏହି ସମ୍ମିଳନୀରେ ସେମାନେ ପ୍ରକାଶ କରିଥିଲେ। ଭାଜପାରେ ବିଜୟଙ୍କୁ ୨ ବର୍ଷ ହେବ କୋଣଠେସା କରାଯିବାକୁ ସମର୍ଥକମାନେ ନିନ୍ଦା କରିଥିଲେ। ଆଗାମୀ ୧୨ରେ ମାର୍ଶାଘାଇ (ବାଗଡ଼ିଆ)ସ୍ଥିତ ମା’ ଗୋଜବାୟାଣୀ ପୀଠରେ ବିଜୟବାବୁଙ୍କ ଉପସ୍ଥିତିରେ ଆଗାମୀ ରାଜନୈତିକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ରଞ୍ଜନ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ମହାକାଳପଡ଼ା ସରପଞ୍ଚ ଅନୁପମା ଖଟାଇ, ପାଟକିପଙ୍କ ପଞ୍ଚାୟତ ସମିତି ସଭ୍ୟ ଆଶିଷ ଖଟୁଆ, ବରବନ୍ଧା ସରପଞ୍ଚ ମୋନାଲିସା ସେନାପତିଙ୍କ ସମେତ ବରିଷ୍ଠ ନେତା ପ୍ରଶାନ୍ତ ସାହାଣୀ, ଅରକ୍ଷିତ ବେହେରା, ସୁବୋଧ ସାମନ୍ତରାୟ, ସରୋଜ ରାଉତ ଓ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

■ମଦ ନିଶାରେ ବାପାଙ୍କ ଉନ୍ମତ୍ତ କାଣ୍ଡ

# ଛୁରାମାଡ଼ରେ ପୁଅ ଗୁରୁତର

**କେନ୍ଦ୍ରାପଡା ଅଫିସ, ୬।୧୨**

ମଦ ପିଇ ମଣିଷ କିପରି ହିତାହିତ ଜ୍ଞାନ ହରାଇଦିଏ ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛିକେନ୍ଦ୍ରାପଡା ସହରର ନିକିରାଇ ଥାନା ଅନ୍ତର୍ଗତ ବାରୋ ପଞ୍ଚାୟତର ଇଟିପୁର ଗ୍ରାମରେ। ଏହି ଗ୍ରାମର ଜଣେ ବ୍ୟକ୍ତି ମଦ ପିଇ ତାଙ୍କ ପୁଅଙ୍କୁ ଛୁରାମାଡ କରିଛନ୍ତି। ଫଳରେ ତାଙ୍କ ପେଟର ବାମ ପାଖ ଓ ଛାତିରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ପୁଅକୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ବ୍ୟକ୍ତି ଜଣକ ପୂର୍ବାହ୍ନରେ କଂଟ୍ରୋଲ ଦୋକାନକୁ ଚାଉଳ ଆଣିବା ପାଇଁ ଯାଇଥିଲେ । ସେଠାରେ ସେ ୩୦ କିଲୋ ଚାଉଳ ଆଣି ବଜାରରେ ବିକ୍ରି କରି ଟଙ୍କା ନେଇ ମଦ ପିଇ ଦେଇଥିଲେ। ଘରକୁ ଫେରିବା ପରେ ଏନେଇ ପୁଅ ସହ ତାଙ୍କର ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତି ନିକଟରେ ଥିବା ପରିବା କଟା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ଅଦ୍ୟାବଧି ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଦଳିତ ଅଧିକାର ଯାତ୍ରା ଆରମ୍ଭ

**ଆଳି,୬।୧୨(ଡି.ଏନ୍.ଏ.)**

ଆଳି ବ୍ଲକ ଅନ୍ତର୍ଗତ ଭୁଇଁପୁର ପଞ୍ଚାୟତରୁ ‘ଦଳିତ ମୁକ୍ତ ସଂଗଠନ’ର ଦଳିତ ଅଧିକାର ଯାତ୍ରା ଗୁରୁବାର ଆରମ୍ଭ ହୋଇଛି । ସଂଗଠନର ରାଜ୍ୟ ସଭାପତି ମାନସ କୁମାର ମଲିକ ଏହାର ନେତୃତ୍ୱ ନେଉଛନ୍ତି। ସ୍ୱାଧିନତାର ଦୀର୍ଘ ବର୍ଷ ପରେ ସମାଜରେ ବସବାସ କରୁଥିବା ଦଳିତ ବର୍ଗର ବ୍ୟକ୍ତି ବିଶେଷ ସେମାନଙ୍କର ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଉଥିବାରୁ ଏହି ଯାତ୍ରା ଆରମ୍ଭ କରାଯାଇଛି ବୋଲି ମଲିକ କହିଛନ୍ତି।। ଏହି ଅବସରରେ ଭୁଇଁପୁରଠାରୁ ଏକ ଯାତ୍ରା ବାହାରି କଳମଡା, ଆୟତପୁର, ମାନପୁର, ଡିମିରିପୋଳ,ଜୁଆଣିଆ, ଗୋବିନ୍ଦପୁର ଆଦିପଞ୍ଚାୟତ ପରିକ୍ରମା କରିଥିଲା। ଯାତ୍ରାରେ ପ୍ରଦୀପ ମଲିକ, ଗୋକୁଳାନନ୍ଦ ମଲିକ, ମଧୁସୁଦନ ଜେନା,ମୁରଲିମଲିକ,ରଞ୍ଜିତ ମଲିକ, ଉଦକର ଜେନା, ଜଗବନ୍ଧୁ ମଲିକ ପ୍ରମୁଖ ସାମିଲ ହୋଇଥିଲେ।


## ଜିଲ୍ଲା ସଂସ୍କୃତି ପରିଷଦ
**ନବରଙ୍ଗପୁର**



### ମଣ୍ଡେଇ ବାର୍ତ୍ତା

ବହୁ ପୁରାତନ କାଳରୁ ସମୟର ସ୍ରୋତରେ ସ୍ୱତଃପ୍ରବୃତ୍ତ ଭାବେ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଅଧିବାସୀମାନଙ୍କ ମଧ୍ୟରେ ଜାଗିଉଠିଥିବା ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା, ଏହି ଅଞ୍ଚଳର ଲୋକକଳାରେ ରୁଚି ଥିବା କଳାକାରମାନଙ୍କ ମଧ୍ୟରେ ଲୁଚିରହିଥିବା ଲୋକକଳାର ପ୍ରତିଭାକୁ ଏକ ବୃହତ୍ ମଞ୍ଚ ଯୋଗାଇଦେବା, ଏହି ଜିଲ୍ଲାର କଳା ଓ ସଂସ୍କୃତିକୁ ରାଜ୍ୟ ତଥା ରାଜ୍ୟ ବାହାରେ ଜନସାଧାରଣଙ୍କ ସହିତ ପରିଚିତ କରିବା ଏବଂ ଏହି ଅଞ୍ଚଳର କଳାକାର ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରାଇବା ପ୍ରଚେଷ୍ଟାରେ ହୁଏ ‘‘ମଣ୍ଡେଇ’ର ପରିକଳ୍ପନା। କଳା ଓ ସଂସ୍କୃତିର ଏହି ମହାକୁମ୍ଭ ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନ ଓ ଜିଲ୍ଲାବାସୀଙ୍କ ଅଶେଷ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି। ଏହି କ୍ରମରେ ଏହିବର୍ଷ ମଧ୍ୟ ‘‘ମଣ୍ଡେଇ ୨୦୧୮’’ ଚଳିତ ୦୭।୧୨।୨୦୧୮ରୁ ୦୯।୧୨।୨୦୧୮ ପର୍ଯ୍ୟନ୍ତ ପାଳନ କରାଯାଉଛି। ତତ୍‌ସହିତ ଏହି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷିଭିତ୍ତିକ, ହସ୍ତଶିଳ୍ପ, ହସ୍ତତନ୍ତ, ଟେରାକୋଟା, ଡୋକରା, କାଷ୍ଠ ଶିଳ୍ପ ଆଦି ଉତ୍ପାଦନର ଉପଯୁକ୍ତ ବଜାର ତିଆରି କରିବା ପ୍ରଚେଷ୍ଟାରେ ‘‘ପଲ୍ଲିଶ୍ରୀ ମେଳା ୨୦୧୮’’ ୦୭।୧୨।୨୦୧୮ରୁ ୧୧।୧୨।୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଜିଲ୍ଲାବାସୀଙ୍କୁ ‘‘ମଣ୍ଡେଇ –୨୦୧୮’’ର ଅଭିନନ୍ଦନ ଜ୍ଞାପନ କରିବା ସହ ଏହି କଳା ଓ ସଂସ୍କୃତିର ମହାକୁମ୍ଭରେ ବହୁ ସଂଖ୍ୟାରେ ଯୋଗଦେଇ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଉପଭୋଗ କରିବା ପାଇଁ ମୁଁ ସମସ୍ତଙ୍କୁ ସ୍ୱାଗତ ଜଣାଉଛି।

**ଡାଃ ଅଜିତ କୁମାର ମିଶ୍ର (ଓ.ପ୍ର.ସେ.)**
**ଜିଲ୍ଲାପାଳ-ତଥା-ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ, ନବରଙ୍ଗପୁର**

**ସାଂସ୍କୃତିକ କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ**

**୦୭।୧୨।୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ଦାଣ୍ଡିଆ ନୃତ୍ୟ, ୪. ନାଗାଲାଣ୍ଡ ଆଦିବାସୀ ନୃତ୍ୟ, ୫. ଗୋଟିପୁଅ ନୃତ୍ୟ, ୬. ଘୁମରା, ୭. ଢେମସା, ୮. ଶାସ୍ତ୍ରୀୟ ଦଶଅବତାର, ୯. ସ୍ଥାନୀୟ ଲୋକ ନୃତ୍ୟ।

**୦୮।୧୨।୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ବିହୁ ନୃତ୍ୟ, ୪. ଘୁମର, ୫. ମୟୂରୀ ନୃତ୍ୟ, ୬. ଲାବୋଣୀ ନୃତ୍ୟ, ୭. ସମ୍ବଲପୁରୀ ଡାଲଖାଇ ନୃତ୍ୟ, ୮. ଛଉ ନୃତ୍ୟ, ୯. ଦଶ ଅବତାର ନୃତ୍ୟ, ୧୦. ଭତରା ନୃତ୍ୟ, ୧୧. ସ୍ଥାନୀୟ ଲୋକ ନୃତ୍ୟ, ୧୨. ଶାସ୍ତ୍ରୀୟ ପୌରାଣିକ ନୃତ୍ୟ।

**୦୯।୧୨।୨୦୧୮**
୧. ଉଦ୍‌ଯାପନୀ ସଙ୍ଗୀତ, ୨. ଲବଣୀ ନୃତ୍ୟ, ୩. କୋଇଲି ନୃତ୍ୟ, ୪. ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ୫. ଢେମସା, ୬. ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ଅସୀମା ପଣ୍ଡାଙ୍କ ଦ୍ୱାରା live melody.

OFFICE OF THE
DIVISIONAL FOREST OFFICER
BARIPADA FOREST DIVISION
BARIPADA, DIST.: MAYURBHANJ
Tel.: 06792-252613/252622, Fax: 06792 - 255770
E-mail: dfobaripada.od@gmail.com

No.269 Date: 06.12.2018

**NOTICE INVITING TENDER**

Sealed tenders are hereby invited from Registered Firms / Authorized dealers / DGS&D Rate contract holders having required statutory clearance for supply and installation of Furniture for Field Management Units under Divisional Management Unit, Baripada. The sealed offers are to be submitted on or before **21.12.2018 by 5 PM** by **Speed Post** only. The details regarding tender documents, specifications and terms and conditions can be downloaded from the standardised webportal of MAYURBHANJ district i.e. **www.mayurbhanj.nic.in**.

**Sd./- Divisional Forest Officer**
**Baripada Forest Division**

**Superintending Engineer, Southern Irrigation Circle-II, Paralakhemundi**
**e-mail id : se_sicpkd@yahoo.com**
**No.906-A:-** **e-Procurement Notice No. SE, SIC-II-02/2018-19**

| | | | |
|---|---|---|---|
| 1 | Type of Work | : | C, D Works. |
| 2 | Total No. of Works | : | 01 (One) No. |
| 3. | Amount put to tender | : | Rs. 192.80 lakhs |
| 4. | Perio of completion | : | 08 (eight) calendar months. |

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Superintending Engineer, Southern Irrigation Circle-II, Paralakhemundi, Gajapati | SE, SIC, (CCD)-04 / 2018-19 | 192.80 | From 11.12.2018, 10.00 AM to 26.12.2018, 5.00 PM |

Date of pending of the Technical Bid:- 27.12.2018 at 11.30 AM
Further detail can be seen from the Govt. website www.tendersorissa.gov.in.

**Sd./- Superintending Engineer,**
**Southern Irr. Circle-II, Paralakhemundi**
**32388/11/0004/1819**

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଯାଜପୁର**

**ପତ୍ର ସଂଖ୍ୟା:- ୩୨୧୯** **ତା: ୦୬।୧୨।୨୦୧୮**

**ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଣ୍ଟ) ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ଜାତୀୟ ଗୋମହିଷାଦି ପ୍ରଜନନ କାର୍ଯ୍ୟକ୍ରମ ମାଧ୍ୟମରେ ୩ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧ୍ୟରୁ ଯାଜପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ୨୫ ଗୋଟି ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଣ୍ଟ) ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣଭିତ୍ତିକ ପଦବୀ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | ଅନୁସୂଚିତ ଜନଜାତି | ୫ | ୨ | ୭ |
| ୨ | ଅନୁସୂଚିତ ଜାତି | ୫ | ୨ | ୭ |
| ୩ | ଅଣ ସଂରକ୍ଷିତ | ୮ | ୩ | ୧୧ |
| | ମୋଟ | ୧୮ | ୭ | ୨୫ |

ଉକ୍ତ ଆବେଦନ ନିମନ୍ତେ ସମସ୍ତ ନିୟମାବଳୀ ଓ ଦରଖାସ୍ତ ଫର୍ମ ଯାଜପୁର ଜିଲ୍ଲା ୱେବସାଇଟ୍ www.jajpur.nic.in ରେ ଉପଲବ୍ଧ। ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ଏହାକୁ ଇଣ୍ଟରନେଟ୍‌ରୁ ଡାଉନ୍ ଲୋଡ୍ କରି ତା୨୨।୧୨।୨୦୧୮ରିଖ ଅପରାହ୍ନ ୪ ଘଟିକା ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି ଡାକ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରି ପ୍ରାପ୍ତ ରସିଦ୍ ନେଇ ପାରିବେ। ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

**ସ୍ୱା./-**
**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**ଯାଜପୁର**

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱର**
**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱରଙ୍କ ଅଧୀନରେ ୩୬ ଗୋଟି ଆଟେଣ୍ଡାଣ୍ଟ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ମାସିକ ପାରିଶ୍ରମିକ ଟ. 8070/- ରେ କେବଳ ବାଲେଶ୍ୱର ଜିଲ୍ଲାରୁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଦ୍ୱାରା ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର. ସଂ | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | SC | ୦୩ | ୦୨ | ୦୫ |
| ୨ | ST | ୦୭ | ୦୪ | ୧୧ |
| ୩ | unreserved | ୧୩ | ୦୭ | ୨୦ |
| | ମୋଟ | ୨୩ | ୧୩ | ୩୬ |

ଆବେଦନ ଦରଖାସ୍ତର ଶେଷ ତାରିଖ ୨୦।୧୨।୨୦୧୮।
(ରାଜ୍ୟ ସଂରକ୍ଷଣ ଆଇନ (ORV Act) ଅନୁସାରେ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତି, କ୍ରୀଡ଼ାବିତ ଓ ପୂର୍ବତନ ସାମରିକ କର୍ମଚାରୀ ଆବଶ୍ୟକ ସ୍ଥଳେ ପୂରଣ କରାଯିବ)
ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱରଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ।
ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱରଙ୍କ କାର୍ଯ୍ୟାଳୟ/ www.baleswar.nic.in ରେ ଉପଲବ୍ଧ।

**ସ୍ୱା./- ଡା. ନିତ୍ୟାନନ୍ଦ ଦାସ**
**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**ବାଲେଶ୍ୱର**

**ନରସିଂହପୁର ନିୟନ୍ତ୍ରିତ ବଜାର କମିଟି, ଜି- କଟକ**
**ଆଠଗଡ଼ ଉପଖଣ୍ଡ ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା**
**୨୦୧୮-୧୯**

ଏତଦ୍ୱାରା କଟକ ଜିଲ୍ଲା ଆଠଗଡ଼ ଉପଖଣ୍ଡର ସମସ୍ତ ଧାନ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ୨୦୧୮-୧୯ ଖରଫ୍ ବିପଣନ ବର୍ଷ ପାଇଁ ସରକାର ତା ୦୭.୧୨.୨୦୧୮ ରିଖଠାରୁ ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ଧାନ କିଣିବାକୁ ବ୍ୟବସ୍ଥା କରିଅଛନ୍ତି । ଏହାର ମୂଲ୍ୟ ଏଫ୍. ଏ. କ୍ୟୁ ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ଟ ୧୭୫୦/-ସାଧାରଣ ଧାନ (ଗ୍ରେଡ୍ ଏ ) କ୍ୱିଣ୍ଟାଲ ପ୍ରତି ଟ ୧୭୭୦/- ଧାର୍ଯ୍ୟ କରାଯାଇଛି । । ଧାନ ଖାଦ୍ୟ ଉପଯୋଗୀ , ଶୁଖିଲା, ପରିଷ୍କାର. ସମରଙ୍ଗୀ, ସମଆକାର, ଏକକିସମ, (ଏଫ୍. ଏ. କ୍ୟୁ ) ହୋଇଥିବା ଆବଶ୍ୟକ ।ଏଣୁ ଚାଷୀଭାଇ ଓ ଭଉଣୀମାନେ ନିଜ ନିଜର ( କିଷାନ କ୍ରେଡିଟ୍ କାର୍ଡ ) **K.C.C** / (ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ) **B.K.KY / Voter Card (E.P.I.C )** ଯେ କୌଣସି ଗୋଟିଏ ଦର୍ଶାଇ ନିକଟସ୍ଥ ଧାନ କ୍ରୟ କେନ୍ଦ୍ରରେ ବଳକା ଧାନ ବିକ୍ରୟ କରି ନିର୍ଦ୍ଧାରିତ ସରକାରୀ ଧାର୍ଯ୍ୟ ଦର ପାଇବା ପାଇଁ ହକ୍‌ଦାର ହୋଇପାରିବେ । ଚାଷୀ ନିଜର ବଳକା ଧାନ ବିକ୍ରୟ କରିବା ପାଇଁ ପ୍ରଥମେ ସଂପୃକ୍ତ **P.A.C.S** ଠାରୁ ଅଗ୍ରିମ ଟୋକନ ଆଣିବାକୁ ପଡିବ ଏବଂ ସମସ୍ତେ ନିଜ ନିଜର ବ୍ୟାଙ୍କ ଆକାଉଣ୍ଟ ( ପାସ୍ ବହି ନଂ ) ଧାନ ବିକ୍ରୟ ସମୟରେ ଆଣିବେ । ସମସ୍ତ ବ୍ଲକ ପାଇଁ **P.PASS** ମାଧ୍ୟମରେ ଅର୍ଥ ପ୍ରଦାନ କରାଯିବ ।

ଧାନ କ୍ରୟ ବିକ୍ରୟ ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନ ପଦାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଧାନ ବିକ୍ରୟ ନିମନ୍ତେ ଧାର୍ଯ୍ୟ ଦିନ, ତାରିଖ ଏବଂ PACS ର ନାମ ଓ ସବିଶେଷ ବିବରଣୀ ନିକଟସ୍ଥ ବ୍ଲକ୍, ସେବା ସମବାୟ ସମିତି PACS ସହକାରୀ ନିବନ୍ଧକ ସମବାୟ ସମିତି ସମୂହ,ତହସିଲ ଅଫିସ୍, ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଏବଂ ନିୟନ୍ତ୍ରିତ ବଜାର କମିଟି ଆଠଗଡ଼ରେ ପାଇ ପାରିବେ ।

| କ୍ର.ନ | ପଦାର୍ଥ | ସର୍ବାଧିକ ପରିସୀମା ଏଫ୍ .ଏ. କ୍ୟୁ(ସାଧାରଣମାନ) |
|---|---|---|
| ୧. | (କ) ବାଲି, ମାଟି, ଗୋଡି, ପଥର, ଧୂଳି ଆଦି ।ଜୈବିକ ପଦାର୍ଥ ଇତ୍ୟାଦି | ୧% |
| | (ଖ) କାଠି, କୁଟା, ଧୁଷ, ଅଗାଡି, ପୋଲ ଆଦି ଜୈବିକ ପଦାର୍ଥ | ୧% |
| ୨. | *ଖରାପ, ବେରଙ୍ଗୀ,ପାଣିଫୁଲା, ପୋକ ( ଖରାପ, ପାଣିଫୁଲା ଏବଂ ପୋକ ୪% ଭିତରେ ସୀମିତ ରହିବା ଦରକାର) | ୫% |
| ୩. | ଅପରିପକ୍ୱ, କଂଚା, ସବୁଜ, ବଙ୍କା, ସଂକୁଚିତ | ୩% |
| ୪. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୫. | ଆର୍ଦ୍ରତା | ୧୭% |

**ଯୋଗାଯୋଗ**
୧. ଉପଜିଲ୍ଲାପାଳ, ଆଠଗଡ଼, ଫୋନ୍ – ୦୬୭୨୩-୨୨୦୩୧୧
୨.ସହକାରୀ ଯୋଗାଣ ଅଧିକାରୀ, ଆଠଗଡ଼
୩. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଆଠଗଡ଼ଫୋନ୍-୦୬୭୨୩ ୨୨୦୨୧୦ ୪. ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ
୫. ଯୋଗାଣ ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍ – ୦୬୭୪-୨୩୯୦୨୦୬

ଉପଜିଲ୍ଲାପାଳ ଆଠଗଡ
ତଥା ଅଧକ୍ଷ,ନରସିଂହପୁର ନିୟନ୍ତ୍ରିତ ବଜାର କମିଟି

**OFFICE OF THE REGULATED MARKET COMMITTEE, CHAMPUA**
**E-mail address: rmcchampua1@gmail.com**
**E-PROCUREMENT (INVITATION FOR BIDS)**
**TENDER CALL NOTICE NO. 43/RMC, DATED: 03.12.2018**
**BID IDENTIFICATION NO. RMC-01/2018-19**

The Sub-Collector, Champua-cum-Chairman, RMC, Champua invites percentage rate Single cover system (TECHNICAL BID & PRICE BID) in online mode from the eligible contractors having experience in similar nature of work registered in with Govt. of Odisha or equivalent class of Govt. of India/ C.P.W.D. / Central undertaking/ Railway/ M.E.S. the proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the appropriate register authority of the State Government of Odisha in appropriate class of eligibility before award of the work as per prevalent registration norm of the State.

Bid documents consisting of Specifications, Schedule of Quantities, and a set of Terms & Conditions of contract and other necessary Documents will be available in the e-procurement portal https://tendersodisha.gov.in.

| | |
|---|---|
| Name of work | CONSTRUCTION OF INFRASTRUCTURE IN CHAMPUA MARKET YARD UNDER RMC, CHAMPUA |
| No. of works | 02 (Two) |
| Approx. value | 4534909/- |
| E.M.D. @ 1% (Rs) approx. | 45349/- |
| Cost of bid document | 6000/- |
| Period of completion | 06(six) calendar months |
| Availability of Tender online for Bidding | 06.12.2018, 11.00 AM to 20.12.2018, 05.00 PM |
| Date & Time of opening of Bids | 21.12.2018, 11.00 AM |
| Class of Contractor | "B" & "A" |
| Venue of opening of Bids | Office of R.M.C, Champua, Keonjhar |

| | |
|---|---|
| Name of work | CONST. OF 06 Nos. SMALL GODOWN CUM SHOP ROOM AT JHUMPURA MARKET YARD OF CHAMPUA RMC. |
| No. of works | 01 (One) |
| Approx. value | 1032249/- |
| E.M.D. @ 1% (Rs) approx. | 10322/- |
| Cost of bid document | 6000/- |
| Period of completion | 04(Four) calendar months |
| Availability of Tender online for Bidding | 06.12.2018, 11.00 AM to 20.12.2018, 05.00 PM |
| Date & Time of opening of Bids | 21.12.2018, 11.00 AM |
| Class of Contractor | "C" & "D" |
| Venue of opening of Bids | Office of R.M.C, Champua, Keonjhar |

The bidder shall transfer online the Earnest Money Deposit/ Bid Security and cost of bid document of the amount specified for the work mentioned.
All the rule & Regulation regarding GST will be applicable as per the Guidelines of Governmnet of Odisha.
The authority reserves the right to cancel any or all bids without assigning any reason thereof.

**Sd./- Sub-Collector, Champua-cum-Chairman, R.M.C, Champua, Keonjhar**

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
**AT/PO BARINIPUT,DIST. KORAPUT – 764006 , ODISHA,**
**PHONE: - (06854)242001, FAX: - (06854) 242092,**
**e-mail: sgmel_ukhep@ohpcltd.com**
**CIN: U40101OR1995SGC003963**

**No.: OHPC/SGM/ UKHEP/ Tech.EM-3/ Dated, Bariniput the**
**1ST CORRIGENDUM TO TENDER CALL NOTICE NO. 23/2018-19 DATED: 08.11.2018**

**No.CAD-1107:-** The last date of Sale, Receipt and Opening of Tender Paper against this office Tender Call Notice No. 23/2018-19 Dated: 08.11.2018 are hereby extended and re-scheduled as follows:-

| | | | |
|---|---|---|---|
| (1) | Last Date & Time of Sale of Tender Paper | : | Upto 13.00 hrs. of dated 17.12.2018 |
| (2) | Last Date & Time of Receipt of Tender Paper | : | Upto 16.00 hrs. of dated 17.12.2018 |
| (3) | Date & Time of Opening of Tender | : | At 16.30 hrs. of dated 17.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

**Sd./- Unit Head,**
**Upper Kolab HEP, OHPC Limited**
**Bariniput**
**04002/11/0069/1819**

**DISTRICT RURAL DEVELOPMENT AGENCY, CUTTACK**
**Tender Call Notice No.: 5081/DRDA** **Dated: 06.12.2018**

Sealed tenders are invited in the prescribed format from the intending reputed firms/Agencies with the following terms & condition for

1. Supply of I.E.C. materials (i.e. Poster & Hoarding) under Rural Housing scheme and I.E.C. material (i.e. Poster) under Ama Gaon Ama Bikash scheme and delivery at all 14 Blocks of Cuttack district as per design types & specifications given by this Office.

The tender/bid documents completed in all respect will be received from **07.12.2018 to 21.12.2018** latest by 5.00 P.M. during the office hour in DRDA, Cuttack by way of **Registered Post/Speed Post** only and will be opened on **Dt.22.12.2018** at 3.00 P.M. at the Conference Hall of DRDA, Cuttack.

The bid documents along with terms & condition, detail specification of I.E.C. materials and eligibility criteria can be viewed/downloaded from the district website i.e. **www.cuttack.nic.in** & Non-refundable Demand Draft of Rs.1000/- (Rupees one thousand) only in favour of Project Director, DRDA, Cuttack payable at Cuttack shall be deposited along with the Bid Document towards tender paper cost.

**Sd./- Project Director, Cuttack**

## ସଂକ୍ଷେପରେ

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ, ୬।୧୨:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଓ୍ୱାରଲେସ୍ ଛକ ନିକଟରେ ଗୁରୁବାର ପୂର୍ବାହ୍ନ ୧୧ଟା ବେଳେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିର୍ତ୍ତୋଲ ଥାନା ନାଲିବର ନିକଟ ଧୂଆଁପାରୀର ପୁଷ୍ପଲତା ଦାଶ(୬୦)। ପୁଷ୍ପଲତା ଏହି ଛକ ନିକଟରେ ଜଗତ୍‌ସିଂହପୁର-ଜଇପୁର ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଅଜଣା ବାଇକ୍ ଧକ୍କା ଦେଇଥିଲା। ମୁଣ୍ଡରେ ଆଘାତ ଲାଗିବାରୁ ପୁଷ୍ପଲତା ରାସ୍ତାରେ ସଂଜ୍ଞାହୀନ ହୋଇ ପଡିଯାଇଥିଲେ। ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଷ୍ପଲତାଙ୍କ ଦିଅର ହେମନ୍ତ କୁମାର ଦାଶଙ୍କ ଅଭିଯୋଗ କ୍ରମେ ଜଗତ୍‌ସିଂହପୁର ପୋଲିସ ମାମଲା ସଂଖ୍ୟା ୩୧୪/୧୮ ରୁଜୁ କରି ତଦନ୍ତ ଜାରି ରଖିଛି।

### ଗୋଟିଏ ରାତିରେ ୨ ସ୍ଥାନରୁ ଚୋରି

**ଏରସମା,୬।୧୨(ସ୍ୱ.ପ୍ର.):** ଏରସମା ଥାନା ଅଧୀନ ଦୁଇଟି ଗ୍ରାମରୁ ବୁଧବାର ରାତିରେ ଚୋରି ହୋଇଛି। କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ଅଟିମଟି ଗ୍ରାମର ଗୌରାଙ୍ଗ ଚରଣ ସେଠୀଙ୍କ ପରିବାର ଲୋକେ ରାତିରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ସୁନାହାର, ମୁଦି ଓ ନଗଦ ୩୦ ହଜାର ଟଙ୍କା ଚୋରି କରିନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଭିରଙ୍ଗ ଗ୍ରାମରେ ମଧ ଚୋରି ହୋଇଛି। ଗ୍ରାମର ରଞ୍ଜୁବାଳା ସ୍ୱାଇଁଙ୍କ ଘର କୁନ୍ଦା ତାଡି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଚୋରି କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ତେବେ ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ।

### ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

**କୁଜଙ୍ଗ,୬।୧୨(ସ୍ୱ.ପ୍ର.):** କୁଜଙ୍ଗ ସତ୍‌ସଙ୍ଗ ବିହାରରେ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୧ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏଥିସହ ଶ୍ରୀ ଶ୍ରୀ ପୂଜ୍ୟପାଦ ବଡ଼ଦାଙ୍କ ଶୁଭ ୪୬ତମ ଉତ୍କଳ ଆଗମନ ଅବସରରେ ନବହତ, ଉଷାକୀର୍ତ୍ତନ, ସତ୍‌ଗ୍ରନ୍ଥ ପଠନ, ସ୍ୱସ୍ତି ପତାକା ଉତ୍ତୋଳନ, ସହ ସତ୍‌ସଙ୍ଗ ଆଦି କାର୍ଯ୍ୟକ୍ରମ ସହପ୍ରତି ଋତ୍ୱିକ୍ କବିଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଷଣ୍ଢପୁରଠାରୁ ଏକ ସୁସଜ୍ଜିତ ରଥରେ ନଗରକୀର୍ତ୍ତନ ଆରମ୍ଭ ହୋଇ ସତ୍‌ସଙ୍ଗ କେନ୍ଦ୍ରରେ ପହଞ୍ଚିଥିଲା। ଏଥିରେ ଡା. ବିନାୟକ ମହାପାତ୍ର, ଦମ୍ଭରୁଧର ଦାସ, ସୁରେନ୍ଦ୍ର ନାଥ ଷଡ଼ଙ୍ଗୀ, ଅଦ୍ୱୈତ ପ୍ରସାଦ ବେହେରା, ଶ୍ରୀଧର ପୃଷ୍ଟି, ମାନସ ରଞ୍ଜନ ପ୍ରଧାନ, ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଠାକୁରଙ୍କ ଆଦର୍ଶ ତଥା ମାର୍ଗଦର୍ଶନ ବିଷୟରେ କହିଥିଲେ।

### ଶତାୟୁ ମହିଳା ରମା ସିଂହଙ୍କ ଦେହାନ୍ତ

**ରଘୁନାଥପୁର,୬।୧୨(ଡି.ଏନ୍.ଏ.):** ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମର ଶତାୟୁ ମହିଳା ରମା ସିଂହଙ୍କର ଗୁରୁବାର ପ୍ରତ୍ୟୁଷରୁ ଦେହାନ୍ତ ହୋଇଛି। ସେ ଜଣେ ପରୋପକାରୀ, ଆଦର୍ଶବାଦୀ ମହିଳା ଭାବେ ଅଞ୍ଚଳରେ ଯଥେଷ୍ଟ ପ୍ରିୟଭାଜନ ଥିଲେ। ଏହାଛଡ଼ା ଜାତୀୟତାବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଦେଶମାତୃକାର ସୁରକ୍ଷା ପାଇଁ ସର୍ବଦା ନିଜର ଉଦ୍ୟମ ଜାରି ରଖିଥିଲେ। ତାଙ୍କ ଶେଷଦର୍ଶନ ପାଇଁ ବାସଭବନରେ ସରପଞ୍ଚ ସରୋଜ କୁମାର ଦାସ, ରମାକନ୍ତ ରାଉଳଙ୍କ ସମେତ ଅନେକ ବ୍ୟକ୍ତି ଆସିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବଡ଼ପୁଅ ଗୋବର୍ଦ୍ଧନଙ୍କ ଦ୍ୱାରା ଗ୍ରାମ୍ୟ ମଶାଣିରେ ମୁଖାଗ୍ନି ଦେଇଥିଲେ।

### ଶାରଳା ମଣ୍ଡଳ ଗହଣଦଳର ପ୍ରସ୍ତୁତି ବୈଠକ

**କୁଜଙ୍ଗ,୬।୧୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ଗୋପିଆକୁଦସ୍ଥିତ ବନବିହାରୀ ପୀଠ ଶାରଳା ମଣ୍ଡଳ ଗହଣଦଳ ଓ ଗୋପିଆକୁଦ ଗ୍ରାମବାସୀଙ୍କୁ ନେଇ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଛି। ଗହଣଦଳର ୧୬ ମଣ୍ଡଳ ଭକ୍ତମାନଙ୍କୁ ନେଇ ପ୍ରସିଦ୍ଧ ଗୋପିଆକୁଦ ହଳଦୀପାଣି ନଦୀ ନିକଟରେ ଚଳିତ ମାସ ୧୬ ତାରିଖ ଧନି ସଂକ୍ରାନ୍ତିରେ ସନାତନ ଧର୍ମମହାସଭା ହେବ। ଏଥିରେ କେଶରୀ ନଗରୀର ରାଜା ନରସିଂହଦେବ, ଗହଣଦଳର ସଭାପତି ଡ.ସ୍ନେହଲତା ଦାଶ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରମଣୀ ରଞ୍ଜନ ପରିଜା, ଶାରଳା ମଣ୍ଡଳ ସଭାପତି ସ୍ୱର୍ଣ୍ଣଲତା ସ୍ୱାଇଁଙ୍କ ପୌରୋହିତ୍ୟରେ ଏହି ବୈଠକରେ ବଂଶୀଧର ଦାସ, ଚିନ୍ମୟ ନାୟକ, ନିବାସ ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ବାବାଜୀ ସ୍ୱାଇଁ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

# ଠିକାଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ପାରାଦୀପ,୬।୧୨(ସ୍ୱ.ପ୍ର.)**


କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

- ଧରାଛୁଆଁ ଦେଉନି କମ୍ପାନୀ ଅଧିକାରୀ
- କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତାରୋକୋ

ପାରାଦୀପ ବନ୍ଦର ଭିତରେ ଯାନ୍ତ୍ରୀକରଣ ବ୍ୟବସ୍ଥାରେ କୋଇଲା କାରବାର କରୁଥିବା ଚେନ୍ନାଇ ରାଧା ନାମକ କମ୍ପାନୀର ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁକୁ ନେଇ ଗୁରୁବାର ସନ୍ଧ୍ୟାରେ ଏଠାରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ଆତ୍ମୀୟ ଓ ଜନପ୍ରତିନିଧି, ଶ୍ରମିକ ନେତାମାନେ ୫ନଂ. (କ) ଜାତୀୟ ରାଜପଥ ଦୋଛକିଠାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ପ୍ରାୟ ୨ଘଣ୍ଟା କାଳ ଅବରୋଧ କରିବା ପରେ ୩ଟି ଥାନାର ପୋଲିସ ଓ କୁଜଙ୍ଗ ତହସିଲଦାର ରବୀନ୍ଦ୍ର ପଣ୍ଡା ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ତହସିଲଦାରଙ୍କ ଉଦ୍ୟମରେ ସମ୍ପୃକ୍ତ କମ୍ପାନୀ ଅଧିକାରୀଙ୍କୁ ଡାକି ଆଲୋଚନା ହେବ ଓ କ୍ଷତିପୂରଣ ଦେବାକୁ ଉଦ୍ୟମ କରାଯିବ ବୋଲି କହିବା ପରେ ରାତି ୮ଟାରେ ରାସ୍ତା ଅବରୋଧ ହଟିଛି। ସୂଚନା ଅନୁଯାୟୀ, ପାରାଦୀପ ଲକ୍ ଥାନା ଅଧୀନ ନିମିତି ଗ୍ରାମର ବାବୁଲି ପଲେଇ(୪୭) ଗତ ୩ ବର୍ଷ ହେଲା ଚେନ୍ନାଇ ରାଧା କମ୍ପାନୀରେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ବୁଧବାର ରାତି ଡ୍ୟୁଟିକୁ ବାହାରିବା ବେଳେ ତାଙ୍କର ଛାତି ଯନ୍ତ୍ରଣା ହୋଇଥିଲା। ତାଙ୍କୁ ପରିବାର ଲୋକେ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ବୁଧବାର ମଧ୍ୟରାତ୍ରିରେ ତାଙ୍କ ଆତ୍ମୀୟମାନେ କମ୍ପାନୀ ଅଧିକାରୀଙ୍କୁ ଫୋନ୍ କରିଥିଲେ। କିନ୍ତୁ କମ୍ପାନୀର କୌଣସି ଅଧିକାରୀ ସେମାନଙ୍କ ପାଖକୁ ଆସିଲେ ନାହିଁ। ଏପରିକି ଗୁରୁବାର ସମସ୍ତ ଅଧିକାରୀଙ୍କ ମୋବାଇଲ ସୁଇଚ୍ଡ ଅଫ୍ ହୋଇଯାଇଥିଲା। କେତେଜଣ ଲୋକ ଆସି କମ୍ପାନୀ ଅଧିକାରୀଙ୍କୁ ଦେଖା କରିବାକୁ ଚାହିଁବାରୁ ସେମାନେ ଧରାଛୁଆଁ ଦେଲେ ନାହିଁ ବୋଲି ସ୍ଥାନୀୟ ପାରାଦୀପ ଗଡ଼ ସରପଞ୍ଚ ମିହିର ରଞ୍ଜନ ସାହୁ କହିଛନ୍ତି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅପେକ୍ଷା କରି ନିରାଶ ହେବା ପରେ ଗ୍ରାମବାସୀ ମୃତଦେହ ନେଇ ଦୋଛକଠାରେ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ନିମିତିର ଅନ୍ୟତମ ଛାମୁଆ ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ ଓ ସୁରେଶ ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଆଲୋଚନା ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

## ପୋଲିସ ଅଧିକାରୀଙ୍କୁ ଆକ୍ରମଣ, ଜିପ୍ ପୋଡ଼ି ମାମଲା

# ସବୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**କୁଜଙ୍ଗ,୬।୧୨(ସ୍ୱ.ପ୍ର)**

୨୦୦୩ରେ ପାରାଦୀପର ସନ୍ତୋଷ ପ୍ରଧାନ ହତ୍ୟାକାଣ୍ଡକୁ କେନ୍ଦ୍ରକରି ତତ୍କାଳୀନ ଡିଏସପି ଅଫିସ ଭଙ୍ଗାରୁଜା ଓ ପୋଲିସ ଜିପ୍ ପୋଡ଼ି ହୋଇଥିଲା। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। କୁଜଙ୍ଗର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ସୁଶ୍ରୀ ମାମି ବେହେରା ସମସ୍ତ ୧୭ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ହତ୍ୟାକାଣ୍ଡ ଘଟଣା ପରେ କେତେଜଣ ଯୁବକ ଡିଏସପିଙ୍କ ଗାଡ଼ି ଭଙ୍ଗାରୁଜା କରି ଜାଳିଦେବା ସହିତ ଅଫିସ ଭଙ୍ଗାରୁଜା କରିଥିଲେ। ଏଥିସହିତ ପୋଲିସ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ଦଫା ୧୪୭,୧୪୮,୪୫୨,୩୩୨,୨୪୯,୩୩୬,୪୩୫,୩୮୦,୧୪୯ ଆଇପିସି ଅନୁଯାୟୀ ପାରାଦୀପ ଥାନାରେ କେସ୍ ନଂ.୧୫୬/୨୦୦୩ ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଦୀର୍ଘ ୧୫ ବର୍ଷ ଧରି ମାମଲା ଚାଲିଥିଲା। ଶେଷରେ ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ପିପିଏଲ୍‌କୁ ବେଷ୍ଟ ଡିଏପି ପ୍ଲାଣ୍ଟ ସମ୍ମାନ

## ପୁରସ୍କୃତ କଲେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ


କେନ୍ଦ୍ର ମନ୍ତ୍ରୀଙ୍କ ଠାରୁ ପିପିଏଲ୍ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ପାରାଦୀପ,୬।୧୨(ସ୍ୱ.ପ୍ର.)**

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ (ପିପିଏଲ) ସାର କାରଖାନାକୁ ବୁଧବାର ସନ୍ଧ୍ୟାରେ ବେଷ୍ଟ ଡିଏପି ପ୍ଲାଣ୍ଟ ଭାବେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଫର୍ଟିଲାଇଜର ସଂଘ ଇଣ୍ଡିଆର ବାର୍ଷିକ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି। ଉତ୍ସବରେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ସଦାନନ୍ଦ ଗୌଡା ପିପିଏଲର ମୁଖ୍ୟ ରଣଜିତ ସିଂ ଚୁଗ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନ ରାଷ୍ଟ୍ର ମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂ, ସାର ରସାୟନ ସଚିବ ଭାରତୀ ଶାହ, ପିପିଏଲର ମୁଖ୍ୟ ପରିଚାଳକ (ଅପରେସନ) ପ୍ରଣବ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ଘରୋଇ ସାର କାରଖାନା ମଧ୍ୟରୁ ପିପିଏଲକୁ ଏହି ସମ୍ମାନ ମିଳିଥିବା ଜଣାଯାଇଛି।

# ବ୍ଲକସ୍ତରୀୟ କ୍ରିକେଟ: ପୂରଣ ଚାମ୍ପିୟନ


ଅତିଥିଙ୍କ ସହ ଚାମ୍ପିୟନ୍ ଦଳର ଖେଳାଳି।

**ବିରିଡ଼ି,୬।୧୨(ଡି.ଏନ.ଏ)**

ବିରିଡ଼ି ବ୍ଲକ ବିଜୁ ଯୁବବାହିନୀ ପକ୍ଷରୁ ବତିମୀରା ପଞ୍ଚାୟତ ରାଣୀପଡ଼ା ଖେଳପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ପୂରଣ ପଞ୍ଚାୟତ ୩୪ ରନ୍‌ରେ ଅଲାଣ୍ଡୋକୁ ହରାଇ ଚାମ୍ପିୟନ ହୋଇଛି। ୧୨ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ପ୍ରଥମେ ପୂରଣ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୭୨ ରନ୍ କରିଥିଲା। ଜବାବରେ ଅଲାଣ୍ଡୋ ୧୧.୫ ଓଭରରେ ମାତ୍ର ୩୮ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି, ବତିମୀରା ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ, ଶଙ୍ଖପୁର ସରପଞ୍ଚ ରଶ୍ମୀରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ପୂରଣ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଓ ରନର୍ସ ଅପ୍ ଅଲାଣ୍ଡୋ ଟିମ୍‌କୁ ରନର୍ସକପ ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ୍ ଓ ସିରିଜ ଭାବେ ପୂରଣ ଟିମ୍‌ର ପ୍ରମୋଦ କୁମାର ଭୋଇଙ୍କୁ ଯଥାକ୍ରମେ ୫ ଶହ ଓ ୩ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା। ବେଷ୍ଟ ଅମ୍ପାୟାର ଭାବେ ଶିକ୍ଷକ ବ୍ରଜବନ୍ଧୁ ବିଶ୍ୱାଳ ଓ ସେଖ୍ କଲିମଙ୍କୁ ପୁରସ୍କୃତ କରାଯାଇଥିଲା। ଧାରା ବିବରଣୀ ପ୍ରଦାନ କରିଥିବା ରୟେବର ଅଲ୍ଲୀ ଖାଁ, ସ୍କୋରର ବିଥଲ କୁମାର ପଶାୟତ, ସ୍ୱେଚ୍ଛାସେବୀ ଭାବେ ଅର୍ଜ୍ଜୁନ ନାୟକ, ରଶ୍ମୀତା ସାମନ୍ତରାୟଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶୃଙ୍ଖଳିତ ଟିମ ଭାବେ ଦରଡ଼ା ପଞ୍ଚାୟତ ପୁରସ୍କୃତ ହୋଇଥିଲା। ଗ୍ରାମାଞ୍ଚଳ ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା, ସେମାନଙ୍କ ପ୍ରତିଭା ବିକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡିସେମ୍ବର ୩ରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୨୦ ପଞ୍ଚାୟତର କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ। ବ୍ଲକ ବିଜୁ ଯୁବବାହିନୀ ସଂଯୋଜିକା ସୁନୀତା ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ।

# ଭାଜପାର ଜନ ପରାମର୍ଶ ପଦଯାତ୍ରା

**ନାଉଗାଁ,୬।୧୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଜୋନ-୨ରେ ଗୁରୁବାର ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭାଜପା କର୍ମୀମାନେ ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏଥିସହ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ବ୍ଲକ ସଭାପତି ଶ୍ରୀକାନ୍ତ ସ୍ୱାଇଁ, ବ୍ଲକ ଯୁବ ସଭାପତି ନିଗମାନନ୍ଦ ପରିଡା, ପବିତ୍ର ପଣ୍ଡା, ତ୍ରିନାଥ ସ୍ୱାଇଁ, ନୀରଜ ସ୍ୱାଇଁ, ତପନ ପରିଡା, ଧ୍ରୁବ ମହାରଣା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ବୃହତ୍ ବନ୍ଦର କ୍ରିକେଟ: ଫାଇନାଲରେ ବମ୍ବେ-ପାରାଦୀପ

**ପାରାଦୀପ,୬।୧୨(ସ୍ୱ.ପ୍ର.)**

ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ବୃହତ ବନ୍ଦର କ୍ରିକେଟ ଟୁର୍ନାମେଣ୍ଟର ଦୁଇ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଶେଷ ହୋଇଛି। ଏଥିରେ ବମ୍ବେ ଓ ପାରାଦୀପ ବନ୍ଦର ବିଜୟୀ ହୋଇ ଫାଇନାଲରେ ପହଞ୍ଚିଛନ୍ତି। ଶୁକ୍ରବାର ଉଭୟ ଦଳ ମଧ୍ୟରେ ଫାଇନାଲ ମୁକାବିଲା ହେବ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ କଲିକତା ଓ ବମ୍ବେ ମଧ୍ୟରେ ହୋଇଥିଲା। କଲିକତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୩ରନ୍ କରିଥିଲା। ଜବାବରେ ବମ୍ବେ ୧୭.୨ ଓଭରରେ ୪ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବମ୍ବେର ସଞ୍ଜୟ ଜନ୍‌ସନକର ୪୩ ବଲରେ ସର୍ବାଧିକ ୬୮ ରନ୍ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଜବାହର ନେହେରୁ ପୋର୍ଟ ଟିମ୍ (ଜେଏନ୍‌ପିଟି) ଓ ପାରାଦୀପ ବନ୍ଦର ମଧ୍ୟରେ ହୋଇଥିଲା। ଜେଏନ୍‌ପିଟି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ଜବାବରେ ପାରାଦୀପ ୧୭ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ସ୍ୱାଇଁ ସର୍ବାଧିକ ୪୦ ରନ୍ କରିଥିଲେ।

# ଜାନୁୟାରୀ ୨୧ରେ ପ୍ରକାଶ ପାଇବ ଭୋଟର ତାଲିକା

**ଜଗତ୍‌ସିଂହପୁର ଅଫିସ, ୬।୧୨**

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଗତମାସ ୧୫ ତାରିଖରେ ଶେଷ ହୋଇଛି। ସଂଗୃହିତ ଫର୍ମଗୁଡିକ ଅନ୍‌ଲାଇନ୍‌ରେ ଏଣ୍ଟ୍ରି ହୋଇସାରିଛି। ଉପଜିଲାପାଳ ଏସବୁ ତଦାରଖ କରୁଛନ୍ତି। ସଂଶୋଧିକ ତାଲିକା ୨୦୧୯ ଜାନୁୟାରୀ ୨୧ ରେ ପ୍ରକାଶ ପାଇବ। ନଭେମ୍ବର ୧୫ ପରେ ଯଦି କେହି ଏହି ତାଲିକାରୁ ବଞ୍ଚିତ ହୋଇଥିବେ, ସେମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନିଆଯିବ। ସେହିପରି ଇତିମଧ୍ୟରେ ମୃତ, ଏକାଧିକ ବୁଥ୍‌ରେ ନାମ ଥିବା କିମ୍ବା ଗୋଟିଏ ବୁଥ୍‌ରେ ଏକାଧିକବାର ନାମ ରହିଥିବା କ୍ଷେତ୍ରରେ ସଂଶୋଧନ କରାଯିବ। ଏନେଇ ବୁଥସ୍ତରୀୟ ଅଧିକାରୀମାନେ ଦାୟିତ୍ୱବାନ ହେବେ। ସେମାନେ ଆସନ୍ତା ୧୦ରୁ ୧୨ ଓ ୨୦ରୁ ୨୨ ତାରିଖ ମଧ୍ୟରେ ଏଜେଣ୍ଟମାନଙ୍କୁ ନେଇ ସଭା କରିବେ। ଗୁରୁବାର ନିର୍ଭୁଲ ଓ ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ରାଜନୈତିକ ଦଳଗୁଡିକର ପ୍ରତିନିଧିମାନଙ୍କ ସହ ଅନୁଷ୍ଠିତ ବୈଠକରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏହା କହିଛନ୍ତି। ସେହିପରି ଏହି ସଭାରେ ସଂଗୃହୀତ ଫର୍ମ ଉପରେ ପରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ସହକାରୀ ଜିଲାପାଳ(ନିର୍ବାଚନ) ବିନୀତା ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଜେଡି, ଭାଜପା ଆଦି ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଯାମିନୀ ଷଡଙ୍ଗୀ ଆଲୋଚନା କରୁଛନ୍ତି।

## ଗୋଡ଼ା ପଞ୍ଚାୟତ ଦୁର୍ନୀତି ଗୁମର ଫିଟୁଛି

# କାମ କଲା କିଏ, ଟଙ୍କା ନେଲା କିଏ

**ଜଗତ୍‌ସିଂହପୁର ଅଫିସ,୬।୧୨**



- ପୋଖରୀ ନ ଖୋଳି ୨.୮୦ ଲକ୍ଷ ଚଳୁ
- ବିନା ପଙ୍କ ଉଦ୍ଧାରରେ ୪୯ ହଜାର ବିଲ୍

ଜଗତ୍‌ସିଂହପୁର ଜିଲାରେ କେନ୍ଦ୍ରୀୟ ଅର୍ଥ କମିଶନ (ସିଏଫ୍‌ସି) ଓ ରାଜ୍ୟ ଅର୍ଥ କମିଶନ(ଏସ୍‌ଏଫ୍‌ସି) ଅନୁଦାନ ବିନିଯୋଗରେ ବ୍ୟାପକ ଦୁର୍ନୀତି ହୋଇଛି। ଏପରି କି ବିନା ପ୍ରକଳ୍ପରେ ଅର୍ଥ ଚଳୁ କରିନିଆଯାଇଛି। ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଏରସମା ବ୍ଲକ ଗୋଡ଼ା ପଞ୍ଚାୟତରେ। ଏହି ପଞ୍ଚାୟତର ରାଜପୁର ଗ୍ରାମର ଭେଡ଼ା ପୋଖରୀ ପୁନରୁଦ୍ଧାର ଅର୍ଥାତ୍ ଖନନ, ଘାଟ ଓ ଲୁଗା ବଦଳା ଗୃହ ଆଦି କରିବା ପାଇଁ ଏସ୍‌ଏଫ୍‌ସିରେ ୩ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ପରେ କାର୍ଯ୍ୟ ସରିଥିବା ଦର୍ଶାଇ ୨,୮୦,୨୧୯ ଟଙ୍କା ବିଲ୍ ହୋଇଥିଲା। ତେବେ ଏହି ପୋଖରୀ ରାଜପୁର ଗ୍ରାମବାସୀ ଖୋଳିଥିଲେ ମଧ ପଞ୍ଚାୟତ ତରଫରୁ ଖୋଳାଯାଇଥିବା ଦର୍ଶାଇ ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ଗୋଡ଼ା ଗ୍ରାମର ପଡ଼ା ଭଜାଖିଆ ଶୀତଳ ପୋଖରୀ ପଙ୍କ ଉଦ୍ଧାର କରା ନ ଯାଇ ୪୮,୫୦୦ ଟଙ୍କା ବିଲ୍ ହୋଇଛି। ଏନେଇ ପଞ୍ଚାୟତର ଶତାଧିକ ଲୋକ ଏରସମା ବିଡିଓ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଏପରି କି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଭେଡ଼ା ପୋଖରୀ ପୁନରୁଦ୍ଧାର ପାଇଁ ଏସ୍‌ଏଫ୍‌ସିରେ ୩ ଲକ୍ଷ ଟଙ୍କା ବ୍ୟୟ ଆକଳନ କରାଯାଇଥିଲା। ପରେ ୨,୯୫,୩୬୯ ଟଙ୍କା ବିଲ୍ ହୋଇଥିଲେ ସୁଦ୍ଧା ସେଥିରୁ ରୟାଲିଟି, ସିମେଣ୍ଟ, ସେସ୍ ଆଦି ବାବଦରେ ୧୫,୧୫୦ ଟଙ୍କା କାଟି ଦିଆଯାଇଥିଲା। ଶେଷରେ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ୨,୮୦,୨୧୯ ଟଙ୍କା ବିଲ୍ ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୩ କୋଣିଆ ଏହି ପୋଖରୀଟି ବହୁ ଆଗରୁ ଖୋଳାଯାଇଥିଲା। ପଞ୍ଚାୟତ ଏଥିରେ ଟଙ୍କାଟିଏ ବି ଖର୍ଚ୍ଚ ନ କରି ମିଥ୍ୟା ବିଲ୍ କରିଛି। ଭଜାଖିଆ ଶୀତଳ ପୋଖରୀ ପଙ୍କ ଉଦ୍ଧାର ପାଇଁ ସିଏଫ୍‌ସିରେ ୫୦ ହଜାର ଟଙ୍କା ଆକଳନ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲା। ହେଲେ ବିନା ପଙ୍କ ଉଦ୍ଧାରରେ ବିଲ୍ ହୋଇଛି। ଏହି ବିଲ୍‌ରେ ଦର୍ଶାଯାଇଛି ମିଟର ପିଛା ୬.୫୪ ଟଙ୍କା ହିସାବରେ ୩୦୦ ମିଟର ଅଳିଆ ସଫା ପାଇଁ ୨,୬୧୬ ଟଙ୍କା ଖର୍ଚ୍ଚ ହୋଇଛି। ବନ୍ଧ ନିର୍ମାଣ ଓ ଅନ୍ୟାନ୍ୟ ବାବଦରେ ଘନ ମିଟର ପିଛା ୯୦ ଟଙ୍କା ହିସାବରେ ୪୫୬ ଘନ ମିଟର ପାଇଁ ୪୧,୦୪୦ ଟଙ୍କା ଖର୍ଚ୍ଚ କରାଯାଇଛି। ଜଳ ନିଷ୍କାସନ ଓ ଫଟୋ ଉଠା ବାବଦରେ ଯଥାକ୍ରମେ ୫,୦୦୦ ଓ ୩୦୦ ଟଙ୍କା ଖର୍ଚ୍ଚ ହୋଇଛି। ଡିସ୍‌ପ୍ଲେ ବୋର୍ଡରେ ୨,୦୦୦ ଓ ଅନ୍ୟାନ୍ୟ ବାବଦରେ ୧,୦୦୦ ଟଙ୍କା ଏହିପରି ମୋଟ ୫୧,୯୫୬ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। କିନ୍ତୁ ଖର୍ଚ୍ଚ ୫୦,୦୦୦ ଟଙ୍କା ଭିତରେ ବିଲ୍ ସୀମିତ ପାଇଁ ଆକଳନ କରାଯାଇଥିବାରୁ ୧,୫୦୦ ଟଙ୍କା ବିଭିନ୍ନ କାରଣ ଦର୍ଶାଇ କାଟି ଦିଆଯାଇଛି। ଅବଶିଷ୍ଟ ୪୮,୫୦୦ ଟଙ୍କା ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ ବିଲ୍ ହୋଇଛି। ଏ ସମ୍ପର୍କରେ ଗୋଡ଼ା ପଞ୍ଚାୟତର ବର୍ତ୍ତମାନର ନିର୍ବାହୀ ଅଧିକାରୀ ଅକ୍ଷୟ ଜେନା ଓ ସରପଞ୍ଚ ସୁଷମା ସ୍ୱାଇଁଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇନାହିଁ। ଘଟଣାର ତଦନ୍ତ କରାଯାଇ ସତ୍ୟାସତ୍ୟ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ କହିଛନ୍ତି।

ଧରିତ୍ରୀ **Exam Mate**

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 1

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***All questions are compulsory. There are 30 questions in all.***

*ii.* ***This question paper has four sections : Section A, Section B, Section C and Section D.***

*iii.* ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

*iv.* ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

*v.* ***Use of calculators is not permitted.***

### SECTION-A

1. Complete the missing entries in the following factor tree.




2. Find the ratio in which the line segment joining $P(x_1, y_1)$ and $Q(x_2, y_2)$ is divided by x-axis.

3. Express $\sin 81^0 + \tan 81^0$ in terms of trigonometric ratios of angle between $0^0$ and $45^0$.

4. Find the value of $\theta$ in each $2\sin 2\theta = \sqrt{3}$

5. What is the probability that a number selected from the numbers 1, 2, 3,....., 15 is a multiple of 4 ?

6. If the mean of first n natural number is 15, then find n.

### SECTION-B

7. Prove that there is no natural number n for which $4^n$ ends with the digit zero.

8. If $\alpha$ and $\beta$ are the zeros of the polynomial $f(x) = x^2 - 5x + k$ such that $\alpha - \beta = 1$, find the value of k.

9. Find a point on the y-axis which is equidistant from the points A(6, 5) and B(–4, 3).

10. If $\sin(A + B) = 1$ and $\cos(A - B) = \frac{\sqrt{3}}{2}$, $0^0 < A + B \le 90^0$, A > B then find A and B

11. A jar contains 54 marbles each of which is blue, green or white. The probability of selecting a blue marble at random from the jar is $\frac{1}{3}$, and the probability of selecting a green marble at random is $\frac{4}{9}$. How many white marbles does the jar contain ?

12. The mean of 1, 3, 4, 5, 7, 4 is m. The numbers 3, 2, 2, 4, 3, 3, p have mean m – 1 and median q. Then find p + q.

### SECTION-C

13. Prove that $\sqrt{2} + \sqrt{5}$ is irrational.

14. Find the values of p and q for which the following system of equations has infinite number of solutions:

$2x + 3y = 7$

$(p + q)x + (2p - q)y = 21$

15. Find four numbers in A.P. whose sum is 20 and the sum of whose squares is 120.

16. If the point (x, y) is equidistant from the points (a + b, b – a) and (a – b, a + b), prove that bx = ay.

17. ABC is a right triangle right angled at B such that BC = 6 cm and AB = 8 cm. Find the radius of its incircle.




**OR**

In figure, a circle is inscribed in a quadrilateral ABCD in which $\angle B = 90^0$. If AD = 23, AB = 29 cm and DS = 5 cm, find the radius r of the circle.




18. In figure, $\Delta ABC$ and $\Delta DBC$ are on the same base BC. If AD and BC intersect at O, prove that $\frac{Area(\Delta ABC)}{Area(\Delta DBC)} = \frac{AO}{DO}$




**OR**

ABC is a right triangle right angled at C and AC = $\sqrt{3}$ BC. Prove that $\angle ABC = 60^0$.




19. Draw a circle of radius 6 cm. Draw a tangent to this circle making an angle of $30^0$ with a line passing through the centre.

20. Prove that $\frac{1}{\operatorname{cosec} A - \cot A} - \frac{1}{\sin A} = \frac{1}{\sin A} - \frac{1}{\operatorname{cosec} A + \cot A}$

21. In figure, ABCD is a trapezium with AB || CD and $\angle BCD = 60^0$. If BFEC is a sector of a circle with centre C and AB = BC = 7 cm and DE = 4 cm, then find the area of the shaded region (Use $\pi$ = 22/7 and $\sqrt{3}$ = 1.732)




22. A vessel is in the form of a hemispherical bowl mounted by a hollow cylinder. The diameter of the sphere is 14 cm and the total height of the vessel is 13 cm. Find its capacity (Take $\pi$ = 22/7)

### SECTION-D

23. A shopkeeper buys a number of books for Rs. 80. If he had bought 4 more books for the same amount, each book would have cost Rs. 1 less. How many books did he buy ?

24. The sum of the first p, q, r terms of an A.P. are a, b, c respectively. Show that $\frac{a}{p}(q - r) + \frac{b}{q}(r - p) + \frac{c}{r}(p - q) = 0$

25. The sum of a two-digit number and the number obtained by reversing the order of its digits is 165. If the digits differ by 3, find the number.

26. D and E are points on the sides AB and AC respectively of a $\Delta ABC$ such that DE || BC and divides $\Delta ABC$ into two parts, equal in area, find BD/AB.

**OR**

The perpendicular AD on the base BC of a $\Delta ABC$ intersects BC at D so that DB = 3CD. Prove that $2AB^2 = 2AC^2 + BC^2$.

27. If $\sec\theta = x + \frac{1}{4x}$, prove that $\sec\theta + \tan\theta = 2x$ or $\frac{1}{2x}$

28. A man on a cliff observe a boat at an angle of depression of $30^0$ which is approaching the shore to the point immediately beneath the observer with a uniform speed. Six minutes later, the angle of depression of the boat is found to be $60^0$. Find the time taken by the boat to reach the shore.

29. Water flows at the rate of 10 meters per minute through a cylindrical pipe 5 mm in diameter. How long would it take to fill a conical vessel whose diameter at the base is 40 cm and depth 24 cm?

**OR**

The interior of a building is in the form of cylinder of a diameter 4.3 m and height 3.8 m, surmounted by a cone whose vertical angle is a right angle. Find the area of the surface and the volume of the building. (Take $\pi$ = 3.14)

30. If the median of the following frequencies distribution is 46, find the missing frequencies.

| Class | 10–20 | 20–30 | 30–40 | 40–50 | 50–60 | 60–70 | 70–80 | Total |
|---|---|---|---|---|---|---|---|---|
| Frequency | 12 | 30 | ? | 65 | ? | 25 | 18 | 229 |

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### ଆହତ ଛାତ୍ରୀଙ୍କୁ ସହାୟତାର ହାତ ବଢ଼ାଇଲେ ଅଧକ୍ଷା

**ରସୁଲପୁର,୬।୧୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ)ର ଅଧକ୍ଷା ସୁସ୍ମିତା ମିଶ୍ର କଲେଜର ଅଧ୍ୟୟନରତ ଯୁକ୍ତ ୨ ଛାତ୍ରୀ ପ୍ରତିମା ଦାସଙ୍କୁ ସହାୟତାର ହାତ ବଢାଇଛନ୍ତି। ଦୁର୍ଘଟଣାରେ ଆହତ ଛାତ୍ରୀଙ୍କ ଚିକିତ୍ସା ପାଇଁ ଅଧକ୍ଷା ମିଶ୍ର ଛାତ୍ରୀଙ୍କ ପିତା ରବୀନ୍ଦ୍ର ଦାସଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରିବା ସହ ତାର ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରକାଶ ଥାଉକି ପ୍ରତିମା କଲେଜରେ ଶ୍ରେଣୀଗୃହକୁ ଯାଉଥିବା ସମୟରେ ବାଇକରେ ଆସୁଥିବା ଜଣେ ଛାତ୍ର ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ପ୍ରତିମାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିଲା। ଉକ୍ତ ଛାତ୍ରୀଙ୍କୁ ତୁରନ୍ତ ସ୍ଥାନୀୟ ହରିପୁର ମେଡିକାଲକୁ ନିଆଯାଇଥିଲା । ପରେ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଛାତ୍ରୀଙ୍କୁ ଅଧକ୍ଷାଙ୍କ ସହାୟତା ତାଙ୍କ ଚିକିତ୍ସାରେ ସହାୟକ ହୋଇପାରିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

### ଶେଷ ହେଲା ସମିତିସଭ୍ୟା ଉପନିର୍ବାଚନ
### ଆଜି ପ୍ରକାଶ ପାଇବ ଫଳାଫଳ

**ଚଣ୍ଡିଖୋଲ,୬।୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ସମିତି ସଭ୍ୟା ପଦ ପାଇଁ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ଉପନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନରେ ୬୪ ପ୍ରତିଶତ ମତଦାତା ସେମାନଙ୍କର ମତ ଦେଇଛନ୍ତି। ଏହି ପଞ୍ଚାୟତରେ ୫୩୩୧ ଭୋଟର ଥିଲା ବେଳେ ୩୫୭୫ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ଏହି ପଦବୀ ପାଇଁ ୪ ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନ ଲଢୁଛନ୍ତି। ଶୁକ୍ରବାର ନିର୍ବଚନ ଫଳାଫଳ ଘୋଷଣା କରାଯିବ। ମତଦାନ ପରେ ଭୋଟ ବାକ୍ସକୁ କଡ଼ା ସୁରକ୍ଷାରେ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଯାଜପୁର ଏସଡିପିଓ କେଦାରନାଥ ସାହୁଙ୍କ ତତ୍ତ୍ୱାବଧାନରେ ୨ ଇନ୍ସପେକ୍ଟର, ୪ ଏସଆଇ, ୬ ଏଏସଆଇଙ୍କ ସମେତ ୨ ପ୍ଲାଟୁନ୍ ପୋଲିସ ମୁତୟନ ହୋଇଥିଲା।

### ଜିଲା ଖଣିଜ ପ୍ରତିଷ୍ଠାନ
### ଫାର୍ମାସିଷ୍ଟ, ଟେକ୍ନିସିଆନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

**ଯାଜପୁର ଅଫିସ,୬।୧୨:** ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଗୁରୁବାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଲାବୋରେଟୋରୀ ଟେକ୍ନିସିଆନ ଓ ଫାର୍ମାସିଷ୍ଟ ପଦବୀ ନିମନ୍ତେ ୧୦ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଯୁକ୍ତି ପତ୍ର ପ୍ରଦାନ ସହ ଠିକଭାବେ କାମ କରିବାକୁ ନବ ନିଯୁକ୍ତଙ୍କୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଜିଲା ଖଣିଜ ପ୍ରତିଷ୍ଠାନର ଟିମ୍ ଲିଡର କୁମାର ଶୁଭାଶିଷ, ଅନ୍ୟତମ ସଦସ୍ୟ ଇଂଜିନିୟର କମଳାକାନ୍ତ ସ୍ୱାଇଁ, ଆଶିର୍ବାଦ ନାୟକ, ଆଶିଷ ଦାସ, ସୁନୀତ କୁମାର ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଫାର୍ମାସିଷ୍ଟ ଭାବେ ମନସ୍ୱିନୀ ରଥ, ବବିତା ସାହୁ, ସନ୍ଧ୍ୟାରାଣୀ ନାୟକ, ଇତିଶ୍ରୀ ରାୟ, ସୁଚିସ୍ମିତା ସିଂ ଓ ଲାବୋରେଟୋରୀ ଟେକ୍ନିସିଆନ ଭାବେ ରସ୍ମିତା ସିଂ, ଦେବାଶିଷ ରାଉତ, ସୋନାଲି ସୁଚିସ୍ମିତା ସାହୁ, ଶୁଭ୍ରଜ୍ୟୋତି ସ୍ୱାଇଁ ପ୍ରାଚି ପରମିତା ଜେନାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ରାଜସ୍ୱ ଆୟୁକ୍ତ ଯାଜପୁର ଜିଲା ଗସ୍ତ ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ଜିଲାପାଳଙ୍କ କାର୍ଯ୍ୟାଳୟର ବିବିଧ କାର୍ଯ୍ୟ ସମୀକ୍ଷା କରିଥିଲେ।

## ଯାଜପୁର ପୌର ପରିଷଦ
# ରାଜୀବ ଆବାସ ଅର୍ଥକୁ ମିଳିମିଶି ହରିଲୁଟ

**ଯାଜପୁର ଅଫିସ,୬।୧୨**

- କ୍ଷମତା ବଳରେ ତଦନ୍ତ ନିର୍ଦ୍ଦେଶକୁ ରୋକ୍
- ୩ ମାସ ପରେ ବି ଟିପିଆଇଏମଏ ତଦନ୍ତ ନୋହିଲା
- ପତ୍ରରେ ସୀମିତ ୪.୧୪ କୋଟି ଟଙ୍କା ଫେରସ୍ତ ନିର୍ଦ୍ଦେଶ

ଯାଜପୁର ପୌରପରିଷଦରେ ରାଜୀବ ଆବାସ ଯୋଜନାରେ ଗରିବ ନୀରିହ ଝୁମ୍ପୁଡିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଅନୁଦାନକୁ ମିଳିମିଶି ହରିଲୁଟ କରାଯାଇଛି। ମୁଖ୍ୟମନ୍ତ୍ରୀ ଦେଇଥିବା କ୍ଷମତାକୁ ଅପବ୍ୟବହାର କରି ଶାସକ ଦଳର ଜଣେ ପ୍ରଭାବଶାଳୀ ବିଧାୟକଙ୍କ ଇଙ୍ଗିତରେ ପ୍ରାୟ ସାଢେ ୬କୋଟି ଟଙ୍କା ଅନିୟମିତା ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି)ରେ ସ୍ପଷ୍ଟ ହୋଇଛି। ଏପରିକି ଗତ ସେପ୍ଟେମ୍ବର ମାସରେ ଥାର୍ଡ ପାର୍ଟି ଇନ୍ସପେକ୍ସନ ଆଣ୍ଡ ମନିଟରିଂ ଏଜେନ୍ସି(ଟିପିଆଇଏମ୍ଏ)କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲେ ହେଁ ରାଜନୈତିକ ପ୍ରଭାବରେ ତାହା ଅଟକ ରହିଛି। ବିଡ଼ମ୍ବନା ଯେ, ଏହି ଦୁର୍ନୀତି ସଂକ୍ରାନ୍ତରେ ଆଉ କୌଣସି ତଥ୍ୟ ଯେପରି ପ୍ରଘଟ ନ ହେବ ସେଥିପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଯାଜପୁର ପୌରାଞ୍ଚଳର ଇ-ଡେସ୍ପାଚକୁ ମଧ୍ୟ ପ୍ରଭାବିତ କରାଯାଇଛି। ସଚେତନ ଥିବା ଅଞ୍ଚଳବାସୀ ଏହାକୁ ମର୍ମେ ମର୍ମେ ବୁଝିପାରି ଶାସକ ଦଳର ସେହି ଆଗଧାଡିର ବିଧାୟକଙ୍କ ଏଭଳି ହୀନ କାର୍ଯ୍ୟକୁ ନିନ୍ଦା କରିବା ସହ ଆଗାମୀ ନିର୍ବାଚନରେ ଆବଶ୍ୟକ ଜବାବ ଦିଆଯିବ ବୋଲି ଆଲୋଚନା ହେଉଛି।

ରାଜୀବ ଆବାସ ଯୋଜନାରେ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪କୋଟି ଟଙ୍କାର ଟ୍ରାନ୍ଜିଟ ହାଉସ ନିର୍ମାଣ କରି ପୌରପରିଷଦ କର୍ତ୍ତୃପକ୍ଷ ଧନୀଶ୍ରେଣୀ ଲୋକଙ୍କୁ ମାର୍କେଟ କମ୍ପ୍ଲେକ୍ସ ଭାବେ ଟେକି ଦେଇଥିଲା। ଏସଂକ୍ରାନ୍ତରେ ଗତ ନଭେମ୍ବର ମାସ ୧ତାରିଖରେ ଓଡିଶା ଗୃହ ଓ ନଗର ଉନ୍ନୟନ ମିଶନ(ଓୟୁଏଚଏମ)ର ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଏକ ସପ୍ତାହ ମଧ୍ୟରେ ରାଜୀବ ଆବାସ ଯୋଜନାର ୪.୧୪ କୋଟି ଟଙ୍କା ଫେରସ୍ତ କରିବାକୁ ଯାଜପୁର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶକୁ ଇତିମଧ୍ୟରେ ୧ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ପୌର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ପାରିନାହାନ୍ତି। ଏହା ପୂର୍ବରୁ ଟିପିଆଇଏମ୍ଏ ଏହାର ତଦନ୍ତ କରିବ ବୋଲି ଗତ ସେପ୍ଟେମ୍ବର ମାସ ୧୦ତାରିଖରେ ନିର୍ଦ୍ଦେଶ ହୋଇଥିଲା । ଭାରତ ସରକାରଙ୍କ ଆର୍କିଟେକ୍ଟୋ କନସଲ୍ଟାଣ୍ଟ ପ୍ରାଇଭେଟ ଲିମିଟେଡକୁ ଟିପିଆଇଏମ୍ଏ ଭାବେ ନିଯୁକ୍ତି ଦିଆଯାଇଥିଲା। ଆଉ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ନଗର ଗୃହ ମିଶନ(ଓୟୁଏଚଏମ)ର ନିର୍ଦ୍ଦେଶକ ସୁରେଶଚନ୍ଦ୍ର ଦଲାଇ ତାଙ୍କ ପତ୍ରସଂଖ୍ୟା ୧୬୮୭/୧୦।୯।୨୦୧୮ରେ ନିର୍ଦ୍ଦେଶ ଦେଇଥିଲେ। ଏହିସବୁ ସତ୍ତ୍ୱେ ତଦନ୍ତ ଫସର ଫାଟିଛି । ଗରିବ ଲୋକଙ୍କ ଅନୁଦାନର ଉପଯୁକ୍ତ ବିନିଯୋଗ ଏବଂ ଅନିୟମିତତାରେ ସଂପୃକ୍ତ ଅଧିକାରୀ କିମ୍ବା ଲୋକ ପ୍ରତିନିଧିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସବୁପ୍ରକାର ଉଦ୍ୟମ କରିଛନ୍ତି। ହେଲେ ଏହି ଦୁର୍ନୀତିର ପେଡି ଖୋଲିଲେ କାଳେ ସମ୍ପୃକ୍ତ ପ୍ରଭାବଶାଳୀ ନେତାଙ୍କ ଅସଲ ମୁଖା ଖୋଲିଯିବ ସେହି ଭୟରେ କ୍ଷମତାର ଅପବ୍ୟବହାର କରାଯାଉଥିବା ମତପ୍ରକାଶ ପାଇଛି। ଏଥିପାଇଁ ପ୍ରଶାସନିକ କଳକୁ ଡରାଇ ଧମକାଇ ସବୁପ୍ରକାର ପଦକ୍ଷେପ ଓ ତଦନ୍ତକୁ ରୋକ ଲଗା ଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ରାଜୀବ ଆବାସ ତଥା ହାଉସିଂ ଫର ଅଲ୍ ଯୋଜନାରେ ଯାଜପୁର ପୌରପରିଷଦରେ ୧୫୯୭ଟି ଘର ମଞ୍ଜୁର ହୋଇଥିଲା। ଏଥିପାଇଁ ୩୧.୩୧ କୋଟି ଟଙ୍କା ଅନୁଦାନ ଆବଣ୍ଟିତ ହୋଇଥିଲା। ହେଲେ ସେଥିରୁ ମାତ୍ର ୫୫୮ଟି ଘର ସମ୍ପୂର୍ଣ୍ଣ, ୧୮୧ଟି ଘର ନିର୍ମାଣାଧିନ ଓ ୮୫୮ ଟି ଘର କାର୍ଯ୍ୟ ଆରମ୍ଭ ହୋଇନାହିଁ ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଥିଲା। ୨୦୧୭ ଏପ୍ରିଲରୁ ମେ' ମାସ ମଧ୍ୟରେ ସିଏଜି ପକ୍ଷରୁ ହୋଇଥିବା ତଦନ୍ତରେ ୪୮ଟି ଘର ଝୁମ୍ପୁଡିବାସୀଙ୍କ ପାଇଁ ହୋଇ ନ ଥିବା ଜଣାପଡ଼ିଥିଲା। ଏହାକୁ କେତେକ ରାଜନୈତିକ ପ୍ରଭାବଶାଳୀ ଥିଲାବାଲା ଲୋକ ହାତେଇ ନେଇଛନ୍ତି। ଏହାବାଦ ୨୪ଜଣଙ୍କ ଜମି ନାହିଁ। ନଅରପଦାର ଜଣେ ହିତାଧିକାରୀ ଦୁଇ ଦୁଇଟି ଘର ପାଇଛନ୍ତି। ଯାହାର କ୍ରମିକ ନମ୍ବର ୧୪ ଓ ୩୯ ବୋଲି ଅଡିଟ ରିପୋର୍ଟରେ କୁହାଯାଇଛି। ଏହି ୭୩ ଟି ଘର ମାମଲାରେ ପ୍ରାୟ ୨.୩୯ କୋଟି ଟଙ୍କାର ଅନିୟମିତା ହୋଇଛି। ଏହାବାଦ ରାଜୀବ ଆବାସ ନିର୍ମାଣ ସମୟରେ ୧୦୪ଗରିବ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪ କୋଟି ଟଙ୍କା ମୂଲ୍ୟର ଟ୍ରାନ୍ଜିଟ ହାଉସ ନିର୍ମାଣ ହୋଇଛି। ହେଲେ ତାହା ମାର୍କେଟ କମ୍ପ୍ଲେକ୍ସରେ ପରିଣତ ହୋଇଛି। ତଦନ୍ତରେ ଶିଥିଳତା ସଂକ୍ରାନ୍ତରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସରୋଜ କୁମାର ରାଉତଙ୍କୁ ପଚାରିବାରୁ ସେ ଅର୍ଥ ହରିଲୁଟ ଅଭିଯୋଗକୁ ଖଣ୍ଡନ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅନୁପାଳନ କରାଯାଉଛି ବୋଲି କହିଛନ୍ତି ।

### ଶ୍ରମିକଙ୍କ ମୃତ୍ୟୁକୁ ନେଇ କାରଖାନା ଫାଟକ ସମ୍ମୁଖରେ ଉତ୍ତେଜନା

**କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

**କଳିଙ୍ଗନଗର,୬।୧୨(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଯାଜଦାନି କାରଖାନାରେ ବୁଧବାର ବିଳମ୍ବିତ ରାତିରେ ଜଣେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ହୋଇଛି। ମୃତକ ହେଲେ ହାତୀବାରୀ ପଞ୍ଚାୟତ ଡୁବୁରୀ ସାହିର ଜଗନ୍ନାଥ ପାତ୍ର(୫୨)। କମ୍ପାନୀ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। କାରଖାନା କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଥିଲେ ମଧ୍ୟ ରାଜି ନ ହେବାରୁ ଗୁରୁବାର କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ଧାରଣାରେ ବସିଥିଲେ। ଖବର ପ୍ରଚାରିତ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା। ଶତାଧିକ ମହିଳା ଓ ପୁରୁଷ ଧାରଣାରେ ସାମିଲ ହୋଇଥିଲେ। ପରେ କର୍ତ୍ତୃପକ୍ଷ ଧାରଣାକାରୀଙ୍କ ନିକଟରେ ପହଞ୍ଚି ୩ ଲକ୍ଷ ଟଙ୍କା କ୍ଷତିପୂରଣ ସହ ତାଙ୍କ ପୁଅଙ୍କୁ କମ୍ପାନୀରେ ଚାକିରି ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କନଭେୟର ବେଲ୍ଟରେ ଚାପିହୋଇ ଗୁରୁତର ଘଟଣା
# ଚିକିତ୍ସାଧୀନ ଅବସ୍ଥାରେ ଠିକା ଶ୍ରମିକଙ୍କ ମୃତ୍ୟୁ

**କଳିଙ୍ଗନଗର,୬।୧୨(ଡି.ଏନ.ଏ.)**

**କମ୍ପାନୀ ପକ୍ଷରୁ ୫ ଲକ୍ଷ କ୍ଷତିପୂରଣ ପ୍ରଦାନ**

ଜଖପୁରା ଥାନା ଅନ୍ତର୍ଗତ ଭିସାଷ୍ଟିଲ କାରଖାନାରେ କନଭେୟର ବେଲ୍ଟରେ ଚାପିହୋଇ ଗୁରୁତର ହୋଇଥିବା ଠିକା ଶ୍ରମିକଙ୍କର ବୁଧବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁରରୋଡ ଥାନା ଅନ୍ତର୍ଗତ ନେଳିବାଡ଼ି ଗ୍ରାମର ଜଗନ୍ନାଥ ଦଳେଇ(୩୨)। ମୃତ୍ୟୁ ଖବର ପାଇବା ପରେ କାରଖାନା କର୍ତ୍ତୃପକ୍ଷ ପରିବାରକୁ ଡକାଇ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଅନ୍ତିମ ସଂସ୍କାର ପାଇଁ ୫୦ ହଜାର ଟଙ୍କା ଦେଇଛନ୍ତି। ଏଥିସହ ମୃତ ଶ୍ରମିକଙ୍କ ସ୍ତ୍ରୀଙ୍କୁ କମ୍ପାନୀରେ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୩୦।୯।୨୦୧୮ରେ ଜଗନ୍ନାଥ କାରଖାନାର ଡିଆର୍ଆଇ ସାଇଡ୍‌ରେ କାମ କରୁଥିଲେ । ଏହି ସମୟରେ କାରଖାନାର କନଭେୟର ବେଲ୍ଟ ବନ୍ଦ ଥିବାରୁ ଜଗନ୍ନାଥ ଉକ୍ତ ବେଲ୍ଟ ଲାଇନ ଉପରେ ବସିଥିଲେ । ହଠାତ୍ ବେଲ୍ଟ ଲାଇନ୍‌କୁ ଚାଲୁ କରାଯିବାରୁ ଜଗନ୍ନାଥ ସେଥିରେ ଚାପିହୋଇ ତଳେ ପଡିଯାଇଥିଲେ । ଖବରପାଇ କାରଖାନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଜଗନ୍ନାଥଙ୍କୁ ଅଚେତ ଅବସ୍ଥାରେ ପ୍ରଥମେ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ଶିଶୁକନ୍ୟା ଫେରି ପାଇବାକୁ ମା' ଶିଶୁମଙ୍ଗଳ କମିଟିର ଦ୍ୱାରସ୍ଥ

**ବିରଜାକ୍ଷେତ୍ର,୬।୧୨(ଡି.ଏନ୍.ଏ)**

ନିଜ ୩ମାସର ଶିଶୁକନ୍ୟାକୁ ଫେରି ପାଇବା ପାଇଁ ମା' ଗୁରୁବାର ଶିଶୁ ମଙ୍ଗଳ କମିଟିର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, କୋରେଇ ଥାନା ଅନ୍ତର୍ଗତ ସୋଲାବତୀ ଗ୍ରାମର ଚେମାନାଥଙ୍କ ସ୍ତ୍ରୀ କଣ୍ଢେଇ ସେପ୍ଟେମ୍ବର ୧୨ରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଝିଅ ଜନ୍ମର କିଛିଦିନ ପରେ କଣ୍ଢେଇ ନିଜ ଶିଶୁଟିର ଲାଳନପାଳନ ପାଇଁ ଧରମ ଝିଅକୁ ଦେଇଥିଲେ। ପୂର୍ବରୁ କଣ୍ଢେଇଙ୍କର ୪ଟି ସନ୍ତାନ ଅଛନ୍ତି। ଆର୍ଥିକ ଦୁରାବସ୍ଥା ଯୋଗୁ ସେ ଉକ୍ତ ଶିଶୁକନ୍ୟାଟିର ଲାଳନପାଳନ ପାଇଁ ଧରମ ଝିଅକୁ ଦେଇଥିଲେ। ମାତ୍ର କଣ୍ଢେଇଙ୍କ ନବଜାତ ଶିଶୁ ବିକ୍ରିହେବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କୋରେଇ ଥାନା ପୋଲିସ ଉକ୍ତ ଶିଶୁକୁ ଡିସେମ୍ବର ୨ରେ ଉଦ୍ଧାର କରି ଯାଜପୁର ଶିଶୁ ମଙ୍ଗଳ କମିଟିରେ ହାଜର କରାଇଥିଲା। ଶିଶୁ ମଙ୍ଗଳ କମିଟି ଯାଜପୁର ସହରର ଉତ୍କଳ ବାଳାଶ୍ରମଠାରେ ଥିବା ସାହାରେ ନବଜାତ ଶିଶୁକୁ ଯତ୍ନ ସହ ରଖାଇଥିଲେ। ମାତ୍ର ଗୁରୁବାର ଶିଶୁର ମା' କଣ୍ଢେଇ ନିଜ ଛୁଆକୁ ନେଇଯିବା ପାଇଁ ଉତ୍କଳ ବାଳାଶ୍ରମରେ ପହଞ୍ଚି ଦାବି କରିବା ସହ ପାଟିତୁଣ୍ଡ କରିଥିଲେ। ଶିଶୁ ମଙ୍ଗଳ କମିଟି ସରକାରୀ କାଗଜପତ୍ର ଠିକ୍ ହେବା ପରେ ଛୁଆକୁ ଫେରସ୍ତ କରାଯିବ ବୋଲି କହିଥିଲେ ମଧ୍ୟ ଛୁଆକୁ ନେବା ପାଇଁ ମା' ଓ ପରିବାରବର୍ଗ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ ସମ୍ମୁଖରେ ବସିରହିଥିବା ଦେଖିବାକୁ ମିଳିଥିଲା।

## ଭତ୍ତା ପ୍ରଦାନ ମେଳା
# ୮୦୬ ହିତାଧିକାରୀଙ୍କୁ ନଗଦ ଅର୍ଥ, ପାସବୁକ୍ ପ୍ରଦାନ



ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ବିଧାୟକ।

**ରସୁଲପୁର,୬।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ବ୍ଲକର ୨୮ଗୋଟି ପଞ୍ଚାୟତ ମଧ୍ୟରୁ ୧୮ଗୋଟି ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳିରେ ସାମିଲ ହୋଇଥିବା ଏହି ବ୍ଲକର ୯ଟି ଲେଖାଏ ପଞ୍ଚାୟତରୁ ମୋଟ ୮୦୬ଜଣ ହିତାଧିକାରୀଙ୍କୁ ଭତ୍ତା ବାବଦକୁ ନଗଦ ଅର୍ଥରାଶି ଓ ଭତ୍ତା ପାସବୁକ୍ ପ୍ରଦାନ କରାଯାଇଛି। ରସୁଲପୁର ବ୍ଲକକୁ ଅତିରିକ୍ତ ମଧୁବାବୁ ଓ ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଓ ଅବିବାହିତ କୁମାରୀଙ୍କ ଭତ୍ତା ବାବଦକୁ ୧୦୧୧ଟି ଭତ୍ତା ଆବେଦନ ଆସିଥିଲା। ସେଥି ମଧ୍ୟରୁ ମଧୁବାବୁ ପେନସନ୍ ଯୋଜନାରେ ହିତାଧିକାରୀଙ୍କୁ ୨ମାସର ୬ଶହ ଓ ଇନ୍ଦିରା ଗାନ୍ଧୀ ପେନସନ୍ ଯୋଜନାରେ ୩ମାସର ୯ଶହ ଲେଖାଏଁ ବକେୟା ଭତ୍ତା ରାଶି ପ୍ରଦାନ କରାଯାଇଛି।

ଏହି ଅବସରରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଭତ୍ତା ବଣ୍ଟନ ମେଳାରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସରକାରଙ୍କ ଜନହୀତକର ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଭତ୍ତା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ସାମଲ, କୋରେଇ ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ପଞ୍ଚାୟତ ସମିତି ଉପାଧକ୍ଷ ଯତିନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳିରୁ ମଧୁବାବୁ ପେନସନ୍ ଯୋଜନାରେ ୩୫୦ଜଣ, ଇନ୍ଦିରା ଗାନ୍ଧୀ ଭତ୍ତା ଯୋଜନାରେ ୩୭ଜଣ, କୋରେଇ ନିର୍ବାର୍ଚାନ ମଣ୍ଡଳିରୁ ମଧୁବାବୁ ପେନସନ୍ ଯୋଜନାରେ ୩୦୫ଜଣ, ଇନ୍ଦିରାଗାନ୍ଧୀ ଭତ୍ତା ଯୋଜନାରେ ୧୧୪ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

# ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ବିଡିଓ

**ରସୁଲପୁର,୬।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପକୁ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା ବୁଲି ଦେଖିଛନ୍ତି। ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଗ୍ରଗତି, ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ସ୍ଥିତି, ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଫେରି ଯାଇଥିଲେ। ଆମ ଗାଁ ଆମ ବିକାଶ ଯୋଜନା ଅନ୍ତର୍ଭୁକ୍ତ ପ୍ରକଳ୍ପ ଗୁଡିକ ମଧ୍ୟରୁ ଭୋଟକା ବଇଞ୍ଚ ପଡିଆରେ ନିର୍ମାଣଧିନ କମ୍ୟୁନିଟି ସେଣ୍ଟର ଏକ ଗୋଚର ଜମି ଉପରେ ନିର୍ମାଣ ହେଉଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଯାଜପୁର ଜିଲାପାଳ ଓ ରସୁଲପୁର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ନିର୍ମାଣାଧିନ ପ୍ରକଳ୍ପ ସମ୍ପର୍କରେ ତହସିଲ୍‌ଦାରଙ୍କ ପକ୍ଷରୁ ଜମିଜମା ପ୍ରମାଣପତ୍ର ଫାଇଲରେ ସଂଯୋଗ କରିବା ପରେ ନିର୍ମାଣ କାର୍ଯ୍ୟ ଅଗ୍ରଗତି କରିବାକୁ ପରାମର୍ଶ ଦେଇଥିଲେ।

ବୁଧବାର ବିଡିଓ ପରିଡ଼ା, ଏବିଡିଓ ଅସିତ୍ କୁମାର ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ନିକୁଞ୍ଜ ରାଉତ, ସରପଞ୍ଚ ଅକ୍ଷୟ କୁମାର ମଲିକ, କନିଷ୍ଠ ଯନ୍ତ୍ରୀ ଫକିରମୋହନ ଦଳେଇ ପ୍ରମୁଖ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ପ୍ରକଳ୍ପର ଫାଇଲ ଯାଞ୍ଚକରିବା ସହ ମାସିକିଆ ବୈଠକ, କ୍ୟାସ୍‌ବୁକ୍, ନୋଟିସ ବୁକ୍ ଆଦି ଯାଞ୍ଚ କରିଥିଲେ। ଇଛାପୁର ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ଅକ୍ଷୟ ରଣାଙ୍କ ପ୍ରଧାନମନ୍ତ୍ରୀ ଆବାସ ଘର, ଆମଗାଁ ଆମ ବିକାଶ ପ୍ରକଳ୍ପର ଅଗ୍ରଗତି, ୪ର୍ଥ ରାଜ୍ୟ ଅର୍ଥ କମିଶନ ଓ ୧୪ତମ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ସରକାରୀ ଆବାସ ଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ବିଡିଓ ପରିଡା ଗୁରୁତ୍ୱାରୋପ କରିଥିଲେ । ସେହିପରି ବିଲିପଡ଼ା ଗ୍ରାମର ଡିଲର ଅଭିରାମ ଆଏଚଙ୍କ ଷ୍ଟୋରକୁ ଯାଇ ରେଜିଷ୍ଟ୍ରାର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ୨ଅନ୍ନପୂର୍ଣ୍ଣା ହିତାଧିକାରୀ ପୁଷ୍ପଲତା ସାହୁ ଓ ଅନ୍ନପୂର୍ଣ୍ଣା ପଣ୍ଡାଙ୍କୁ ୨ମାସ ହେଲା ଚାଉଳ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଥିଲା। କ'ଣ ପାଇଁ ଚାଉଳ ଦିଆଯାଇ ନାହିଁ ତାର କାରଣ ଜଣାଇବାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ଯୋଗାଣ ଅଧିକାରିଣୀ ରାଜଲକ୍ଷ୍ମୀ ପାତ୍ରଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ।





ଦେଶରେ ବିମାନ ମଧ୍ୟରେ ଟେଲିକମ୍ ସେବା ପ୍ରଦାନ ନେଇ ଶୀଘ୍ର ବିଜ୍ଞପ୍ତି ଜାରି କରାଯିବା।
– ମନୋଜ ସିହ୍ନା, କେନ୍ଦ୍ର ଟେଲିକମ୍ ମନ୍ତ୍ରୀ



ଆଗାମୀ ୫ ବର୍ଷରେ ମିଡିଆ ଏବଂ ଏଣ୍ଟରଟେନମେଣ୍ଟ ଶିଳ୍ପର ରପ୍ତାନି ୧୦ ବିଲିୟନ ଡଲାର ଛୁଇଁବାର ସମ୍ଭାବନା ରହିଛି।
– ସୁଧାଂଶୁ ପାଣ୍ଡେ, ଅତିରିକ୍ତ ସଚିବ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ

## ସଂକ୍ଷେପରେ

### ଏସ୍ଏଲ୍ଆର୍‌କୁ ୧୮%ରେ ଆଣିବା ଆର୍‌ବିଆଇର ଲକ୍ଷ୍ୟ

**ମୁମ୍ବାଇ,୬-୧୨:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆସନ୍ତା ବର୍ଷ ଜାନୁୟାରୀରୁ ପ୍ରତି ତ୍ରୈମାସରେ ବୈଧାନିକ ତରଳତା ଅନୁପାତ(ଏସ୍ଏଲ୍ଆର୍)ରେ ୦.୨୫% ଲେଖାଏ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏସ୍ଏଲ୍ଆର୍‌କୁ ୧୮% ପର୍ଯ୍ୟନ୍ତ ଆଣିବା ଲାଗି ଆର୍‌ବିଆଇ ଲକ୍ଷ୍ୟ ଧାର୍ଯ୍ୟ କରିଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି ଯୋଗୁ ବ୍ୟାଙ୍କଗୁଡିକ ନିକଟରେ ଅଧିକ ଅର୍ଥ ଉପଲବ୍ଧ ହେବ ଓ ସେମାନେ ଅଧିକ ଋଣ ଦେଇପାରିବେ। ବର୍ତ୍ତମାନ ଏସ୍ଏଲ୍ଆର୍ ୧୯.୫% ରହିଛି। ବିକାଶ ଓ ମାନ୍ଦାବସ୍ଥାକୁ ନିୟନ୍ତ୍ରଣ କରିବା ଲାଗି ଏସ୍ଏଲ୍ଆର୍‌କୁ ବ୍ୟବହାର କରାଯାଏ।

### ୨୦୨୨ ସୁଦ୍ଧା ଆସିଯିବ ୫ଜି

**ନୂଆଦିଲ୍ଲୀ,୬-୧୨:** ଦେଶର ଟେଲିକମ ସେକ୍ଟରରେ ୨୦୨୨ ସୁଦ୍ଧା ୫ଜି ଆରମ୍ଭ ହୋଇଯିବ। ଏଥିସହିତ ଆସନ୍ତା ୫ ବର୍ଷ ମଧ୍ୟରେ ଡିଜିଟାଲ ପ୍ଲାଟଫର୍ମରେ ଏହା ଦ୍ରୁତଗତିରେ ପହଞ୍ଚିଯିବ ବୋଲି ଦୂରସଞ୍ଚାର ନିୟାମକ ପ୍ରାଧିକରଣ(ଟ୍ରାଇ) ସଚିବ ଏସ.କେ.ଗୁପ୍ତା ଗୁରୁବାର କହିଛନ୍ତି। ମିଡିଆ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ତଥା ବଡ଼ ଧରଣର ଡାଟା ଆନାଲିଟିକ୍ସର ବ୍ୟବହାର ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯିବ। ସେ କହିଛନ୍ତି ଯେ, ଏଥିମଧ୍ୟରେ ମିଡିଆ ଉଦ୍ୟୋଗରେ ଅନେକ ପରିବର୍ତ୍ତନ ଦେଖାଗଲାଣି ଏବଂ ସେମାନେ ନୂଆ ପ୍ରଯୁକ୍ତି ଆପଣାଇ ସଫଳତା ପାଇଲେଣି। ଉଦ୍ୟୋଗ ସଂଗଠନ ସିଆଇଆଇ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗୁପ୍ତା କହିଛନ୍ତି ଯେ, ଟେଲିକମ୍ ଜଗତରେ ୨୦୨୨ ସୁଦ୍ଧା ୫ଜି ପ୍ରବେଶ କରିସାରିଥିବ। ସେ କହିଛନ୍ତି ଯେ, ଦେଶରେ ପ୍ରାୟ ୪୦ କୋଟି ୟୁଜର ଭଲ କ୍ୱାଲିଟିର ଇଣ୍ଟରନେଟ୍ ହାସଲ କରିପାରିଛନ୍ତି। ଏଭଳି ସ୍ଥିତିରେ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ମିଡିଆ ସାମଗ୍ରୀ ବ୍ୟବହାର କରିବାର ଅନେକ ସମ୍ଭାବନା ରହିଛି। ସ୍ମାର୍ଟଫୋନର ସଂଖ୍ୟା ବୃଦ୍ଧି ଯୋଗୁ ମିଡିଆ ସାମଗ୍ରୀର ବିକାଶର ପ୍ରକୃତି ବଦଳିଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

### ଦ୍ରୁତତମ ବିକାଶଶୀଳ ସହର ଶୀର୍ଷ ୧୦ରେ ଭାରତ

**ନୂଆଦିଲ୍ଲୀ,୬-୧୨:** ଆଗାମୀ ଦୁଇ ଦଶନ୍ଧିରେ ଭାରତ ଦ୍ରୁତତମ ବିକାଶଶୀଳ ସହର ନିର୍ମାଣ କ୍ଷେତ୍ରରେ ବିଶ୍ୱର ଶୀର୍ଷ ୧୦ଟି ଦେଶ ମଧ୍ୟରେ ସ୍ଥାନ ପାଇଛି। ଅକ୍ସଫୋର୍ଡ ଇକୋନୋମିକ୍ସ ରିପୋର୍ଟରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି। ଅକ୍ସଫୋର୍ଡର ଗ୍ଲୋବାଲ ସିଟିଜ ରିସର୍ଚ୍ଚର ମୁଖ୍ୟ ରିଚାର୍ଡ ହଲ୍ଟ ତାଙ୍କ ରିପୋର୍ଟରେ କହିଛନ୍ତି ଯେ, ହୀରା ପ୍ରକ୍ରିୟାକରଣ ଓ ବ୍ୟବସାୟ କ୍ଷେତ୍ରରେ ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଗୁଜରାଟର ସୁରଟ ସହର ବିକାଶ କ୍ଷେତ୍ରରେ ୨୦୩୫ ସୁଦ୍ଧା ଦ୍ରୁତତମ ହେବ, ଯାହାକି ଅନ୍ୟ ସହର ତୁଳନାରେ ପ୍ରାୟ ୯% ଅଧିକ ହେବ। ଏହା ବ୍ୟତୀତ ଦ୍ରୁତତମ ବିକାଶ କ୍ଷେତ୍ରରେ ଶୀର୍ଷ ୧୦ ସ୍ଥାନରେ ରହିଥିବା ଭାରତର ଅନ୍ୟ ସହରଗୁଡିକ ହେଲା ଆଗ୍ରା, ବେଙ୍ଗାଲୁରୁ, ହାଇଦ୍ରାବାଦ, ନାଗପୁର, ତିରୁପ୍ପୁର, ରାଜକୋଟ, ତିରୁଚିରାପଲ୍ଲୀ, ଚେନ୍ନାଇ ଓ ବିଜୟୱାଡା ପ୍ରମୁଖ। ତେବେ ବିଶ୍ୱର ବଡ଼ ବଡ଼ ମେଟ୍ରୋପଲିଟାନ ସହର ତୁଳନାରେ ଭାରତର ସହରାଞ୍ଚଳର ଆର୍ଥିକ ଅଭିବୃଦ୍ଧି ନଗଣ୍ୟ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୩୫ ସୁଦ୍ଧା ଏବଂ ବର୍ତ୍ତମାନର ଶୀର୍ଷ ସହର ତାଲିକାରେ ବିଶେଷ ପରିବର୍ତ୍ତନ ଦେଖାଯିବ ନାହିଁ ବୋଲି କୁହାଯାଇଛି।

### ଅନ୍‌ଲାଇନରେ ଟୁ-ହ୍ୱିଲର୍ସ ବୀମା କ୍ରୟ ବଢୁଛି

**ଭୁବନେଶ୍ୱର,୬-୧୨:** ଦେଶରେ ୭୫% ଦୁଇ ଚକିଆ ଯାନର ବୀମା ନ ଥିବା ଜଣାପଡ଼ିଛି। ଏପରି ସ୍ଥିତିରେ ଡିଜିଟାଲ ପ୍ଲାଟଫର୍ମରେ ଟୁ-ହ୍ୱିଲର୍ସ ଲାଗି ବୀମା କ୍ରୟରେ ବର୍ତ୍ତମାନ ବୃଦ୍ଧି ପରିଲକ୍ଷିତ ହେଉଛି। ନିଷ୍କ୍ରିୟ ପଲିସିକୁ ସକ୍ରିୟ କରିବା ଲାଗି ପ୍ରାୟ ୬୦% ଦୁଇ ଚକିଆ ଯାନର ବୀମା ଅନ୍‌ଲାଇନରେ କ୍ରୟ କରାଯାଉଛି। ପ୍ରତି ୧୦ ଜଣରେ ୬ ଜଣ ଲୋକ ନିଜର ନିଷ୍କ୍ରିୟ ଟୁ-ହ୍ୱିଲର୍ସ ବୀମାକୁ ସକ୍ରିୟ ପାଇଁ ଅନଲାଇନ ବୀମା ନେଉଥିବା ପଲିସି ବଜାର ଡଟ୍ କମ୍‌ର ପ୍ରଡକ୍ଟ ଆଣ୍ଡ ଇନୋଭେସନ ସେଣ୍ଟର(ପିଆଇସି) ପକ୍ଷରୁ ହୋଇଥିବା ସର୍ଭେରୁ ଏହା ପ୍ରକାଶ ପାଇଛି। ସର୍ଭେରେ ୧୦ ଲକ୍ଷରୁ ଅଧିକ ଦୁଇ ଚକିଆ ଯାନ ଗ୍ରାହକଙ୍କୁ ସାମିଲ କରାଯାଇଥିଲା। ଡିଜିଟାଲ ପ୍ଲାଟଫର୍ମରେ ଯଦି ସୁବିଧା, ସହଜରେ ଓ ତତ୍କାଳ ବୀମା ସୁବିଧା ଉପଲବ୍ଧ ହେଉ ନ ଥାନ୍ତା ତେବେ ନିକଟ ଭବିଷ୍ୟତରେ ନିଜ ଦୁଇ ଚକିଆ ଯାନର ବୀମାକୁ ଆଉ କିଛି ଦିନ ଏଡ଼ାଇ ଯାଇଥାନ୍ତେ ବୋଲି ସର୍ଭେରେ ଭାଗ ନେଇଥିବା ଅଧିକାଂଶ ଲୋକ କହିଛନ୍ତି।

## ଦୂର ହେଲା ଆମେରିକା ବାଧା

# ଟଙ୍କା ଦେଇ ଇରାନରୁ ତେଲ କିଣିବ ଭାରତ

**ନୂଆଦିଲ୍ଲୀ,୬-୧୨**

- ଦୁଇ ଦେଶ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ
- ୟୁକୋ ବ୍ୟାଙ୍କରେ ଥିବା ନ୍ୟାଶନାଲ ଇରାନିୟାନ ଅଏଲ ଆକାଉଣ୍ଟରେ ଟଙ୍କା ଜମା ହେବ
- ଚଳିତ ବର୍ଷ ଏବେ ସୁଦ୍ଧା ଦୈନିକ ୫.୬ ଲକ୍ଷ ବ୍ୟାରେଲ ତେଲ ଇରାନରୁ ଆସିଛି
- ୟୁରୋ ମାଧ୍ୟମରେ ଦେୟ ବନ୍ଦ




ଅଶୋଧିତ ତେଲ କିଣାକୁ ନେଇ ଭାରତ ଓ ଇରାନ ମଧ୍ୟରେ ଗୁରୁବାର ଏକ ମେମୋରାଣ୍ଡମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏଣିକି ଭାରତ ଟଙ୍କା ବଦଳରେ ଇରାନରୁ ସିଧାସଳଖ ଅଶୋଧିତ ତେଲ କିଣିପାରିବ। ଫଳରେ ଆମେରିକା କଟକଣାକୁ ଭାରତ ଆଉ ଭୟ କରିବାର ଆବଶ୍ୟକତା ନାହିଁ। କଟକଣା ପରେ ମଧ୍ୟ ଦୁଇ ଦେଶ ଟଙ୍କା ବିନିମୟରେ ତେଲ କାରବାର କରିପାରିବେ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଭାରତୀୟ ରିଫାଇନେରିଗୁଡ଼ିକ ୟୁକୋ ବ୍ୟାଙ୍କରେ ଥିବା ନ୍ୟାଶନାଲ ଇରାନିୟାନ ଅଏଲ କମ୍ପାନୀର ଆକାଉଣ୍ଟରେ ଟଙ୍କା ଜମା କରିବେ। ଏହି ଜମା ଅର୍ଥର ଅଧାରେ ଭାରତରୁ ଇରାନ ସାମଗ୍ରୀ କିଣିବ। ଆମେରିକା କଟକଣା ଜାରିସତ୍ତ୍ୱେ ଇରାନକୁ ଭାରତ ଗହମ, ସୋୟା ମିଲ୍, କଞ୍ଜ୍ୟୁମର ସାମଗ୍ରୀ, ଔଷଧ ଓ ମେଡିକାଲ ଉପକରଣ ରପ୍ତାନି କରିପାରିବ। ସୂଚନାଥାଉ କି, ଭାରତ ନିଜର ତୃତୀୟ ସର୍ବବୃହତ୍ ତେଲ ବିକ୍ରେତା ଦେଶକୁ ୟୁରୋପିୟାନ ବ୍ୟାଙ୍କିଂ ଚ୍ୟାନେଲ ମାଧ୍ୟମରେ ୟୁରୋରେ ଦେୟ ପ୍ରଦାନ କରୁଥିଲା। ଏବେ ଏହି ଚ୍ୟାନେଲକୁ ନଭେମ୍ବରରୁ ବନ୍ଦ କରିଦିଆଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଇରାନ ସହ ପରମାଣୁ ଶକ୍ତି ଚୁକ୍ତିରୁ ଓହରିବା ପରେ ଆମେରିକା ସେଦେଶ ବିରୋଧରେ କଟକଣା ଲାଗୁ କରିଥିଲା, ଯାହା ନଭେମ୍ବରରୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଉଛି। ତେବେ ଭାରତ ସମେତ ୮ଟି ଦେଶକୁ ଆମେରିକା ୬ ମାସ ପାଇଁ ଏହି କଟକଣାରୁ ବାଦ୍ ଦେଇଛି। ଚାଇନା ପରେ ଭାରତ ଦ୍ୱିତୀୟ ତୈଳ ଆମଦାନୀକାରୀ ଦେଶ ଭାବେ ଇରାନରୁ ଅଶୋଧିତ ତେଲ କିଣିଥାଏ। ୧୮୦ ଦିନର ମିଳିଥିବା ଛାଡ଼ରେ ଇରାନରୁ ଭାରତ ଦୈନିକ ସର୍ବାଧିକ ୩ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଆମଦାନୀ କରିପାରିବ। ତେବେ ଚଳିତ ବର୍ଷ ଏବେ ସୁଦ୍ଧା ଦୈନିକ ହାରାହାରି ପ୍ରାୟ ୫.୬ ଲକ୍ଷ ବ୍ୟାରେଲ ତେଲ ଇରାନରୁ କିଣିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ତେଲ ଉପଭୋକ୍ତା ଭାବେ ଭାରତ ନିଜ ଚାହିଦାର ୮୦ ପ୍ରତିଶତ ଅଶୋଧିତ ତେଲ ବିଦେଶରୁ ଆମଦାନୀ କରିଥାଏ। ଅନ୍ୟପକ୍ଷରେ ଇରାନ ବ୍ୟତୀତ ସୌଦି ଆରବ ଓ ଇରାକ ଭାରତକୁ ସର୍ବାଧିକ ତେଲ ଯୋଗାଇଥାନ୍ତି। ସୂଚନାଥାଉ କି, ୨୦୧୩ରେ ଇରାନ ବିରୋଧରେ ଆମେରିକା କଟକଣା ପରିପ୍ରେକ୍ଷୀରେ ଭାରତ ଏହାର ଦେୟର ୪୫% ଟଙ୍କା ଆକାରରେ ଇରାନକୁ ଦେଇଥିଲା। ଅବଶିଷ୍ଟ ଅର୍ଥକୁ ଅନ୍ୟ ମୁଦ୍ରା ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଭାରତୀୟ ରିଫାଇନେରିଙ୍କ ଲାଗି ଇରାନ ତେଲ କିଣିବା ସୁବିଧାଜନକ। କାରଣ ଏହା ଦେୟ ପ୍ରଦାନ ଲାଗି ୬୦ ଦିନ ସମୟ ଦେଇଥାଏ। ଓପେକ୍‌ର ଅନ୍ୟ ରାଷ୍ଟ୍ରଗୁଡ଼ିକ ସେ ସୁବିଧା ଭାରତକୁ ଦେଇ ନ ଥାନ୍ତି।




## ହୋଣ୍ଡା କାର୍‌ସ ଇଣ୍ଡିଆ- ଏଏସ୍‌ଡିଏସ୍ ଏମ୍ଓୟୁ

**ନୂଆଦିଲ୍ଲୀ,୬-୧୨**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ରାଜସ୍ଥାନ ଅଲୱର ଜିଲାରେ ଥିବା ତାପୁକାରାସ୍ଥିତ ହୋଣ୍ଡା ଭୋକେସନାଲ ଟ୍ରେନିଂ ସେଣ୍ଟର (ଏଚ୍‌ଭିଟିଆଇ)ର ଆକ୍ରିଡେଶନ ଲାଗି ଅଟୋମୋଟିଭ ସ୍କିଲ ଡେଭଲପମେଣ୍ଟ କାଉନସିଲ (ଏଏସ୍‌ଡିଏସ୍) ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀର ବରିଷ୍ଠ ଉପସଭାପତି ପ୍ରବୀଣ ପରାଞ୍ଜପେ ଏବଂ ଏଏସ୍‌ଡିସି ଅଧ୍ୟକ୍ଷ ନିକୁଞ୍ଜ ସାଂଘିଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଉକ୍ତ ସ୍ୱୀକୃତି ପରେ ପ୍ରତିଷ୍ଠାନରେ ଏଏସ୍‌ଡିସିର ନିୟମାବଳୀ ଓ ପାଠ୍ୟକ୍ରମ ଅନୁସାରେ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ତାଲିମ ପ୍ରଦାନ କରାଯିବ। ଏହି ସେଣ୍ଟର ବର୍ତ୍ତମାନ ସୁଦ୍ଧା ୧.୪୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଛି। ନୂଆ ପଦକ୍ଷେପ ଦ୍ୱାରା ଛାତ୍ରୀଛଙ୍କୁ ନିଯୁକ୍ତି ଦିଗରେ ବିଶେଷ ସୁବିଧା ଲାଭ କରିପାରିବେ ବୋଲି ପ୍ରବୀଣ ପରାଞ୍ଜପେ ସୂଚନା ଦେଇଛନ୍ତି।

## ଇଏସ୍ଆଇସି ହସ୍ପିଟାଲରେ ସାଧାରଣ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା

**ନୂଆଦିଲ୍ଲୀ,୬-୧୨**




କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ହସ୍ପିଟାଲରେ ଏଣିକି ସାଧାରଣ ବ୍ୟକ୍ତିବିଶେଷ ଚିକିତ୍ସା କରାଇପାରିବେ। ଏ ସଂକ୍ରାନ୍ତରେ ଇଏସ୍ଆଇସି ଅନୁମତି ପ୍ରଦାନ କରିଛି। ଯେଉଁଠି କ୍ଷମତାର ସମ୍ପୂର୍ଣ୍ଣ ବିନିଯୋଗ ହେଉନି ସେଠାରେ ଏହି ସୁବିଧା ଯୋଗାଇ ଦିଆଯିବ। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ, କେନ୍ଦ୍ର ଶ୍ରମ ମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଇଏସ୍ଆଇସିର ୧୭୬ତମ ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ସାଧାରଣ ବ୍ୟକ୍ତିଙ୍କୁ ଶସ୍ତା ଦରରେ ଚିକିତ୍ସା ସୁବିଧା ମିଳିପାରିବ। ଏଥିସହିତ ଇଏସ୍ଆଇସି ହସ୍ପିଟାଲଗୁଡ଼ିକର ସମ୍ପୂର୍ଣ୍ଣ ବିନିଯୋଗ ହୋଇପାରିବ। ମାତ୍ର ୧୦ ଟଙ୍କା ବ୍ୟୟ କରି ସାଧାରଣ ରୋଗୀ ଓପିଡିରେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଭର୍ତ୍ତି ହେବା ସ୍ଥିତିରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା ପ୍ୟାକେଜ ଦରର ୨୫% ଶୁଳ୍କ ଭାବେ ଦାଖଲ କରିବେ। ଏଥିସହିତ ଇଏସ୍ଆଇସିର ପାଇଲଟ ପ୍ରୋଗ୍ରାମ ଆଧାରରେ ପ୍ରାରମ୍ଭିକ ବର୍ଷ ଲାଗି ବାସ୍ତବିକ ଦରରେ ଔଷଧ ଯୋଗାଇ ଦିଆଯିବ।




## ପୂର୍ବତଟ ରେଳପଥର ମହାପରିନିର୍ବାଣ ଦିବସ

**ଭୁବନେଶ୍ୱର,୬-୧୨**

ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରର ରେଳ ସଦନଠାରେ ଡ. ବି.ଆର୍ ଆମ୍ବେଦକରଙ୍କ ୬୩ତମ ମହା ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥର ମୁଖ୍ୟ ଯନ୍ତ୍ରୀ ଲକ୍ଷ୍ମୀ ନାରାୟଣଙ୍କ ନେତୃତ୍ୱରେ ରେଳପଥର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରେଳପଥର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିଭଳି ବିଭିନ୍ନ ରେଳମଣ୍ଡଳ ପକ୍ଷରୁ ଏହି ଦିବସକୁ ପାଳନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ଆଜିଠୁ ଏୟାର ଏସିଆର ଟ୍ରାଭେଲ ଫେୟାର

**ଭୁବନେଶ୍ୱର,୬-୧୨**

ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱରରେ ଟ୍ରାଭେଲ ଫେୟାର ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱରର ଏସ୍‌ପ୍ଲାନେଡ ୱାନ ମଲ୍ ଠାରେ ଶୁକ୍ରବାର ଠାରୁ ରବିବାର ଯାଏ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ସମୟରେ ଗ୍ରାହକମାନେ କମ୍ପାନୀର ବେଷ୍ଟ ଡିଲ ଲାଭ କରିବାକୁ ସକ୍ଷମ ହେବେ। ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ଯାଇ କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା ହୋଇଛି। ଏହା ଦ୍ୱାରା ଗ୍ରାହକ ଆକର୍ଷଣୀୟ ଡିଲ୍ ଏବଂ ଅଫର ଲାଭ କରିପାରିବେ। ଗ୍ରାହକମାନେ ଏହି ସମୟରେ ବୁକିଂ ଉପରେ ଫ୍ଲାଟ ୨୦% ରିହାତି ଲାଭ କରିପାରିବେ। ଏହି ବୁକିଂ ଉପରେ ଉଡ଼ାଣ ସମୟ ଆସନ୍ତା ବର୍ଷ ଜାନୁୟାରୀ ୭ଠାରୁ ଏପ୍ରିଲ ୧୭ ତାରିଖ ରହିଛି। ଏୟାର ଏସିଆ ଗ୍ରୁପ ନେଟ୍‌ୱର୍କରେ ଚାଲୁଥିବା ସବୁ ଫ୍ଲାଇଟ ଲାଗି ଏହା ଲାଗୁ ହେବ। ଭୁବନେଶ୍ୱରରୁ କଲିକତା ଏବଂ ବାଙ୍ଗାଲୋର ଯାଉଥିବା କମ୍ପାନୀର ଡାଇରେକ୍ଟ ଫ୍ଲାଇଟ ସମେତ କୁଆଲାଲମ୍ପୁର, ବ୍ୟାଙ୍କକ, ସିଙ୍ଗାପୁର, ବାଲି, ମେଲବୋର୍ନ ଏବଂ ସିଡନୀ ଭଳି ଅନ୍ତର୍ଜାତୀୟ ଉଡାଣ ସୁବିଧା ଏହି ଅଫର ମାଧ୍ୟମରେ ଉପଲବ୍ଧ। ମାଲେସିଆ ଏବଂ ଥାଇ ଟୁରିଜିମ କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମ ଲାଗି କମ୍ପାନୀ ସହ ଚୁକ୍ତିରେ ସାମିଲ ହୋଇଛନ୍ତି।

## ଓପେକ୍ ବୈଠକ ଆରମ୍ଭ

**ଭିଏନା,୬-୧୨**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାକୁ ନେଇ ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହ ଓପେକ୍ ଉଦ୍‌ବିଗ୍ନ। ଉତ୍ପାଦନ ହ୍ରାସ ଦ୍ୱାରା ତୈଳ ମୂଲ୍ୟକୁ ଯଥାସ୍ଥିତିରେ ପହଞ୍ଚାଇବା ନେଇ ଗୁରୁବାର ଏହାର ଗୁରୁତ୍ୱପୂର୍ଣ୍ଣ ବୈଠକ ଏଠାରେ ଆରମ୍ଭ ହୋଇଛି। ଉତ୍ପାଦନ ହ୍ରାସ ନେଇ ଓପେକ୍ ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରେ ଏକରକମ ସହମତି ପ୍ରକାଶ ପାଇଥିଲେ ହେଁ ଅଣ ଓପେକ୍ ରାଷ୍ଟ୍ରଙ୍କ ମତିଗତି ଉପରେ ଏହା ନିର୍ଭର କରୁଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୌଦି ଆରବ କହିଛି।

## ୫୭୨ ପଏଣ୍ଟ ହ୍ରାସ ପାଇଲା ସେନସେକ୍ସ

# ନିବେଶକ ହରାଇଲେ ୨.୨୬ ଲକ୍ଷ କୋଟି

**ମୁମ୍ବାଇ,୬-୧୨**



ପ୍ରମୁଖ ୪ଟି କାରଣରୁ ଗୁରୁବାର ଦେଶରେ ଷ୍ଟକ୍ ବଜାରରେ ହ୍ରାସ ପରିଲକ୍ଷିତ ହୋଇଥିଲା। ଫଳରେ ସେନସେକ୍ସ ୫୭୨.୨୮ ପଏଣ୍ଟ ହ୍ରାସ ପାଇବା ଯୋଗୁ ୩୫,୩୧୨.୧୩ ପଏଣ୍ଟରେ ବନ୍ଦ ହୋଇଥିଲା। ନିଫ୍ଟିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଏହା ୧୮୧.୭୫ ପଏଣ୍ଟ ହ୍ରାସ ପାଇ ୧୦,୬୦୧.୧୫ ପଏଣ୍ଟରେ ବନ୍ଦ ହୋଇଥିଲା। ଏଥିଯୋଗୁ ନିବେଶକଙ୍କର ପ୍ରାୟ ୨.୨୬ ଲକ୍ଷ କୋଟି ଟଙ୍କାର ନିବେଶ ବୁଡ଼ିଯାଇଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଆସନ୍ତା ସପ୍ତାହରେ ୫ ରାଜ୍ୟର ନିର୍ବାଚନ ଫଳାଫଳ ଘୋଷଣା, ଶୁକ୍ରବାର ଓପେକ ବୈଠକ ହେବାକୁ ଯାଉଥିବା ବେଳେ କାନାଡାରେ ଚାଇନାର ସର୍ବବୃହତ୍ ମୋବାଇଲ କମ୍ପାନୀ ହୁଆଇର ସିଏଫଓ ତଥା ମାଲିକଙ୍କ କନ୍ୟାଙ୍କୁ ଗିରଫ କରାଯିବା ତଥା ଟଙ୍କାର ମୂଲ୍ୟ ହ୍ରାସ ପାଇବାର ଖବର ଷ୍ଟକ୍ ମାର୍କେଟରେ ଛାଇ ରହିଥିଲା। ଧାତୁ, ତୈଳ, ଗ୍ୟାସ୍, ଔଷଧ ତଥା ଆର୍ଥିକ କମ୍ପାନୀଙ୍କ ଶେୟାର ମୂଲ୍ୟ ଅଧିକ ପରିମାଣରେ ହ୍ରାସ ପାଇଥିଲା।

## ଭାରତ ଲାଗି ଫିଚ୍ ଅନୁମାନ

# ଜିଡିପି କମିବ, ୭୫ ସ୍ତର ଛୁଇଁବ ଟଙ୍କା

**ନୂଆଦିଲ୍ଲୀ,୬-୧୨**



ଲୋକ ସଭା ନିର୍ବାଚନ ପୂର୍ବରୁ ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ରେଟିଂ ଏଜେନ୍ସି ଫିଚ୍ ଏହାର ରିପୋର୍ଟରେ ଭାରତ ଲାଗି ଦୁଇଟି ପୂର୍ବାନୁମାନ କରିଛି,ଯାହା ଭାରତ ପାଇଁ ଖୁସି ଆଣିବ ନାହିଁ। ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି(ଜିଡିପି) ହାରକୁ ନେଇ ନିଜର ପୂର୍ବାନୁମାନକୁ ଫିଚ୍ ହ୍ରାସ କରିଛି। ୨୦୧୮-୧୯ରେ ଦେଶର ଜିଡିପି ୭.୮ ପ୍ରତିଶତ ରହିବ ବୋଲି ଏଜେନ୍ସି ପୂର୍ବରୁ ଦର୍ଶାଇଥିବା ବେଳେ ସଦ୍ୟତମ ରିପୋର୍ଟରେ ଏହାକୁ ୭.୨%କୁ ହ୍ରାସ କରିଛି। ଏଥିସହିତ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ୨୦୧୯ ଶେଷ ସୁଦ୍ଧା ୭୫ ସ୍ତର ଛୁଇଁବ ବୋଲି ଏହା ଆଉ ଏକ ପୂର୍ବାନୁମାନ କରିଛି। ସୂଚନାଥାଉ କି, ବର୍ତ୍ତମାନ ଟଙ୍କା ୭୧ ସ୍ତରରେ କାରବାର କରୁଛି।

ଭାରତର ଜିଡିପି ୨୦୧୭-୧୮ରେ ୬.୭ ପ୍ରତିଶତ ହିସାବରେ ବୃଦ୍ଧି ପାଉଥିଲା। ଏହାକୁ ଦୃଷ୍ଟିରେ ରଖି ଫିଚ୍ ଜୁନ୍‌ରେ ୭.୪% ଓ ସେପ୍ଟେମ୍ବରରେ ୭.୮% ରହିବ ବୋଲି ପୂର୍ବାନୁମାନ କରିଥିଲା। ଅନ୍ୟପକ୍ଷରେ ମୁଦ୍ରା ନୀତି ଘୋଷଣା କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ଦେଶର ଜିଡିପି ୭.୪% ରହିବ ବୋଲି ଆକଳନ କରିଛି। ତେବେ ଏଜେନ୍ସି ଦେଶର ଜିଡିପି ୨୦୧୯-୨୦ରେ ୭% ଓ ୨୦୨୦-୨୧ରେ ୭.୧% ରହିବ ବୋଲି ଅନୁମାନ କରିଛି। ଅନ୍ୟପକ୍ଷରେ ଟଙ୍କାକୁ ନେଇ ଏଜେନ୍ସିର ଭବିଷ୍ୟବାଣୀ ନୈରାଶ୍ୟ ସୃଷ୍ଟି କରିବ ବୋଲି ମନେ କରାଯାଉଛି। ଏହା କହିଛି ଯେ, ବିଶ୍ୱର ଆର୍ଥିକ ପରିସ୍ଥିତି ଉପରେ ନଜର ଦେଲେ ଭାରତୀୟ ଟଙ୍କାର ମୂଲ୍ୟ ଅଧିକ ହ୍ରାସ ପାଇବ ଓ ଏହା ଡଲାର ତୁଳନାରେ ୭୫ ସ୍ତର ଛୁଇଁବ।

# ଅନ୍‌ଲାଇନ ବୁକିଂ ପୋର୍ଟାଲ- ହୋଟେଲ ଶିଳ୍ପ ମୁହାଁମୁହିଁ

**ଭୁବନେଶ୍ୱର,୬-୧୨**



- ବୁକିଂ ବନ୍ଦ କରିଦେବାକୁ ଚେତାବନୀ ଦେଲେ ହୋଟେଲ
- ଉଚ୍ଚ କମିଶନ ଚାର୍ଜକୁ ନେଇ ଶିଳ୍ପ ଅତିଷ୍ଠ
- ଅନ୍‌ଲାଇନ୍ ସଂସ୍ଥାଗୁଡ଼ିକର ଟାଳଟୁଳ ନୀତିକୁ ହୋଟେଲ ମାଲିକଙ୍କ ବିରୋଧ

ମେକ୍ ମାଇଁ ଟ୍ରିପ୍(ଏମ୍ଏମ୍‌ଟି), ଗୋ ଆଇ ବିବୋ ଭଳି ଅନ୍‌ଲାଇନରେ ହୋଟେଲ ବୁକିଂ ସେବା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସଂସ୍ଥାଗୁଡ଼ିକ ବେଆଇନ ବିଜନେସ ପ୍ରାକ୍ଟିସକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆସିଛି। ଗତ ଦୁଇ ବର୍ଷ ହେବ ସଂସ୍ଥାଗୁଡ଼ିକର ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ଦେଶର ହୋଟେଲ ଶିଳ୍ପ ଅତିଷ୍ଠ ହୋଇ ପଡିଛନ୍ତି। ଅନ୍‌ଲାଇନ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ କମିଶନ ବାବଦକୁ ଅତି ଉଚ୍ଚ ହାର ଦାବି କରୁଛନ୍ତି। ହୋଟେଲ ଶିଳ୍ପକୁ ଏହା ପ୍ରଭାବିତ କରୁଥିବା ଶିଳ୍ପ ସୂତ୍ରରୁ ଜଣାଯାଇଛି। ବିଶେଷ କରି ଗୋ-ଏମ୍ଏମ୍‌ଟି ଭଳି ସଂସ୍ଥା ହୋଟେଲଗୁଡ଼ିକଠାରୁ ୪୫% କମିଶନ ଚାର୍ଜ କରିଛନ୍ତି ବୋଲି ହୋଟେଲ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ ଓଡ଼ିଶା (ଏଚ୍ଆର୍ଏଓ) ଅଧ୍ୟକ୍ଷ ଜେ.କେ ମହାନ୍ତି କହିଛନ୍ତି।

ଗୁରୁବାର ଖବରଦାତା ସମ୍ମିଳନୀରେ ମହାନ୍ତି କହିଛନ୍ତି ଯେ, କମିଶନ ଚାର୍ଜ ପ୍ରଦାନ କରିବା ପରେ ଶିଳ୍ପ ବିଭିନ୍ନ ଅସୁବିଧାର ସାମ୍ନା କରୁଛି। ବେତନ ପ୍ରଦାନ, ପରିଚାଳନା, ବ୍ୟାଙ୍କ ସୁଧ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବା ସମସ୍ୟା ସୃଷ୍ଟି କରୁଛି। ଏହାକୁ ବିଚାର କରି ଅନ୍‌ଲାଇନ ପୋର୍ଟାଲଗୁଡ଼ିକର ବୁକିଂ ବନ୍ଦ କରିଦେବାକୁ ଶିଳ୍ପ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏମ୍ଏମ୍‌ଟି ଭଳି ସଂସ୍ଥା ବର୍ତ୍ତମାନ ଦେଶରେ ୮୦% ବଜାର ଅଂଶ ହାସଲ କରିଛି। ସଂସ୍ଥାର ଟାଳଟୁଳ ନୀତି ଯୋଗୁ ହୋଟେଲ ଶିଳ୍ପ ପ୍ରଭାବିତ। ଏହାକୁ ବନ୍ଦ କରିବାକୁ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଏହି ବିଷୟ ଉପରେ ବିଚାର କରିବାକୁ ଗୋ-ଏମ୍ଏମ୍‌ଟିକୁ ୭ ଦିନ ସମୟ ଦିଆଯାଇଛି ବୋଲି ମହାନ୍ତି କହିଛନ୍ତି।

ସେହିଭଳି କମିଶନ ଚାର୍ଜ ୧୫% ମଧ୍ୟରେ ରଖିବାକୁ କୁହାଯାଇଛି। କମିଶନ ଇନଭଏସ ଠିକ୍ ସମୟରେ ପୋର୍ଟାଲଗୁଡ଼ିକ ପ୍ରଦାନ କରୁ ନ ଥିବାରୁ ଟିଡିଏସ୍ ପୈଠରେ ସମସ୍ୟା ଉପୁଜୁଛି। ଗୋ-ଏମ୍ଏମ୍‌ଟି ପ୍ରଦାନ କରୁଥିବା କୁପନ କୋଡ, ମେଟା ଡିସକାଉଣ୍ଟ, ୱାଲେଟ ଡିସକାଉଣ୍ଟ ଦ୍ୱାରା ହୋଟେଲଶିଳ୍ପର ବ୍ରାଣ୍ଡ ନାମ ନଷ୍ଟ ହେଉଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ହୋଟେଲଗୁଡ଼ିକୁ ଟିଡିଏସ୍‌ର ପ୍ରିପେମେଣ୍ଟ, ଜିଏସ୍‌ଟି ଉପରେ କମିଶନ ଲାଗୁ ନ କରିବା ଭଳି ବିଭିନ୍ନ ଦାବି ଏଚ୍ଆର୍ଏଓ ପକ୍ଷରୁ ରଖାଯାଇଛି।



# ପରାଜୟ ସତ୍ତ୍ୱେ କ୍ୱାର୍ଟରରେ ଆର୍ଜେଣ୍ଟିନା

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି ଫ୍ରାନ୍ସ। ସବୁଠାରୁ ଲୋ ର୍ୟାଙ୍କିଙ୍ଗ(୨୦ତମ)ପ୍ରାପ୍ତ ଦଳଭାବେ ବିଶ୍ୱକପ ଖେଳୁଥିବା ଫ୍ରାନ୍ସ ଗୁରୁବାର ଅନୁଷ୍ଠିତ ପୁଲ୍'ଏ'ର ଅନ୍ତିମ ଲିଗ୍ ମ୍ୟାଚରେ ଅଲିମ୍ପିକ୍ସ ଚାମ୍ପିୟନ ତଥା ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନାକୁ ୫-୩ ଗୋଲରେ ପରାସ୍ତ କରିଛି। ଫଳରେ ଏହି ପୁଲ୍‌ର ଲାଇନ୍‌ଅପ୍ ହୋଇ ଯାଇଛି। ପରାଜୟ ସତ୍ତ୍ୱେ ଆର୍ଜେଣ୍ଟିନା ୩ ମ୍ୟାଚରୁ ୬ ପଏଣ୍ଟ ପାଇ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟପକ୍ଷରେ ସମାନ ସଂଖ୍ୟକ ମ୍ୟାଚ ଖେଳି ୪ପଏଣ୍ଟ ଲେଖାଏ ପାଇଥିଲେ ହେଁ ଫ୍ରାନ୍ସ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡ ତୃତୀୟ ସ୍ଥାନୀୟ ଦଳଭାବେ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ନିୟମ ଅନୁସାରେ ୪ର୍ଥ ସ୍ଥାନୀୟ ଦଳ ତଥା ବିଶ୍ୱର ୮ ର୍ୟାଙ୍କ୍‌ପ୍ରାପ୍ତ ସ୍ପେନ୍‌ର ଅଭିଯାନ ପୁଲ୍ ପର୍ଯ୍ୟାୟରୁ ଶେଷ ହୋଇ ଯାଇଛି। ଫ୍ରାନ୍ସ ୭ଟି ଗୋଲ ଦେଇଥିବାବେଳେ ୬ଟି ବରଣ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୪ ଗୋଲ ଦେଇଥିବାବେଳେ ୬ ଗୋଲ ବରଣ କରିଛି। ଫଳରେ ଯୁକ୍ତ ୧ ଗୋଲ ବ୍ୟବଧାନ ଯୋଗୁ ଫ୍ରାନ୍ସ ଦ୍ୱିତୀୟ ଏବଂ -୨ ଗୋଲ ବ୍ୟବଧାନ ଯୋଗୁ ନ୍ୟୁଜିଲାଣ୍ଡ ୩ୟ ସ୍ଥାନରେ ରହିଛି। ଆର୍ଜେଣ୍ଟିନାଠାରୁ ୩-୪ ଗୋଲରେ ହାରି ଅଭିଯାନ ଆରମ୍ଭ କରିଥିବା ସ୍ପେନ ପରବର୍ତ୍ତୀ ଫ୍ରାନ୍ସ ବିପକ୍ଷ ମ୍ୟାଚକୁ ୧-୧ ଓ ଗୁରୁବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଥିଲା। ଫଳରେ ମାତ୍ର ୨ ପଏଣ୍ଟ ପାଇଥିବାରୁ ଦଳ ଏଲିମିନେଟେଡ ହୋଇ ଯାଇଛି। ଡିସେମ୍ବର ୧୦ରେ ହେବାକୁଥିବା କ୍ରସ୍ ଓଭର ମ୍ୟାଚରେ ଫ୍ରାନ୍ସ ପୁଲ୍ 'ବି'ର ୩ୟ ସ୍ଥାନୀୟ ଦଳକୁ ଭେଟିବ। ସେହି ଦିନ ଅନ୍ୟ ଏକ କ୍ରସ୍ ଓଭରରେ ପୁଲ୍ 'ବି'ର ୨ୟ ସ୍ଥାନୀୟ ଦଳ ସହ ନ୍ୟୁଜିଲାଣ୍ଡ ମୁକାବିଲା କରିବ। ଏହି ୨ଟି ମ୍ୟାଚର ବିଜେତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପୂର୍ବରୁ ଏକମାତ୍ର ଦଳଭାବେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏବେ ଆର୍ଜେଣ୍ଟିନା ଏହି ନମ୍ବର ୱାନ ଦଳ ସହ ଯୋଗ ଦେଇଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏବଂ କୋଚ୍ ଅନୀଲ କୁମ୍ବଲେ ଖେଳାଳିଙ୍କ ସହ ପରିଚିତ ହୋଇ ଦ୍ୱିତୀୟ ମ୍ୟାଚର ଶୁଭାରମ୍ଭ କରିଥିବାବେଳେ ଭାଜପା ନେତା କନକବର୍ଦ୍ଧନ ସିଂ ଦେଓ ଅତିଥିଭାବେ ଯୋଗଦେଇ ଫ୍ରାନ୍ସର ଜେନେଷ୍ଟେଟ୍ ହ୍ୟୁଗୋଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ପୁଲ୍ 'ଏ'ର ଏହି ଶେଷ ମ୍ୟାଚରେ ଆଶ୍ଚର୍ଯ୍ୟ କଳାଭଳି ପ୍ରଦର୍ଶନ କରିଥିଲା ୨୦ତମ ର୍ୟାଙ୍କିଙ୍ଗପ୍ରାପ୍ତ ଫ୍ରାନ୍ସ। ସେ କେବଳ ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେଇ ନ ଥିଲା ଆରମ୍ଭରୁ ଗୋଲ ବର୍ଷା କରି ବିପର୍ଯ୍ୟୟର ବାଟ ଖୋଲିଥିଲା। ମ୍ୟାଚର ୧୨ତମ ମିନିଟରେ ପେନାଲ୍ଟି କର୍ନର ପାଇଥିଲା ଆର୍ଜେଣ୍ଟିନା। ମାତ୍ର ଫ୍ରାନ୍ସ ଗୋଲକିପର ଥିଫରେ ଆର୍ଥର ଚମତ୍କାରଭାବେ ତାହାକୁ ସେଭ୍ କରି ଦେଇଥିଲେ। ୧୫ତମ ମିନିଟରେ ଫ୍ରାନ୍ସକୁ ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହାକୁ ଖେଳାଳିମାନେ ଗୋଲରେ ପରିଣତ କରିପାରି ନ ଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଫ୍ରାନ୍ସ ନାମରେ ରହିଥିଲା। ୧୮ତମ ମିନିଟରେ ୭ ନମ୍ବର ହ୍ୟୁଗୋ ଜେନ୍‌ଷ୍ଟେଟ୍ ଫିଲ୍ଡ ଗୋଲ ଦେଇ ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। ୨୩ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଅଧିନାୟକ ଭିକ୍ଟର ଚାର୍ଲେଟ ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୨୬ତମ ମିନିଟରେ ଆରିଷ୍ଟିଡ୍ କୋଇଜ୍‌ନେ ଏହାକୁ ୩-୦ରେ ପରିଣତ କରିଥିବାବେଳେ ୨୮ତମ ମିନିଟରେ ଆର୍ଜେଣ୍ଟିନାର ଲୁକାସ ମାର୍ଟିନେଜ ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ୩୦ତମ ମିନିଟରେ ଫ୍ରାନ୍ସର ଗାସ୍ପାର୍ଡ ବୌମଗାର୍ଟେନ ଆଉ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳର ଅଗ୍ରଣୀ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ।

ଆର୍ଜେଣ୍ଟିନା ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ଗେମ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଦଳ ଜୋରଦାର ଉଦ୍ୟମ କରିଥିଲା। ୪୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଦଳ ଗୋଲରେ ପରିଣତ କରିପାରି ନ ଥିଲେ ହେଁ ୪୮ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ୨ ନମ୍ବର ଜର୍ସି ପରିହିତ ଗୋଞ୍ଜାଲୋ ପିଲାଟ ବ୍ୟବଧାନକୁ କମାଇଥିଲେ। ଏହାର ୪ ମିନିଟ ପରେ ପିଲାଟ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଏବଂ ଆର୍ଜେଣ୍ଟିନା ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ମ୍ୟାଚ କ୍ରମେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇ ପଡ଼ିଥିବାବେଳେ ୫୪ତମ ମିନିଟରେ ଫ୍ରାନ୍ସର ଫ୍ରାଙ୍କୋଇଜ୍ ଗୋୟେଟ ଆଉ ଏକ ଫିଲ୍ଡ ଗୋଲ ଦେଇ ଫ୍ରାନ୍ସକୁ ଡ୍ରାଇଭର ସିଟ୍‌ରେ ବସାଇ ଦେଇଥିଲେ। ୫୭ତମ ମିନିଟରେ ଗୋଲ ବ୍ୟବଧାନ ବଢ଼ାଇବାକୁ ଦଳ ନିକଟରେ ଆଉ ଏକ ସୁଯୋଗ ପହଞ୍ଚିଥିଲେ ହେଁ ଖେଳାଳିମାନେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିପାରି ନ ଥିଲେ। ୬୦ତମ ମିନିଟରେ ଆର୍ଜେଣ୍ଟିନାକୁ ପେନାଲ୍ଟି କର୍ନର ମିଳିଥିଲେ ହେଁ ପିଲାଟ ମାରିଥିବା ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ଫଳରେ ଫ୍ରାନ୍ସ ୫-୩ ଗୋଲରେ ବିଜୟୀ ହୋଇଥିଲା।

## ସ୍ପେନ୍ ବିଦା, କ୍ରସ୍ ଓଭରରେ ନ୍ୟୁଜିଲାଣ୍ଡ, ଫ୍ରାନ୍ସ



ବିଜୟ ହାସଲ ପରେ ଫ୍ରାନ୍ସ ଖେଳାଳିଙ୍କ ସେଲିବ୍ରେଶନ।

### ଗୋଲ ସ୍କୋରର

**ଫ୍ରାନ୍ସ-୫**
- ହ୍ୟୁଗୋ ଜେନେଷ୍ଟେଟ୍
- ଭିକ୍ଟର ଚାର୍ଲେଟ
- ଆରିଷ୍ଟିଡ୍ କୋଇଜ୍‌ନେ
- ଗାସ୍ପାର୍ଡ ବୌମଗାର୍ଟେନ
- ଫ୍ରାଙ୍କୋଇଜ୍ ଗୋୟେଟ

**ଆର୍ଜେଣ୍ଟିନା-୩**
- ଲୁକାସ ମାର୍ଟିନେଜ
- ଗୋଞ୍ଜାଲୋ ପିଲାଟ
- ଗୋଞ୍ଜାଲୋ ପିଲାଟ

## କଳିଙ୍ଗ କର୍ନର



ଖେଳାଳିଙ୍କ ସହ ପରିଚିତ ହୋଇ ଫେରୁଛନ୍ତି ପ୍ରାକ୍ତନ କ୍ରିକେଟର ଅନିଲ କୁମ୍ବଲେ(ବାମ)।

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୧୦ | ୮ | +୨ | ୬ |
| ଫ୍ରାନ୍ସ | ୩ | ୧ | ୧ | ୧ | ୭ | ୬ | +୧ | ୪ |
| ନ୍ୟୁଜିଲାଣ୍ଡ | ୩ | ୧ | ୧ | ୧ | ୪ | ୬ | -୨ | ୪ |
| ସ୍ପେନ୍ | ୩ | ୦ | ୨ | ୧ | ୬ | ୭ | -୧ | ୨ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | -୩ | ୧ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ନେଦରଲାଣ୍ଡସ୍ | ୨ | ୧ | ୦ | ୧ | ୮ | ୪ | +୪ | ୩ |
| ପାକିସ୍ତାନ | ୧ | ୦ | ୦ | ୧ | ୦ | ୧ | -୧ | ୦ |
| ମାଲେସିଆ | ୧ | ୦ | ୦ | ୧ | ୦ | ୭ | -୭ | ୦ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

## ଫ୍ୟାନ୍ କର୍ନର






# ସ୍ପେନ-ନ୍ୟୁଜିଲାଣ୍ଡ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

ଏକଦା ୦-୨ରେ ପଛୁଆ ରହିଥିବା ନ୍ୟୁଜିଲାଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ୧୦ ମିନିଟରେ ୨ଟି ଗୋଲ ଦେଇ ସ୍ପେନ ବିପକ୍ଷ ମ୍ୟାଚକୁ ଡ୍ର ରଖିଛି। ଚଳିତ ହକି ବିଶ୍ୱକପର କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଏହି ପୁଲ୍'ଏ' ମ୍ୟାଚ୍‌ଟି ୨-୨ ଗୋଲରେ ଶେଷ ହୋଇଛି। ଫଳରେ ନ୍ୟୁଜିଲାଣ୍ଡ ସହ ସ୍ପେନ ପଏଣ୍ଟ ଭାଗ କରିବାକୁ ବାଧ ହୋଇଛି। ସ୍ପେନ ପକ୍ଷରୁ ଆଲବର୍ଟ ବେଲଟ୍ରାନ ୯ମ ଓ ଏନରିକ୍ ଗୋଞ୍ଜାଲେଜ ୨୭ତମ ମିନିଟରେ ଗୋଲ ଦେଇଥିବାବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ଫିଲିପ୍ ହେଡେନ ୫୦ ଓ ରସେଲ କେନ୍ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଖେଳ ପୂର୍ବରୁ ଭାରତର କିମ୍ବଦନ୍ତୀ ମହିଳା ଆଥଲେଟ୍ ଅଞ୍ଜୁ ବବି ଜର୍ଜ ଖେଳାଳିଙ୍କ ସହିତ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଅତିଥିଭାବେ ଯୋଗଦେଇ ସ୍ପେନର ରୋମେଉ ଜୋସେପଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ନ୍ୟୁଜିଲାଣ୍ଡ ଅଧିନାୟକ ବ୍ଲେଆର ଟରାଣ୍ଟ ଓ ସ୍ପେନ୍ ଅଧିନାୟକ କୋର୍ଟେସ କ୍ୱିକୋଙ୍କୁ ଫଳକ ଦେଇ ସମ୍ମାନିତ କରିଥିଲେ।

ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତୁଳନାତ୍ମକଭାବେ ଦେଖିବାକୁ ଗଲେ ସ୍ପେନ ୪୫ ମିନିଟ ପର୍ଯ୍ୟନ୍ତ ପ୍ରଭାବୀ ରହିଥିଲା। ମ୍ୟାଚର ୯ମ ମିନିଟରେ ୨୨ ନମ୍ବର ଖେଳାଳି ଆଲବର୍ଟ ବେଲଟ୍ରାନ ଏକ ଫିଲ୍ଡ ଗୋଲ କରି ଦଳକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲେ ହେଁ ଖେଳାଳିମାନେ ତାହାର ସଦୁପଯୋଗ କରିପାରି ନ ଥିଲେ। ୨୭ତମ ମିନିଟରେ ୯ ନମ୍ବର ଇଗ୍ଲେସିଆସ ଆଲଭାରୋ ଆଉ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳ ୨-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିଲେ ହେଁ ସ୍ପେନର ପ୍ରଭାବ ଜାରି ରହିଥିଲା। ଚାପରେ ରହିବା ସତ୍ତ୍ୱେ ନ୍ୟୁଜିଲାଣ୍ଡ ଶେଷ କ୍ୱାର୍ଟରରେ ନିଜ ଦମ୍ ଦେଖାଇଥିଲା। ୧୦ ମିନିଟର ସଂଘର୍ଷ ପରେ ୫୦ତମ ମିନିଟରେ ଫିଲ୍ଡ ଗୋଲ ମାଧ୍ୟମରେ ଗୋଟିଏ ଗୋଲ ପରିଶୋଧ କରିଥିଲେ ୩୧ନମ୍ବର ଜର୍ସି ପରିହିତ ଫିଲିପ୍ସ ହେଡେନ। ଏହାପରେ ନ୍ୟୁଜିଲାଣ୍ଡ ଦଳରେ ଉତ୍ସାହ ଭରି ଯାଇଥିଲା। ଖେଳ ଶେଷହେବାକୁ ୮ ମିନିଟ ଥିବାବେଳେ ଗୋଲ ପୋଷ୍ଟ ଛାଡ଼ିଦେଇ ଉପରେ ଖେଳିଥିଲେ ନ୍ୟୁଜିଲାଣ୍ଡ ଗୋଲକିପର ଜୋୟସ ରିଚାର୍ଡ। ଏହାର ଫାଇଦା ନ୍ୟୁଜିଲାଣ୍ଡକୁ ମିଳିଥିଲା। ଦଳ ଅଧିକ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରି ୫୬ତମ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୨୧ ନମ୍ବର ଖେଳାଳି ରସେଲ କେନ୍ ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚ ସମାନ ସ୍ତରକୁ ଆସିବାପରେ ନ୍ୟୁଜିଲାଣ୍ଡ ଗୋଲକିପର ନିଜ ପୋଜିଶନକୁ ପଳାଇ ଆସିଥିଲେ। ଅବଶିଷ୍ଟ ୪ ମିନିଟରେ କେହି ଗୋଲ ଦେଇ ନ ପାରିବାରୁ ମ୍ୟାଚ ଡ୍ର ରହିଥିଲା।



ନ୍ୟୁଜିଲାଣ୍ଡ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ରୋମାଞ୍ଚକ ମୁହୂର୍ତ୍ତ।

### ଗୋଲ ସ୍କୋରର

**ସ୍ପେନ୍-୨**
- ଆଲବର୍ଟ ବେଲଟ୍ରାନ: ୯ମ ମିନିଟ
- ଏନରିକ୍ ଗୋଞ୍ଜାଲେଜ ୨୭ତମ ମିନିଟ

**ନ୍ୟୁଜିଲାଣ୍ଡ-୨**
- ଫିଲିପ୍ସ ହେଡେନ ୫୦ତମ ମିନିଟ
- ରସେଲ କେନ୍ ୫୬ତମ ମିନିଟ

# ଫ୍ୟାନ ଭିଲେଜରେ ପାକିସ୍ତାନ, ମାଲେସିଆ ଖେଳାଳି



ଫ୍ୟାନ୍ ଭିଲେଜରେ ଟେରାକୋଟା ସାମଗ୍ରୀ ବୁଲି ଦେଖୁଛନ୍ତି ପାକିସ୍ତାନ ଖେଳାଳି।

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ଅବସରରେ ଗେମ୍‌ର ଅସଲ ରୋମାଞ୍ଚ ସହ ବିଭିନ୍ନ ଦଳର ଖେଳାଳିଙ୍କୁ ଫ୍ୟାନ ଭିଲେଜରେ ଦର୍ଶକଙ୍କ ସହ ମିଶିବା ଏବଂ ମଜା ମସ୍ତି କରିବାର ସୁଯୋଗ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଉଭୟ ଫ୍ୟାନ ଭିଲେଜ ଓ ପୋଲିସ ଫ୍ୟାନ ଭିଲେଜକୁ ଆସିଥିଲେ ପାକିସ୍ତାନ ଓ ମାଲେସିଆ ଦଳର ଖେଳାଳିମାନେ। ପ୍ରଥମେ ପାକିସ୍ତାନ ଖେଳାଳିମାନେ ଫ୍ୟାନ ଭିଲେଜକୁ ଆସି ଗୀତ, ନାଚ ସହ ସେମାନଙ୍କ ପଡ଼ିଆ ବାହାରର ସ୍କିଲ୍‌କୁ ଦେଖାଇଥିଲେ। ଏହି ଅବସରରେ ଖେଳାଳି ଓ କୋଚ୍ ନିଜ ଅନୁଭୂତି ମଧ୍ୟ ବଖାଣିଥିଲେ। ଏହାପରେ ଆସିଥିଲା ମାଲେସିଆ ଟିମ୍। ମାଲେସିଆ ଖେଳାଳିମାନେ ଫ୍ୟାନ ଭିଲେଜର ମଞ୍ଚ ଉପରେ ହକି ସ୍କିଲ ପ୍ରଦର୍ଶନ କରିଥିଲେ। କିଛି ଖେଳାଳି ଗୀତ ଗାଇଥିବାବେଳେ ଆଉ କେତେକ ଓଲି ସହିତ ନାଚିଥିଲେ। କୋଚ୍ ରୋଲାଣ୍ଟ ଓଲ୍ଟମାନ୍ସ କେତେକ ଖେଳାଳିଙ୍କ ଡାକନାମ(ନିକ୍ ନେମ୍)ର ରହସ୍ୟ ବର୍ଣ୍ଣନା କରିଥିଲେ। ଶେଷରେ ଓଲି ସହ ସେଲ୍‌ଫି ନେଇ ସେମାନେ ବିଦାୟ ନେଇଥିଲେ। ପ୍ରକାଶଯୋଗ୍ୟ ଯେ ଚଳିତ ହକି ବିଶ୍ୱକପରେ ବୁଧବାର ପୁଲ୍ 'ଡି'ର ଏକ ମ୍ୟାଚରେ ପାକିସ୍ତାନ ଓ ମାଲେସିଆ ପରସ୍ପରକୁ ଭେଟିଥିଲେ। ମ୍ୟାଚଟି ଡ୍ର ରହିଥିବାରୁ ଉଭୟ ଦଳ ଆଶଙ୍କା ମଧ୍ୟରେ ରହିଛନ୍ତି। କାରଣ ଏହି ପୁଲ୍‌ରୁ ଜର୍ମାନୀ ଓ ନେଦରଲାଣ୍ଡ ଯଥାକ୍ରମେ ୬ ଓ ୩ ପଏଣ୍ଟ ପାଇସାରିଥିବାରୁ ଅନ୍ତିମ ଲିଗ୍ ମ୍ୟାଚ୍ ପରେ ପାକିସ୍ତାନ କିମ୍ବା ମାଲେସିଆ ମଧ୍ୟରୁ ଗୋଟିଏ ଦଳକୁ ବିଦାୟ ନେବାକୁ ପଡ଼ିବ। ୯ ତାରିଖରେ ମାଲେସିଆ ଏହାର ପରବର୍ତ୍ତୀ ମ୍ୟାଚ ଜର୍ମାନୀ ଏବଂ ପାକିସ୍ତାନ ନେଦରଲାଣ୍ଡସ୍‌କୁ ଭେଟିବ।



## ସଂକ୍ଷେପରେ

### ଆଇପିଏଲ୍-୧୨ରୁ ଓହରିଲେ ଫିଞ୍ଚ, ମ୍ୟାକ୍ସୱେଲ

**ମୁମ୍ବାଇ, ୬।୧୨:** ଅଷ୍ଟ୍ରେଲିଆ ଟି୨୦ ଦଳର ଅଧିନାୟକ ଆରୋନ ଫିଞ୍ଚ ଓ ଗ୍ଲେନ ମ୍ୟାକ୍ସୱେଲ ଆଇପିଏଲର ୧୨ତମ ସଂସ୍କରଣରୁ ଓହରି ଯାଇଛନ୍ତି। ଆଇସିସି ବିଶ୍ୱକପ୍ ଓ ବ୍ୟସ୍ତବହୁଳ କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ଉଭୟ ଅଷ୍ଟ୍ରେଲିଆନ ଖେଳାଳି ଏହି ନିଷ୍ପତ୍ତି ନେଇଛନ୍ତି। କାରଣ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମେ' ୨ ତାରିଖରୁ ବିଶ୍ୱକପ୍ ଲାଗି ପ୍ରସ୍ତୁତି ଶିବିର ଆରମ୍ଭ କରାଯିବ। ଉଲ୍ଲେଖଥାଉ କି, ଆଇପିଏଲ ଶେଷ ହେବାର ଏକ ସପ୍ତାହ ପରେ ଇଂଲଣ୍ଡରେ ବିଶ୍ୱକପ୍ ଆରମ୍ଭ ହେବ। ଆଇପିଏଲର ପରବର୍ତ୍ତୀ ସିଜନର କାର୍ଯ୍ୟସୂଚୀ ପ୍ରକାଶ ପାଇ ନ ଥିଲେ ମଧ୍ୟ ମାର୍ଚ୍ଚର ୩ୟ ସପ୍ତାହରୁ ମେ' ମାସର ମଧ୍ୟାନ୍ତର ପର୍ଯ୍ୟନ୍ତ ଚାଲିବ ବୋଲି ଆଶା କରାଯାଉଛି। ତେବେ ଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ବ୍ୟତୀତ ପ୍ରାୟ ସମସ୍ତ ଦଳ ଆଇପିଏଲ୍‌ରେ ଖେଳାଳିଙ୍କ ଅଂଶଗ୍ରହଣ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଆଇପିଏଲରେ ଅଂଶଗ୍ରହଣ କରିବାକୁ ଥିବା ଇଂଲଣ୍ଡ ଦଳର ଖେଳାଳିଙ୍କୁ ଏପ୍ରିଲ ୨୫ ତାରିଖ ସୁଦ୍ଧା ଓ ଦକ୍ଷିଣ ଆଫ୍ରିକୀୟ ଖେଳାଳିଙ୍କୁ ମେ' ୧୦ ତାରିଖ ସୁଦ୍ଧା ସ୍ୱଦେଶ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଶ୍ରୀଲଙ୍କା, ବାଂଲାଦେଶ ଓ ଆୟର୍ଲାଣ୍ଡ ଖେଳାଳିଙ୍କ ପ୍ରସ୍ତୁତି ଶିବିରରେ ଯୋଗଦେବା ଲାଗି ତାରିଖ ଦିଆଯାଇଛି। ନିକଟରେ ଖେଳାଳିଙ୍କ ନିଲାମ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ମୋଟ ୧୦୦୩ ଜଣ ଖେଳାଳି ଭାଗ ନେଇଛନ୍ତି। ତାଲିକାରେ ଅନ୍ତର୍ଜାତୀୟ ସ୍ତରରେ ଖେଳି ନ ଥିବା ୮୦୦ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରୁ ୭୮୬ ଭାରତୀୟ ଖେଳାଳି ଓ ୩ ଜଣ ଆସୋସିଏଟେଡ୍ ଦେଶର ଖେଳାଳି ଅଛନ୍ତି। ସୂଚନା ମୁତାବକ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକୁଲମ ଓ କୋରି ଆଣ୍ଡରସନ, ଇଂଲଣ୍ଡର ସାମ କୁରାନ, କଲିନ ଇନଗ୍ରାମ, କ୍ରିସ ଓ୍ୱକ୍ସ, ଅଷ୍ଟ୍ରେଲିଆର ଡାର୍ସି ଶର୍ଟ, ଶନ ମାର୍ଶ, ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ସର୍ବାଧିକ ୨ କୋଟି ଟଙ୍କାର ପ୍ରାଇସ ଟ୍ୟାଗ୍ ରଖାଯାଇଛି।

### ଓଡ଼ିଶା ବିଜୟୀ

**କଟକ ଅଫିସ,୬।୧୨:** ଅରୁଣାଚଳ ପ୍ରଦେଶରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍‌ରେ ଗୁରୁବାର ଓଡ଼ିଶା ୪-୨ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଝୁନୁ କୁଲଡି ୧୧ତମ, ୨୫ତମ ମିନିଟରେ ଓ ଅରବିନ ଲାକ୍ରା ୫୫ତମ ଓ ୮୮ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ।

### ସେମିରେ ଅଟକିଲା ଓଡ଼ିଶା

**କଟକ ଅଫିସ,୬।୧୨:** ବାରବାଟୀ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ ଡଃ ବି.ସି. ରାୟ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ଓଡ଼ିଶାକୁ ୩-୦ ଗୋଲରେ ପଞ୍ଜାବଠାରୁ ହାରିଯାଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ପଞ୍ଜାବ ଫରୱାର୍ଡ ତରୁଲ ସ୍ଲଥିଆ ପ୍ରଥମ ଗୋଲସ୍କୋର କରିଥିଲେ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ଏହାପରେ ୯୦ତମ ମିନିଟରେ ତରୁଣ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଓ ଅତିରିକ୍ତ ୯୫ତମ ମିନିଟରେ ଇନ୍ଦେଭିର ସିଂ ଚାନା ଗୋଟିଏ ଗୋଲ ଦେଇ ପଞ୍ଜାବକୁ ବିଜୟୀ କରାଇଛନ୍ତି। ଶୁକ୍ରବାର ପଶ୍ଚିମବଙ୍ଗ ଓ ମିଜୋରାମ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ।

### ଆସାମକୁ ହରାଇଲା ଓଡ଼ିଶା

**କଟକ ଅଫିସ,୬।୧୨:** ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ସିନିୟର ମହିଳା ଏକଦିବସୀୟ ଲିଗ କ୍ରିକେଟ ଏଲିଟ ଗ୍ରୁପ-ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୬୬ ରନ୍‌ରେ ଆସାମକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାଧୁରୀ ମେହେଟାଙ୍କ ୯୩ ରନ୍ ବଳରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ଆସାମ ୧୧୬ ରନ୍‌ରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ରୀମାଲକ୍ଷ୍ମୀ ଏକ୍କା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ୨ଟି ପରାଜୟ ସହ ୮ ପଏଣ୍ଟ ହାସଲ କରି ଓଡ଼ିଶା ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।



ଭୁବନେଶ୍ୱରରେ ଚାଲିଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଦଳର ଆରମ୍ଭ ଭଲ ରହିଛି, କିନ୍ତୁ ଖେଳାଳିମାନେ ପ୍ରଦର୍ଶନକୁ ବଜାୟ ରଖିବା ଜରୁରୀ।
–ସର୍ଦ୍ଦାର ସିଂ, ଭାରତର ପୂର୍ବତନ ହକି ଅଧିନାୟକ



ଗୁରୁବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ୪ ଓଭର ଆମେ ଭଲ ବୋଲିଂ କରିଥିଲୁ, ମାତ୍ର ଶେଷ ପର୍ଯ୍ୟାୟରେ ତ୍ରୁଟି ପରିଲକ୍ଷିତ ହୋଇଥିଲା।
–ମିଚେଲ ଷ୍ଟାର୍କ, ଅଷ୍ଟ୍ରେଲୀୟ ପେସ୍ ବୋଲର

# ସମ୍ମାନ ରଖିଲେ ପୂଜାରା

**ଆଡିଲେଡ୍ ଟେଷ୍ଟ**



ଶତକ ହାସଲ ପରେ ଚେତେଶ୍ୱର ପୂଜାରା

**ଆଡିଲେଡ୍, ୬।୧୨(ପି.ଟି.)**

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବହୁପ୍ରତୀକ୍ଷିତ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରି ଭାରତ ଷ୍ଟମ୍ପ ଅପସାରଣ ସୁଦ୍ଧା ୯ ଉଇକେଟ୍ ହରାଇ ୨୫୦ ରନ କରିଛି। ଭାରତ ଏକଦା ସଙ୍କଟଜନକ ସ୍ଥିତିରେ ପଡ଼ିଥିବାବେଳେ ଚେତେଶ୍ୱର ପୂଜାରା ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ଇନିଂସ ଖେଳି ଭାରତର ସମ୍ମାନ ରଖିବାରେ ସଫଳ ହୋଇଛନ୍ତି। ପୂଜାରାଙ୍କ କ୍ୟାରିୟରର ଏହି ୧୬ତମ ଶତକ ପ୍ରଥମ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା।

ଅଷ୍ଟ୍ରେଲିଆର ଏହି ବାଉନ୍ସି ଉଇକେଟ୍‌ରେ ଟସ୍ ଜିତି ଭାରତ ଅଧିନାୟକ ବିରାଟ କୋହଲି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ କୋହଲିଙ୍କ ଏହି ନିଷ୍ପତ୍ତି ସଫଳ ସାବ୍ୟସ୍ତ ହୋଇପାରି ନ ଥିଲା। ଦୁଇ ଓପନର୍ ଲୋକେଶ ରାହୁଲ (୨) ଓ ମୁରଲୀ ବିଜୟ (୧୧)ଙ୍କ ସମେତ କୋହଲି (୩) ଏବଂ ଅଜିଙ୍କ୍ୟ ରାହାନେ (୧୩) ସଅଳ ଆଉଟ୍ ହୋଇଯିବାରୁ ଦଳୀୟ ସ୍କୋର ୫୦ ରନ ପୂରଣ ହେବା ପୂର୍ବରୁ ୪ ପ୍ରମୁଖ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। ଅଷ୍ଟ୍ରେଲିଆର ୩ ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍, ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ମିଳିତଭାବେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥିଲେ। ଗୋଟିଏ ପଟେ ଭାରତ କ୍ରମାଗତ ବ୍ୟବଧାନରେ ଉଇକେଟ୍ ହରାଇ ଚାଲିଥିବାବେଳେ ଅନ୍ୟପଟେ ପୂଜାରା ତାଙ୍କ ଧୈର୍ଯ୍ୟର ପରିଚୟ ଦେଖାଇ ଅଷ୍ଟ୍ରେଲୀୟ ପେସ୍ ବୋଲିଂ ଆଟାକ୍‌କୁ ସାମ୍ନା କରିଥିଲେ। ହନୁମା ବିହାରୀଙ୍କ ବଦଳରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ରୋହିତ୍ ଶର୍ମା ଓ ଉଇକେଟ୍‌କିପର ରିଷଭ ପନ୍ତଙ୍କ ସହ ୫ମ ଓ ୬ଷ୍ଠ ଉଇକେଟ୍‌ରେ ଛୋଟିଆ ଭାଗୀଦାରି କରି ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ତେବେ ଅଫ୍-ସ୍ପିନର ନାଥନ ଲିୟନ ଉଭୟ ରୋହିତ୍ ଓ ପନ୍ତଙ୍କୁ ଆଉଟ୍ କରି ଭାରତକୁ ପୁଣିଥରେ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଅପେକ୍ଷାକୃତ ଆଟାକିଂ ଖେଳିଥିବା ରୋହିତ୍ ୨ ଚୌକା ଓ ୩ ଛକା ସହାୟତାରେ ୩୭ ରନ କରିଥିବାବେଳେ ପନ୍ତ ତାଙ୍କର ୨୫ ରନର ଛୋଟିଆ ଇନିଂସ ମଧ୍ୟରେ ୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଭାରତ ୧୨୭ ରନରେ ଛ'ଟି ଉଇକେଟ୍ ହରାଇ ସାରିଥିବାରୁ ଦେଢ଼ଶହ ରନ୍ ଅତିକ୍ରମ କରିବ କି ନାହିଁ ସନ୍ଦେହ ପ୍ରକାଶ ପାଇଥିଲା। କିନ୍ତୁ ପୂଜାରା ଏହି ଅବସରରେ ତାଙ୍କ ଟେଷ୍ଟ କ୍ୟାରିୟରର ଆଉ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ନିମ୍ନକ୍ରମରେ ରବିଚନ୍ଦ୍ରନ ଅଶ୍ୱିନ (୨୫), ଇଶାନ୍ତ ଶର୍ମା (୪) ଓ ମହମ୍ମଦ ସାମି (୬*)ଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଛୋଟିଆ ଛୋଟିଆ ଭାଗୀଦାରି କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ତେବେ ୨୪୬ ବଲରୁ ୧୨୩ ରନ (୭ ଚୌକା, ୨ ଛକା) ଦର୍ଶନୀୟ ଇନିଂସ ଖେଳି ବ୍ୟାଟିଂ କରୁଥିବାବେଳେ ୩୦ ବର୍ଷୀୟ ପୂଜାରା ଦିବସର ଅନ୍ତିମ ବଲରେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ୍ ହୋଇଥିଲେ। କମିନ୍ସଙ୍କ ଏକ ଚମତ୍କାର ଥ୍ରୋ'ରେ ନିଜ ଉଇକେଟ୍ ହରାଇଥିଲେ ପୂଜାରା। ସେତେବେଳକୁ ଭାରତ ୯ ଉଇକେଟ୍ ହରାଇ ୨୫୦ ରନ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ, ହାଜେଲଉଡ୍, କମିନ୍ସ ଓ ଲିୟନ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ।

### ଏସିଆ ବାହାରେ ପ୍ରଥମ ଦିବସରେ ଶତକ ଅର୍ଜନକାରୀ ଭାରତୀୟ ବ୍ୟାଟ୍ସମ୍ୟାନ

| | |
|---|---|
| ୧. ବିଜୟ ମଞ୍ଜରେକର ୧୩୩ | – ଲିଡ୍ସରେ (୧୯୫୨) |
| ୨. ସଚିନ ତେନ୍ଦୁଲକର ୧୫୫ | – ବ୍ଲୋଏମଫୋଣ୍ଟେନ୍ (୨୦୦୧) |
| ୩. ବୀରେନ୍ଦ୍ର ସେହ୍ୱାଗ ୧୦୫ | – ବ୍ଲୋଏମଫୋଣ୍ଟେନ (୨୦୦୧) |
| ୪. ବିରାଟ କୋହଲି ୧୧୯ | – ଜୋହାନ୍ସବର୍ଗ (୨୦୧୩) |
| ୫. ମୁରଲୀ ବିଜୟ ୧୨୨ | – ଟ୍ରେଣ୍ଟବ୍ରିଜ (୨୦୧୪) |
| ୬. ବିରାଟ କୋହଲି ୧୪୩ | – ନର୍ଥ ସାଉଣ୍ଡ (୨୦୧୬) |
| ୭. ଚେତେଶ୍ୱର ପୂଜାରା ୧୨୩ | – ଆଡିଲେଡ୍ ୨୦୧୮* |

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ– ୨୫୦/୯, ୮୭.୫ ଓଭର (ପୂଜାରା ୧୨୩, ରୋହିତ୍ ୩୭, ପନ୍ତ ୨୫, କୋହଲି ୩, କମିନ୍ସ ୨/୪୯, ହାଜେଲଉଡ୍ ୨/୫୨)।

### ୫ ହଜାର ରନ୍ କ୍ଲବରେ ପୂଜାରା

ଆଡିଲେଡ୍ ଓଭାଲରେ ଶତକ ହାସଲ କରିବା ସହ ଚେତେଶ୍ୱର ପୂଜାରା ତାଙ୍କ ଟେଷ୍ଟ କ୍ରିକେଟ୍ କ୍ୟାରିୟରରେ ୫ ହଜାର ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୧୬ଟି ଶତକ ଓ ୧୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୦୧୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ସୌରାଷ୍ଟ୍ରର ଏହି ତାରକା ବ୍ୟାଟ୍ସମ୍ୟାନ ୧୦୮ଟି ଇନିଂସ ସହାୟତାରେ ୫ ହଜାର ରନ୍ କ୍ଲବରେ ସାମିଲ ହୋଇଛନ୍ତି। ଏହି ସମ୍ମାନଜନକ କ୍ଲବରେ ସାମିଲ ହେବାରେ ସେ ୫ମ ଦ୍ରୁତତମ ଭାରତୀୟ ବ୍ୟାଟ୍ସମ୍ୟାନ ହେବା ସହ ରାହୁଲ ଦ୍ରାବିଡ୍‌ଙ୍କ ସମକକ୍ଷ ହୋଇଛନ୍ତି। ସବୁଠାରୁ କମ୍ ଇନିଂସ ଖେଳି ୫ ହଜାର ରନ୍ ସଂଗ୍ରହ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ତାଲିକାରେ ସୁନୀଲ ଗାଭାସ୍କାର (୯୫ ଇନିଂସ) ରହିଥିବାବେଳେ ବୀରେନ୍ଦ୍ର ସେହ୍ୱାଗ (୯୯), ସଚିନ ତେନ୍ଦୁଲକର (୧୦୩), ବିରାଟ କୋହଲି (୧୦୫), ରାହୁଲ ଦ୍ରାବିଡ୍ (୧୦୮) ଓ ପୂଜାରା (୧୦୮) ପର୍ଯ୍ୟାୟକ୍ରମେ ପଛକୁ ପଛ ରହିଛନ୍ତି। ଦ୍ୱାଦଶ ଭାରତୀୟ ବ୍ୟାଟ୍ସମ୍ୟାନଭାବେ ପୂଜାରା ଟେଷ୍ଟ କ୍ରିକେଟରେ ୫ ହଜାର ରନ୍ ସଂଗ୍ରହ କରିବାର କୀର୍ତ୍ତିମାନ କରିଛନ୍ତି।

■ ଓଡ଼ିଶା-ଝାଡ଼ଖଣ୍ଡ ରଣଜୀ

# ପ୍ରଥମ ଦିବସରେ ୧୩ ଉଇକେଟ

**କଟକ ଅଫିସ, ୬।୧୨**



ବସନ୍ତ ମହାନ୍ତି

ରାଞ୍ଚିସ୍ଥିତ ଜେଏସ୍‌ସିଏ ଆନ୍ତର୍ଜାତୀୟ ଷ୍ଟାଡିୟମରେ ଗୁରୁବାର ଠାରୁ ଓଡ଼ିଶା-ଝାଡ଼ଖଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ରଣ୍‌ଜୀ ମ୍ୟାଚ୍‌ର ପ୍ରଥମ ଦିବସରେ ବୋଲରମାନଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ବସନ୍ତ ମହାନ୍ତିଙ୍କ ୫ ଓ ରାଜେଶ ମହାନ୍ତିଙ୍କ ୩ ଉଇକେଟ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ୧୭୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୨୭ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଛି। ଓଡ଼ିଶା ଆହୁରି ୧୪୫ ରନ୍ ପଛରେ ଥିବାବେଳେ ଅଧିନାୟକ ବିପ୍ଳବ ସାମନ୍ତରାୟ (୧୦ ରନ୍) ଓ ଅନୁରାଗ ଷଡ଼ଙ୍ଗୀ (୯ ରନ୍) ଅପରାଜିତ ଅଛନ୍ତି।

ଭ୍ରମଣକାରୀ ଓଡ଼ିଶା ଟସ୍ ଜିତି ଘରୋଇ ଝାଡ଼ଖଣ୍ଡକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଅଧିନାୟକ ମହମ୍ମଦ ନଜିମ (୨୩ ରନ) ଓ କୁମାର ଦେଓବ୍ରତ (୨୯ ରନ) ଓପନିଂ ଭାଗିଦାରୀରେ ୫୭ ରନ୍ ସଂଗ୍ରହ କରିଥିଲେ। ତେବେ ଅଭିଜ୍ଞ ବସନ୍ତ ମହାନ୍ତି ଉଭୟଙ୍କୁ ଆଉଟ୍ କରି ଓଡ଼ିଶା ପାଇଁ ଡବଲ୍ ସଫଳତା ଆଣିଦେଇଥିଲେ। ଏହାପରେ ଅନ୍ତର୍ଜାତୀୟ ଖେଳାଳି ସୌରଭ ତିୱାରୀ (୭) ବେଶୀ ସମୟ ତିଷ୍ଠି ନ ପାରି ଗୋବିନ୍ଦ ପୋଦ୍ଦାରଙ୍କ ବଲରେ କ୍ଲିନ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ମଧ୍ୟ ଓ ନିମ୍ନକ୍ରମ ବ୍ୟାଟିଂ ବିଫଳତା ଯୋଗୁ ଘରୋଇ ଝାଡ଼ଖଣ୍ଡ ୯୮ ରନରେ ଶେଷ ୭ଟି ଉଇକେଟ୍ ହରାଇ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍କର୍ଷ ସିଂ ୨୧, ଇଶାଙ୍କ ଜାଗୀ ୩୪, ବରୁଣ ଆରୋନ ୧୫ ରନ କରିଥିଲେ। ଓଡ଼ିଶା ପକ୍ଷରୁ ବସନ୍ତ ୫ ଉଇକେଟ୍ ନେଇଥିବାବେଳେ ରାଜେଶ ମହାନ୍ତି (୩), ଧୀରାଜ ସିଂ (୧) ଓ ଗୋବିନ୍ଦ (୧) ଉଇକେଟ୍ ବାଣ୍ଟି ନେଇଥିଲେ।

ଜବାବରେ ପ୍ରଥମ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା । ୭ ରନ୍‌ରେ ଓଡ଼ିଶା ରାଜେଶ ଧୂପର (୦), ଗୋବିନ୍ଦ ପୋଦ୍ଦାର(୪) ଓ ଶୁଭ୍ରାଂଶୁ ସେନାପତି (୦)ଙ୍କ ଉଇକେଟ ହରାଇଥିଲା। ଚଳିତ ସିଜନରେ ଦମ୍‌ଦାର ଫର୍ମରେ ଥିବା ଶୁଭ୍ରାଂଶୁ ରନଆଉଟ ହୋଇଥିବା ବେଳେ ରାଜେଶ ଓ ଗୋବିନ୍ଦଙ୍କୁ ଅନ୍ତର୍ଜାତୀୟ ତାରକା ବରୁଣ ଆରୋନ ଏଲବିଡବ୍ଲ୍ୟୁ କରିଥିଲେ।

### ଦେବାଶିଷଙ୍କ ସମକକ୍ଷ ହେଲେ ବସନ୍ତ

ଓଡ଼ିଶା ରଣ୍‌ଜୀ ଦଳର ଭରସାଯୋଗ୍ୟ ଓ ଅଭିଜ୍ଞ ପେସ ବୋଲର ବସନ୍ତ ମହାନ୍ତି ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ୫ ଉଇକେଟ ଦଖଲ କରିବା ସହ ଓଡ଼ିଶା କ୍ରିକେଟର ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ବସନ୍ତଙ୍କର ଏହା ହେଉଛି ୧୯ତମ ୫ମ ଉଇକେଟ ସଫଳତା। ପୂର୍ବରୁ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତିଙ୍କ ନାମରେ ଏହି ରେକର୍ଡ ରହିଥିବାବେଳେ ବସନ୍ତ ଏବେ ଦେବାଶିଷଙ୍କ ସମକ୍ଷକ ହୋଇଛନ୍ତି। ଦେବାଶିଷ ସ୍ୱର୍ଣ୍ଣିମ ପ୍ରଥମ ଶ୍ରେଣୀ କ୍ୟାରିୟରରେ ୧୧୭ ମ୍ୟାଚ୍‌ରୁ ମୋଟ ୪୧୭ ଉଇକେଟ ଦଖଲ କରିଛନ୍ତି। ବସନ୍ତ ୮୬ ମ୍ୟାଚ୍ ଖେଳି ୩୨୩ ଉଇକେଟ ଅକ୍ତିଆର କରିଛନ୍ତି।

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ଭୁବନେଶ୍ୱର, ୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ବିଶ୍ୱକପ୍‌ରେ ଶୁକ୍ରବାର ପୁଲ୍ ବି'ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି ଦୁଇ ମ୍ୟାଚ୍‌ର ଫଳାଫଳ ଉପରେ କେଉଁ ଦୁଇଟି ଦଳ କ୍ରସ୍‌ଓଭର ମ୍ୟାଚ୍ ଖେଳିବେ ତାହା ସ୍ପଷ୍ଟ ହେବ। ପ୍ରଥମ ମ୍ୟାଚ୍‌ରେ ଗ୍ରୁପ୍ ଟପ୍ପର ଅଷ୍ଟ୍ରେଲିଆ ନବାଗତ ଚାଇନାକୁ ଭେଟିବ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ।

ଗତ ଦୁଇଟି ସଂସ୍କରଣରେ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଏଥର ମଧ୍ୟ ନିଜର ଖ୍ୟାତି ଅନୁରୂପ ପ୍ରଦର୍ଶନ କରି ପ୍ରଥମ ଦୁଇ ମ୍ୟାଚ୍ ଜିତି ୬ ପଏଣ୍ଟ ହାସଲ କରିବା ସହ ପୁଲ ବି'ର ଶୀର୍ଷ ସ୍ଥାନ ଅଧିକାର କରି ବିଶ୍ୱକପ୍‌ର ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲ ଟିକେଟ ହାସଲ କରିଛି। ଅନ୍ୟପଟେ ବିଶ୍ୱକପ୍ ପଦାର୍ପଣ କରିଥିବା ଚାଇନା ଦୁଇଟି ମ୍ୟାଚ୍ ଖେଳି ଦୁଇଟି ଡ୍ର' ସହ ଦୁଇ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ବିଜୟୀ ହେଲେ ୯ ପଏଣ୍ଟ ହାସଲ କରିବ। ଅନ୍ୟପଟେ ଚାଇନା ବିଜୟୀ ହେଲେ ୫ ପଏଣ୍ଟ ହାସଲ କରି କ୍ରସଓଭର ମ୍ୟାଚ୍ ପାଇଁ ଯୋଗ୍ୟତା ହାସଲ କରିବ। ପୁଣି ଯଦି ଚାଇନା ପରାସ୍ତ ହୁଏ କିମ୍ବା ମ୍ୟାଚ୍ ଡ୍ର ହୁଏ ତେବେ କ୍ରସଓଭର ମ୍ୟାଚ୍ ପାଇଁ ଏହି ଦଳକୁ ଆୟର୍ଲାଣ୍ଡ ଓ ଇଂଲଣ୍ଡ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବାକୁ ହେବ। ଯଦି ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଡ୍ର ହୁଏ ତେବେ ୩ଟି ଯାକ ଦଳ ସମାନ ୨ ପଏଣ୍ଟ ପାଇବେ। ଏଭଳି ସ୍ଥିତିରେ କ୍ରସ୍‌ଓଭର ମ୍ୟାଚ୍ ପାଇଁ ଗୋଲ ବ୍ୟବଧାନ ମାପକାଠି ହେବ। ଯେଉଁ ଦୁଇଟି ଦଳର ଗୋଲ ବ୍ୟବଧାନ ଉନ୍ନତ ଥିବ ସେହି ଦୁଇଟି ଦଳ କ୍ରସ୍‌ଓଭର ମ୍ୟାଚ୍ ଖେଳିବେ। ପୁଣି ଇଂଲଣ୍ଡ କିମ୍ବା ଆୟର୍ଲାଣ୍ଡ ମଧ୍ୟରୁ ବିଜୟୀ ଦଳ କ୍ରସ୍ ଓଭର ଖେଳିବ ଓ ଚାଇନା ତୃତୀୟ ସ୍ଥାନରେ ରହି କ୍ରସ୍‌ଓଭର ଖେଳିବା ପାଇଁ ଯୋଗ୍ୟ ବିବେଚିତ ହେବ।

ଅଷ୍ଟ୍ରେଲିଆ ତା'ର ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୩-୦ ଗୋଲରେ ବିଜୟୀ ହୋଇଥିଲା। ସମୟ ଅନୁସାରେ ଅଷ୍ଟ୍ରେଲିଆ ତା'ର ପ୍ରଦର୍ଶନରେ ଉନ୍ନତି ଆଣିଛି। ତେବେ ଚାଇନା ବିପକ୍ଷରେ ଅଷ୍ଟ୍ରେଲିଆ କ୍ଲିୟର ଫେଭରାଇଟ ବିବେଚିତ ହେଉଛି। ଅଷ୍ଟ୍ରେଲିଆ ବିଶ୍ୱର ୧ ନମ୍ବର ଦଳ ହୋଇଥିବା ବେଳେ ଗତ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଅନ୍ୟପଟେ ଚାଇନା ବିଶ୍ୱ ର୍‍ୟାଙ୍କିଂର ୧୭ତମ ସ୍ଥାନରେ ରହିଛି। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଚାଇନାଠାରୁ ଯଥେଷ୍ଟ ଆଗରେ ରହିଛି। ତେବେ ଚାଇନା ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ଅଷ୍ଟ୍ରେଲିଆକୁ ହରାଇବାକୁ ଆମେ ସବୁମତେ ଚେଷ୍ଟା କରିବୁ ବୋଲି ଚାଇନା ହେଡ କୋଚ୍ କିମ୍ ସାଙ୍ଗ-ରିଉଲ କହିଛନ୍ତି।

### ଆଜିର ମ୍ୟାଚ୍



**ଅଷ୍ଟ୍ରେଲିଆ ବନାମ ଚାଇନା**
ପୁଲ୍-ବି
ସମୟ : ଅପରାହ୍ନ ୫ଟା

**ଆୟର୍ଲାଣ୍ଡ ବନାମ ଇଂଲଣ୍ଡ**
ପୁଲ୍-ବି
ସମୟ: ରାତି ୭ଟା
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

# କ୍ରସ୍‌ଓଭର ଲାଗି ଆୟର୍ଲାଣ୍ଡ- ଇଂଲଣ୍ଡ ମୁକାବିଲା

**ଭୁବନେଶ୍ୱର, ୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଗ୍ରୁପ୍ ବି'ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ମୁହାଁମୁହିଁ ହେବେ। ଦୁଇଟି ଯାକ ଦଳ ଦୁଇଟି ମ୍ୟାଚ୍ ଖେଳିଛନ୍ତି। ଏଥିରୁ ଗୋଟିଏ ମ୍ୟାଚ୍ ଡ୍ର ରଖିଥିବା ବେଳେ ଗୋଟିଏ ମ୍ୟାଚ୍ ଅମୀମାଂସିତ ରଖିଛନ୍ତି। ଫଳର ଏହି ଦୁଇ ଦଳ ସମାନ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ତେବେ ଉନ୍ନତ ଗୋଲ ବ୍ୟବଧାନ ବଳରେ ଆୟର୍ଲାଣ୍ଡ ତୃତୀୟ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ଚତୁର୍ଥ ସ୍ଥାନରେ ରହିଛି। ଏହି ପୁଲ୍‌ରେ ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲକୁ ଉଠି ସାରିଛି। ପୁଣି ଚାଇନା ଦୁଇଟି ମ୍ୟାଚ୍ ଖେଳି ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଫଳରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରୁ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନକୁ ଉଠି କ୍ରସ୍‌ଓଭର ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ହାସଲ କରିବ। ପୁଣି ଅଷ୍ଟ୍ରେଲିଆ- ଚାଇନା ମ୍ୟାଚ୍‌ର ଫଳାଫଳ ମଧ୍ୟ ଏଭଳି ସ୍ଥିତିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ଦୁଇଟି ମ୍ୟାଚ୍‌ର ଫଳାଫଳ ଉପରେ କ୍ରସ୍ ଓଭର ମ୍ୟାଚ୍ ନେଇ ସ୍ଥିତି ସ୍ପଷ୍ଟ ହେବ। ଏଭଳି ସ୍ଥିତିରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିଜୟୀ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରିବେ। ଉଭୟ ଦଳ ଗତ ମ୍ୟାଚ୍‌ଗୁଡିକର ତ୍ରୁଟି ସୁଧାରି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଶୁକ୍ରବାର ଖେଳାଯିବାକୁ ଥିବା ଏହି ଦୁଇଟି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଚାଇନାକୁ ଭେଟିଥିଲା ଓ ଏହି ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଅନ୍ୟପଟେ ଆୟର୍ଲାଣ୍ଡ ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ୨-୧ ଗୋଲରେ ହାରିଥିଲା। ତେବେ ଚାଇନା ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୧-୧ ଗୋଲରେ ଅମୀମାଂସିତ ରଖିଥିଲା।



■ କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ

# ଫାଇନାଲରେ କୁମାରୀ, ଚୋରମୁହାଁ ଜୋନାଲ୍

**ଧର୍ମଶାଳା,୬।୧୨(ଡିଏନଏ)**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବଡକାଏମାସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ କଳ୍ପତରୁ ଦାସ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟରେ ଗୁରୁବାର ଅନୁଷ୍ଠିତ ଦୁଇଟି ସେମିଫାଇନାଲ୍ ଖେଳରେ କୁମାରୀ ଓ ଚୋରମୁହାଁ ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ଖେଳରେ କୁମାରୀ ଗ୍ରାମପଞ୍ଚାୟତ ନଠୁଆବର ଦଳକୁ ଭେଟିଥିଲା। ନଠୁଆବର ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭର ମଧ୍ୟରୁ ୧୪.୪ଓଭର ଖେଳି ସମସ୍ତ ୱିକେଟ ବିନିମୟରେ ୧୦୬ରନ୍ କରିଥିଲା। ଦଳପକ୍ଷରୁ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ୨୩ ଓ ମନୋଜ ପଣ୍ଡା ୧୬ରନ୍ ସଂଗ୍ରହ କରିଥିଲେ। ଜବାବରେ କୁମାରୀ କ୍ରିକେଟ୍ ଦଳ୧୫ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ଚିତ୍ତରଂଜନ ମହାନ୍ତି ସର୍ବାଧିକ ଅପରାଜିତ ୪୦ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ସେମିଫାଇନାଲ୍ ଖେଳରେ ଚୋରମୁହାଁ ଦଳ ଚହଟା ଦଳକୁ ଭେଟିଥିଲା। ପ୍ରଥମେ ଚୋରମୁହାଁ ଦଳ ଟସ୍ ଜିତି ଚହଟା ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏହି ଦଳ ନିର୍ଦ୍ଧାରିତ ୧୫ଓଭରରେ ୧୧୭ରନ୍ ସଂଗ୍ରହ କରିବା ସହିତ ସମସ୍ତ ଖେଳାଳି ଆଉଟ ହୋଇଯାଇଥିଲେ। ଚହଟା ଦଳପକ୍ଷରୁ ସୂରଜ ଯାଦବ ୩୭ ଓ ସଂଗ୍ରାମ ମହାନ୍ତି ୩୬ରନ୍ ସଂଗ୍ରହ କରିଥିଲେ। ଜବାବରେ ଚୋରମୁହାଁ ଦଳ ବ୍ୟାଟିଂ କରି ୧୨.୪ ଓଭରରେ ୩ ଉଇକେଟ ହରାଇ ୧୨୧ରନ୍ କରି ବିଜୟୀ ହୋଇଥିଲା। ଦଳପକ୍ଷରୁ ଆନନ୍ଦ ବେହେରା ସର୍ବାଧିକ ଅପରାଜିତ ୮୯ରନ୍ ସଂଗ୍ରହ କରିଥିଲା ବେଳେ ଅନୁପ ସାମଲ ୧୭ରନ୍ ସଂଗ୍ରହ କରିଥିଲେ। ଏହି ଦୁଇଟି ମ୍ୟାଚକୁ ଇନ୍ତେକାବ୍ ଆଲାମ୍ , ଦିଲକ୍ ଜେନା ଓ ପ୍ରଦୀପ୍ତ ରାଉତ୍ ପରିଚାଳନା କରିଥିଲାବେଳେ ବାସୁଦେବ ମିଶ୍ର, ପ୍ରକାଶ ଧଳ ଓ ଶୁଭ୍ରଜିତ୍ ଦାସ ସ୍କୋରରେ ସହାୟତା କରିଥିଲେ। ଧର୍ମଶାଳା ପ୍ରେସ୍ କ୍ଲବର ସଭାପତି ଇନ୍ଦ୍ରମଣି ନାୟକ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ଓ ବଡକାଏମା ଗ୍ରାମ ପଞ୍ଚାୟତର ସରପଞ୍ଚ ଅଙ୍କୁର ନାୟକ ଅତିଥି ଭାବେ ଯୋଗଦେଇ କୃତି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଶୁକ୍ରବାର ଫାଇନାଲ୍ ଖେଳରେ କୁମାରୀ ଦଳ ଚୋରମୁହାଁ ଦଳକୁ ଭେଟିବ ।

ସ୍ୱଳ୍ପ ସଞ୍ଚୟ ଜମା ଟଙ୍କା ଆତ୍ମସାତ ମାମଲା

# ପୋଷ୍ଟମାଷ୍ଟରଙ୍କୁ ଅଢ଼େଇ ବର୍ଷ ଜେଲ ଦଣ୍ଡାଦେଶ

**ଯାଜପୁର ଅଫିସ,୬।୧୨**

ଜମାକାରୀଙ୍କ ସ୍ୱଳ୍ପ ସଞ୍ଚୟ ଜମା ଟଙ୍କା ଆତ୍ମସାତ ଅଭିଯୋଗରେ ଡାକ ବିଭାଗ ପକ୍ଷରୁ ରୁଜୁ ଏକ ମାମଲାର ୩୪ବର୍ଷ ପରେ ରାୟ ପ୍ରକାଶ ପାଇଛି। ଜେନାପୁର ଥାନା ଅନ୍ତର୍ଗତ ଅଣ୍ଟିଆ ଶାଖା ଡାକ ଘରର ତତ୍କାଳୀନ ପୋଷ୍ଟମାଷ୍ଟର ଗୋଲକ ବିହାରୀ ମହାନ୍ତି(୭୨ବର୍ଷ)ଙ୍କୁ ବୁଧବାର ଯାଜପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ଦୌରାଜଜ୍ ରାଜେଶ କୁମାର ନାୟର ଭି.ଜି. ୧୦ହଜାର ଟଙ୍କା ଜରିମାନା ସହ ୨ ବର୍ଷ ୬ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ରାଶି ଅନାଦେୟ ହେଲେ ଆଉ ୬ମାସ ପାଇଁ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ ଯେ, ଜେଲ୍ ଦଣ୍ଡାଦେଶ ପାଇଥିବା ମହାନ୍ତି ୧୯୮୪ରେ ଅଣ୍ଟିଆ ଶାଖା ଡାକଘରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ଜମାକାରୀଙ୍କଠାରୁ ଜମା ବାବଦରେ ୨୬,୯୮୨.୬୦ ଟଙ୍କା ଗ୍ରହଣ କରାଯାଇଥିଲା। ମାତ୍ର ମହାନ୍ତି ସେହି ଅର୍ଥ ରାଶିକୁ ବିଭାଗୀୟ ତହବିଲରେ ଜମା ନ କରି ନିଜେ ଆତ୍ମସାତ କରିଥିବା ବିଭାଗୀୟ ଅଡିଟରେ ଜଣାପଡ଼ିବା ପରେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହାପରେ ଯାଜପୁର ରୋଡ ଡାକ ବିଭାଗ ଉପଖଣ୍ଡର ତତ୍କାଳୀନ ନିରୀକ୍ଷକ ନୂପୁର ରାୟଚୌଧୁରୀ ଧର୍ମଶାଳା ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଆଇପିସିର ଦଫା ୪୦୯ ଓ ୪୭୭ରେ ଏକ

## ୩୪ବର୍ଷ ପରେ ପ୍ରକାଶ ପାଇଲା ରାୟ

ମାମଲା (ନଂ. ୨୫୯/୧୯୮୪) ରୁଜୁ ହୋଇ ପୋଲିସ ତଦନ୍ତ କରିଥିଲା। କିନ୍ତୁ ଆବଶ୍ୟକ ପ୍ରମାଣ ଅଭାବ ଦର୍ଶାଇ୧୯୮୬ରେ ମାମଲାକୁ ବନ୍ଦ କରି ଯାଜପୁର ଏସ୍‌ଡିଜେଏମ କୋର୍ଟରେ ପୋଲିସ ଫାଇନାଲ ଫର୍ମ ଦାଖଲ କରିଥିଲା। ଏହାପରେ ପୋଲିସର ଫାଇନାଲ ଫର୍ମ ବିରୋଧରେ ଯାଜପୁର ରୋଡ ଡାକ ବିଭାଗ ଉପଖଣ୍ଡର ତତ୍କାଳୀନ ନିରୀକ୍ଷକ ଭରତଚନ୍ଦ୍ର ସେଠୀ ଏସଡିଜେଏମ କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିସନ ଦାଖଲ କରିଥିଲେ। ଫଳରେ କୋର୍ଟଙ୍କ ନିର୍ଦ୍ଦେଶରେ ମହାନ୍ତିଙ୍କ ବିରୋଧରେ ଉକ୍ତ ମାମଲା ପୁଣି ଶୁଣାଣି ଆରମ୍ଭ ହୋଇଥିଲା। ତେବେ ଉକ୍ତ ଶୁଣାଣିକୁ ବିରୋଧ କରି ଅଭିଯୁକ୍ତ ମହାନ୍ତି ମଧ୍ୟ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିଯୋଗୁ ବିଚାର ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ମୋଟ ୯ ଜଣ ସାକ୍ଷୀଙ୍କ ବୟାନ ଓ ୫୧ଗୋଟି ଲିଖିତ ପ୍ରାମାଣିକ ଦସ୍ତାବିଜ ଆଧାରରେ ସିଜେଏମ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ବୁଧବାର ଏହି ଦଣ୍ଡାଦେଶ ଦେଇଛନ୍ତି। ଡାକ ବିଭାଗ ପାଇଁ ଆଡ଼ିସନାଲ ଷ୍ଟାଣ୍ଡିଂ କାଉନ୍‌ସେଲ ଉଦୟନାଥ ସାହୁ ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଉଦୟନାଥ ଶତପଥୀ ମାମଲା ପରିଚାଳନା କରିଥିଲେ।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ–ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧)
**ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୭୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନାବାଳିକା ଅପହରଣ ନେଇ ଉତ୍ତେଜନା: ୩ ଗିରଫ

**ଧର୍ମଶାଳା,୬ା୧୨(ଡିଏନଏ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମାଗଡ଼ ଗ୍ରାମର ଜଣେ ନାବାଳିକାକୁ ସେହି ଗ୍ରାମର ଜଣେ ନାବାଳକ ଅପହରଣକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ୩ଜଣଙ୍କୁ ଗିରଫ କରିଛି। ନାବାଳିକା ପିତା ଜେନାପୁର ଥାନାରେ କରିଥିବା ଅଭିଯୋଗ ଅନୁସାରେ ତାଙ୍କ ଝିଅକୁ ସେହି ଗ୍ରାମର ଶନିଆ ରାଉତ ଅପହରଣ କରିନେବା ପରେ ତାଙ୍କ ପରିବାର ଓ ସହଯୋଗୀମାନେ ନାବାଳିକାଙ୍କ ପରିବାରକୁ ମାରଧର କରିଥିଲେ। ଏନେଇ ଗ୍ରାମରେ ଉତ୍ତେଜନା ଲାଗିରହିଥିବାରୁ ପୋଲିସ ପକ୍ଷରୁ ଏକପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଉକ୍ତ ଘଟଣାରେ ପୋଲିସ ଗୁରୁବାର ଅଜୁ ସାହୁ, ସୁବର୍ଣ୍ଣ ସାହୁ, ଗଣେଶ୍ୱର ରାଉତଙ୍କୁ ଗିରଫ କରିଛି।

### ଭାଷା ସମ୍ମାନ ପାଇଁ ଗଗନେନ୍ଦ୍ରଙ୍କୁ ଅଭିନନ୍ଦନ

**ଯାଜପୁର ଅଫିସ,୬ା୧୨:** କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ଏକାଡେମୀ ଭାଷା ସମ୍ମାନ ପାଇଁ ଚଳିତ ବର୍ଷ ଗବେଷକ ପ୍ରଫେସର ଗଗନେନ୍ଦ୍ର ନାଥ ଦାଶଙ୍କୁ ମନୋନୀତ କରାଯାଇଛି। ଯାଜପୁର ଜିଲା ବଡଚଣା ବ୍ଲକରେ ଜନ୍ମିତ ଦାଶ ଓଡିଆ ଭାଷା ସାହିତ୍ୟ କ୍ଷେତ୍ରରେ ବେଶ୍ ପରିଚିତ ବ୍ୟକ୍ତିତ୍ୱ । ତାଙ୍କ ଲିଖିତ ଓଡିଆ ଭାଷା ଚର୍ଚ୍ଚାର ପରମ୍ପରା, ଖଦ୍ୟୋତର ଦ୍ୟୁତି, ଶୈଳୀ ବିଜ୍ଞାନ : ଏକ ସମ୍ପାନ, ମୌଳିକ ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନ : ବିତର୍କର ଗୋଟିଏ ପାଖ, ଓଡିଆ ଆଦି ଉପାଦେୟ ଲେଖା ବେଶ ଆଦୃତ। ଜିଲାପାଳ ରଞ୍ଜନ କୁମାର ଦାସ ଏହି ଅନନ୍ୟ ଓ ସମ୍ମାନଜନକ ପୁରସ୍କାର ପାଇଁ ଗବେଷକ ଦାଶଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ଜିଲା ପାଇଁ ଏକ ଗର୍ବ ଓ ଗୌରବର କଥା ବୋଲି କହିଛନ୍ତି। ସେହିପରି ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, ସଂଯୁକ୍ତା ମହାପାତ୍ର, ସାହିତ୍ୟିକ ତଥା ଶ୍ରମିକ ନେତା ମାୟାଧର ନାୟକ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

### ଶ୍ରାଦ୍ଧ ଦିବସରେ ଆମ୍ବେଡକରଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର ଅଫିସ,୬ା୧୨:** ସମ୍ବିଧାନ ପ୍ରଣେତା ଭାରତରତ୍ନ ବି.ଆର. ଆମ୍ବେଡକରଙ୍କ ପୂଣ୍ୟ ତିରୋଧାନ ଦିବସ ଅବସରରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଥିବା ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ସମାଜସେବୀ ନିଶିତ ଦାସ, ପତଞ୍ଜଳି ଯୋଗ ଶିବିରର ଗୁରୁ ମନ୍ମଥ ସାମଲ, ସରୋଜ କୁମାର ଜେନା, ପରମାନନ୍ଦ ତ୍ରିପାଠୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗ ଗୁରୁ ଗୋପୀନାଥ ସେଠୀ, ବିଶ୍ୱନାଥ ସାହୁ, ହୃଷିକେଶ ନାଥ, ଅଜୟ ସାମଲ, ସୁଶାନ୍ତ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

■ ଘରୋଇ ଶିକ୍ଷକଙ୍କୁ ଓଟିଇଟି ଅନୁମତି ପ୍ରତ୍ୟାହାର ଦାବି

## ଏଡିଏମ୍‌ଙ୍କୁ ଘେରିଲେ ଡିଆଇଇଟି ଛାତ୍ରୀଛାତ୍ର

**ଯାଜପୁର ଅଫିସ/ରଗଡି (ଡି.ଏନ.ଏ.),୬ା୧୨**

ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଦ୍ୱାରା ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ (ଡିଇଏଲଇଡି) ପାଠ୍ୟକ୍ରମରେ ଅଧ୍ୟୟନରତ ଘରୋଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଓଡିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ଅନୁମତି ପ୍ରତ୍ୟାହାର କରିବାକୁ ଦାବି ତେଜିଛି। ଯାଜପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର(ଡିଆଇଇଟି)ର ଛାତ୍ରୀଛାତ୍ରମାନେ ଗତ ୮ଦିନ ହେଲା ଆନ୍ଦୋଳନ ଜାରି ରଖିଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗୁରୁବାର ପ୍ରାୟ ୨୦୦ଛାତ୍ରୀଛାତ୍ର କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ୍) ସନ୍ତୋଷ କୁମାର ମିଶ୍ରଙ୍କୁ ଘେରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପତ୍ରସଂଖ୍ୟା ୨୫୫୦୦/୨୬ା୧୧ା୨୦୧୮ ତାରିଖରେ ତରିବରିଆ ଭାବେ ସରକାର ଜାତୀୟ ମୁକ୍ତ ବିଦ୍ୟାଳୟ ମାଧ୍ୟମରେ ଅଧ୍ୟୟନ କରୁଥିବା ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଓଟିଇଟି ଦେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଯାହାକି କଟା ଘାରେ ଚୂନ ଦେବା ସଦୃଶ ହୋଇଛି। ଏପରିକି ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଦ୍ୱାରା କୌଣସି ନୀତି ନିର୍ଦ୍ଧାରଣ କରା ନ ଯାଇ ରାଜ୍ୟର ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷକଙ୍କୁ ଡିଇଏଲଇଡି ପାଠ୍ୟକ୍ରମ ମାତ୍ର ୫୪ଦିନ ମଧ୍ୟରେ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷକମାନେ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ମାଧ୍ୟମରେ ଡିଇଏଲ୍‌ଇଡି ପାଠ୍ୟକ୍ରମ କରିଛନ୍ତି ସେମାନଙ୍କ ମଧ୍ୟରେ ଅନେକଙ୍କ ସର୍ବନିମ୍ନ ଯୋଗ୍ୟତା ନାହିଁ । ଶତାକଡ଼ା ୫୦ଭାଗ ନମ୍ବର ଯୁକ୍ତଦୁଇ ପାଠ୍ୟକ୍ରମରେ ରଖି ନାହାନ୍ତି। ଅନେକ ଘରୋଇ ସ୍କୁଲ ସରକାରଙ୍କ ଦ୍ୱାରା ଏନଓସି ପ୍ରାପ୍ତ ହୋଇନାହିଁ । କେତେକ ଭୂତ ଶିକ୍ଷକ ମଧ୍ୟ ଏହି ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଅର୍ନ୍ତଭୁକ୍ତ ଅଛନ୍ତି। ଅନ୍ୟପକ୍ଷେ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଏବଂ ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଅଧ୍ୟୟନରତ ଗୁରୁ ଛାତ୍ରୀଛାତ୍ରମାନେ ସରକାରଙ୍କ ଆବଶ୍ୟକୀୟ ନୀତି ନିୟମ ଅନୁସାରେ ତଥା ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଚୟନ ହୋଇ ୨ବର୍ଷରେ ଉକ୍ତ ପାଠ୍ୟକ୍ରମକୁ ଶେଷ କରିଛନ୍ତି । ଏହାପରେ ଯାଇ ସେମାନେ ଓଟିଇଟି ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କିନ୍ତୁ ମାତ୍ର ୨୭ଦିନ ପାଠ ପଢିବା ପରେ ଅନ୍ୟ ସମସ୍ତଙ୍କୁ ସମାନ କରି ଓଟିଇଟି ଦେବା ପାଇଁ ଅନୁମତି ଦେଇଛନ୍ତି । ଯାହାକୁ ଡିଆଇଇଟି ଛାତ୍ରୀଛାତ୍ରମାନେ ବିରୋଧ କରି ଆସୁଛନ୍ତି। ଏହି ଦାବି ତୁରନ୍ତ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଏଡିଏମ୍ ଛାତ୍ରୀଛାତ୍ରଙ୍କ ଦାବିକୁ ବିଚାର କରାଯିବ ବୋଲି କହିଛନ୍ତି।


ଏଡିଏମ୍‌ଙ୍କ ସହ ଛାତ୍ରୀଛାତ୍ରମାନେ ଆଲୋଚନା କରୁଛନ୍ତି।

## ଗୃହରକ୍ଷୀ ବାହିନୀର ୫୬ତମ ପ୍ରତିଷ୍ଠା ଦିବସ

**କୋରେଇ,୬ା୧୨(ସ୍ୱ.ପ୍ର.)**

ପାଣିକୋଇଲିସ୍ଥିତ ଯାଜପୁର ଜିଲା ରିଜର୍ଭ ପୋଲିସ ପଡିଆରେ ଗୃହରକ୍ଷୀ ଓ ବେସାମରିକ ବାହିନୀର ୫୬ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଗୃହରକ୍ଷୀ ବାହିନୀଙ୍କଠାରୁ ପ୍ୟାରେଡ ଅଭିବାଦନ ଗ୍ରହଣ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ । ୧୯୬୨ରୁ ସ୍ୱେଚ୍ଛାସେବୀରୁ ହୋମଗାର୍ଡ ଭାବେ ନାମିତ ହେବା ପରେ ଯାଜପୁର ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଆଦି ପ୍ରତ୍ୟେକ ସ୍ତରରେ ଉଲ୍ଲେଖନୀୟ କାର୍ଯ୍ୟ କରି ନିଜର ପରାକାଷ୍ଠା ପ୍ରତିପାଦନ କରିପାରିଛନ୍ତି ବୋଲି ଏସ୍‌ପି ମୀନା ମତବ୍ୟକ୍ତ କରିଥିଲେ । କଳିଙ୍ଗନଗର ବାଟାଲିଅନ କମାଣ୍ଡର ନାରାୟଣ ଦୋରା, ଉପ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ, ଡିଏସପି ବାଉରୀବନ୍ଧୁ ବେହେରା, ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି, ଇନ୍ସପେକ୍ଟର ଅଜୟ କୁମାର ଜେନା, ଶରତଚନ୍ଦ୍ର ପାତ୍ର, ଚିନ୍ମୟୀ ସାହୁ, ଅଲରାବତୀ ମାରାଣ୍ଡିଙ୍କ ସମେତ ଜିଲାର ବିଭିନ୍ନ ଥାନାଅଧିକାରୀ ଯୋଗ ଦେଇଥିଲେ । ହୋମଗାର୍ଡ ବାହିନୀର ପ୍ୟାରେଡ କମାଣ୍ଡର ଉମାକାନ୍ତ ରାଉତ, ସହ କମାଣ୍ଡର ନୃସିଂହ ସ୍ୱାଇଁ, କମ୍ପାନୀ କମାଣ୍ଡର ଗୋବିନ୍ଦ ମଲିକ, ହରେକୃଷ୍ଣ ରାଉତ, ପ୍ଲାଟୁନ କମାଣ୍ଡର ରଞ୍ଜନ କୁମାର ମଲିକ, ପ୍ରକାଶ ମଲ୍ଲିକ ପ୍ରମୁଖ ପ୍ୟାରେଡ ପରିଚାଳନା କରିଥିଲେ ।

### ଦଲିଲ୍ ହଜିଛି

ମୁଁ ଶ୍ରୀମତୀ ସୁଜାତା ସୁବୁଦ୍ଧି, ସ୍ୱାମୀ- ବି. ଅନନ୍ତ ପଦ୍ମନାଭ ସୁବୁଦ୍ଧି, ପେସା: ବ୍ୟବସାୟ, ବର୍ତ୍ତମାନ ବାସିନ୍ଦା: ରସୁଲଗଡ଼, ପୋଷ୍ଟ- ମଞ୍ଚେଶ୍ୱର, ଥାନା- ଶହୀଦନଗର, ଜିଲ୍ଲା- ଖୋର୍ଦ୍ଧା ମୋର ଜମି କାଗଜପତ୍ର ଅର୍ଥାତ୍ ମୋ ସପକ୍ଷରେ ସର୍ବେଶ୍ୱର ରାଉତଙ୍କ ଦ୍ୱାରା ସ୍ୱାକ୍ଷରିତ "ପଞ୍ଜୀକୃତ ବିକ୍ରି କବଲା" ସଂଖ୍ୟା- ୮୧୫୧, ତାରିଖ: ୦୮।୧୧।୧୯୭୬ ଏବଂ ରାଜେନ୍ଦ୍ର କୁମାର ପାତ୍ରଙ୍କ ନାମରେ ଥିବା ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ "ଅଧିକାରର ଅଭିଲେଖ" ଖାତା ସଂଖ୍ୟା- ୩୧୪, ପ୍ଲଟ୍ ନଂ.- ୫୩୨/୧୦୨୬ ହଜିଯାଇଛି।
ଏହି ଦୁଇଟି ଦଲିଲ୍ ମୋ ଜମି ଏସିଓ-୧୪୨ ଏ/ସି ମୌଜା:- ବମିଖାଲ, ଭୁବେନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ପାଇଁ ଅଟେ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍ ପାଇଥାନ୍ତି ତେବେ ଦୟାକରି ମୋବାଇଲ ନଂ.- 8249447728ରେ ସୂଚିତ କରନ୍ତୁ। କଥିତ ଦଲିଲ୍‌ର ଅପବ୍ୟବହାର ପାଇଁ ମୁଁ ଦାୟୀ ରହିବି ନାହିଁ ।




CLASSIFIED DISPLAY







FUTURE CONSUMER
DISTRIBUTOR REQUIRED
TOWN / AREA
Bhubaneswar, Cuttack, Puri, Jagatsinghpur, Paradeep, Bhadrak, Balasore, Baripada, Jajpur, Rairangpur, Barbil, Keonjhar, Dhenkanal, Bolangir, Sambalpur, Baragarh, Rourkela, Jharsuguda, Angul, Talcher, Nayagarh Balugaon, Berhampur, Rayagada, Jeypore, Similiguda.
(Req. SO HQ - For Bhubaneswar, Sambalpur, Berhampur)
FMCG & COSMETIC PRODUCTS
FUTURE CONSUMER LTD
Email : futureconsumer.in@rediffmail.com
9337119315 / 6370938612

## ତୃତୀୟ ଧର୍ମଶାଳା ପୁସ୍ତକମେଳା ଉଦ୍‌ଘାଟିତ


ଧର୍ମଶାଳା ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

**ଧର୍ମଶାଳା,୬ା୧୨(ଡିଏନଏ)**

ଧର୍ମଶାଳା ସାଧାରଣତନ୍ତ୍ର ଦିବସ ପାଳନ କମିଟି ପକ୍ଷରୁ ଧର୍ମଶାଳା ବାଣିପୀଠ ଖେଳ ପଡିଆରେ ତୃତୀୟ ଧର୍ମଶାଳା ପୁସ୍ତକ ମେଳା ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଯାଜପୁର ସାଂସଦ ରୀତା ତରାଇ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଧର୍ମଶାଳା ମାଟି ସାହିତ୍ୟ ସୃଷ୍ଟି କରିବାରେ ରାଜ୍ୟରେ ପ୍ରମୁଖସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ସାଧାରଣତନ୍ତ୍ର ଦିବସ ପାଳନ କମିଟି ପକ୍ଷରୁ ଅନୁଷ୍ଠିତ ପୁସ୍ତକ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାର ଲେଖକ ଓ ପ୍ରକାଶକ ଯୋଗଦେଇ ପୁସ୍ତକ ପ୍ରସାରଣରେ ସହାୟକ ହେଉଛନ୍ତି ବୋଲି ତରାଇ କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ହୁସେନ ରବିଗାନ୍ଧୀ ଯୋଗଦେଇ ଯୁବ ସାହିତ୍ୟିକ ସୃଷ୍ଟି କରିବାରେ ଧର୍ମଶାଳା ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି ଯୋଗ ଦେଇଥିଲେ। କମିଟିର ସଭାପତି ଭାରପ୍ରାପ୍ତ ତହସିଲଦାର ଶୀତଲ ଅଗ୍ରୱାଲ୍ ମେଳାରେ ସଭାପତିତ୍ୱ କରିଥିଲେ । ସାଧାରଣ ସମ୍ପାଦକ ତଥା ଥାନା ଅଧିକାରୀ ଉମାକାନ୍ତ ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲା ବେଳେ ପୁରୁଷୋତ୍ତମ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଭାକର ସାହୁଙ୍କ "ଏପ୍ରିଲ ଫୁଲ୍" ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।




SyndicateBank

## ସିଣ୍ଡିକେଟ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହାଅଛି ଭିତ୍ତିରେ"** ଇ-ନିଲାମ କରାଯିବ।

| ଶାଖା / ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ମୋଟ ବକେୟା/ ଡିମାଣ୍ଡ ନୋଟିସ୍/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| **ପୁରୀ ଶାଖା / ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ସାହୁ,** ସ୍ୱାମୀ: ଯଯାତି କେଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ରଶ୍ମିତା କୁମାରୀ ଆଚାର୍ଯ୍ୟ,** ପିତା: ଯଯାତି କଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | **ଶ୍ରୀମତୀ ଶାନ୍ତିଲତା ସାହୁଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ଖାତା ନଂ.: ୧୬୫/୭୯୩, ହାଲ୍ ଖାତା ନଂ.: ୧୬୫/୧୨୧୦, ସାବକ ପ୍ଲଟ୍ ନଂ.: ୧୬୯/୧୫୪୯, ହାଲ୍ ପ୍ଲଟ୍ ନଂ.: ୧୭୧/୨୦୧୦, ୧୬୯/୨୦୧୧, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୩, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୬, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୪, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୨ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୮୩୭/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୁରୀ ଶାଖା / ଋଣଗ୍ରହୀତା: ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟ,** ପିତା: ଯଯାତି କେଶରୀ ଆଚାର୍ଯ୍ୟ, ମାର୍ଫତ: ହୋଟେଲ୍ ସୁକନ୍ୟା, ସା/ପୋ.: ଚକ୍ରତୀର୍ଥ ରୋଡ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀ ତପନ କୁମାରୀ ପାଣିଗ୍ରାହୀ,** ପିତା: ଶ୍ରୀଧର ପାଣିଗ୍ରାହୀ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | **ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୨/୧୨୦୨, ପ୍ଲଟ୍ ନଂ.: ୧୬୯/୨୦୦୨, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୨, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୭, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୩, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୧ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୯୯୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୁରୀ ଶାଖା / ଋଣଗ୍ରହୀତା: ଶ୍ରୀ ଦୁଲ୍ଲାଲ ରାୟ,** ପିତା: ଚିତ୍ତରଞ୍ଜନ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଷଷ୍ଠୀ ରାୟ,** ସ୍ୱାମୀ: ଶ୍ରୀ ଦୁଲ୍ଲାଲ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା | **ଶ୍ରୀ ଦୁଲ୍ଲାଲ ରାୟଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨, ପ୍ଲଟ୍ ନଂ.: ୧୯୮, ମୌଜା: ଭାରଥୀପୁର, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୯୮ (ବିକ୍ରେତାର ଅଂଶ), ଉତ୍ତର: ବସ୍ତି ପ୍ଲଟ୍ ନଂ.: ଡି-୧, ଡି-ବିକ୍ରେତା, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ଡି-୧, ବି-ଶକୁନ୍ତଳା ମିଶ୍ର । | ଟ.୧୦,୩୫,୦୦୦/- / ଟ.୧,୦୩,୫୦୦/- / ଟ.୧୦,୦୦୦/- | ଟ.୧୬,୭୧,୮୨୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୋଡାଡିହ ଶାଖା / ଋଣଗ୍ରହୀତା: ମେସର୍ସ ସୀତା ସର୍ଭିସ୍ ଷ୍ଟେସନ୍, ସ୍ୱତ୍ତ୍ୱାଧିକାରୀ : ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ,** ସା./ପୋ.: ପାଟପୁର, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ / ଗ୍ୟାରେଣ୍ଟିଦାତା: ଜସ୍ମୀ ମାଝି,** ସା.: ଅଦାପାଳ, ପୋ.: ଜୁଆଳିଆ, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ **ଶ୍ରୀ ରବିନ୍ଦ୍ର ନାଥ ଦାସ,** ସା: ଦୂତୀକାଦେଇପୁର, ପୋ.: ଭୀମହାତୀ, ଭାୟ : ଉଦଳା, ଜିଲ୍ଲା : ମୟୂରଭଞ୍ଜ | **ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଟପୁର, ଖାତା ନଂ.: ୧୯, ପ୍ଲଟ୍ ନଂ.: ୩୪୫, କ୍ଷେତ୍ର: ଏକର ୦.୧୯ ଡ଼ିସିମିଲି, କିସମ: ଘରବାରୀ, ପୋ.: ପୋଡାଡିହ, ତହସିଲ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ଜମି (ପ୍ଲଟ୍ ନଂ.: ୩୪୪), ପଶ୍ଚିମ: ପିଡବ୍ଲୁଡି ରୋଡ୍, ଉତ୍ତର: ସରକାରୀ ଜମି (ପ୍ଲଟ୍ ନଂ.: ୩୦୨), ଦକ୍ଷିଣ: ନିଜସ୍ୱ ଜମି (ପ୍ଲଟ୍ ନଂ.: ୩୪୬) | ଟ.୨୪,୭୫,୦୦୦/- / ଟ.୨,୪୭,୫୦୦/- / ଟ.୧୦,୦୦୦/- | ଟ.୬୮,୮୫,୦୫୫/- / ୩୧.୦୧.୨୦୧୨ / ୧୩.୦୯.୨୦୧୨ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

**ନିୟମ ଓ ସର୍ତ୍ତାବଳୀ :**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହାଅଛି ଭିତ୍ତିରେ"** ସମ୍ପନ୍ନ ହେବ ।
୨) ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: **ତା.୨୬.୧୨.୨୦୧୮ରିଖ ଅପରାହ୍ନ ୪.୦୦** ଘଟିକା ପର୍ଯ୍ୟନ୍ତ । ଇ-ନିଲାମ ତାରିଖ ଓ ସମୟ: **ତା.୨୯.୧୨.୨୦୧୮ରିଖ ପୂର୍ବାହ୍ନ ୧୦.୦୦ ରୁ ମଧ୍ୟାହ୍ନ ୧୨.୦୦ ଘଟିକା।**
୩) ଇଚ୍ଛୁକ ନିଲାମଧାରୀମାନେ ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ **ସିଣ୍ଡିକେଟ୍ ବ୍ୟାଙ୍କ** (ସମ୍ପୃକ୍ତ ଋଣଗ୍ରହୀତା) ସପକ୍ଷରେ ଅମାନତ ଜମା ରାଶି ରୂପେ ଡ଼ିମାଣ୍ଡ ଡ୍ରାଫ୍ଟ ଡ୍ର କରି ପୈଠ କରିପାରିବେ।
୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନ୍‌କମ୍ବ୍ରାନ୍‌ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ । **ସମ୍ପତ୍ତି ତା.୨୦.୧୨.୨୦୧୮ ଏବଂ ୨୧.୧୨.୨୦୧୮ରିଖ ଅପରାହ୍ନ ୨.୦୦ଘଟିକା ରୁ ୪.୦୦ଘଟିକା** ମଧ୍ୟରେ ତନଖି କରିପାରିବେ।
୫) ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗ୍‌ଇନ୍ ଆଇଡି, ପାସ୍‌ୱାର୍ଡ, ଡାଟା ଅପଲୋଡ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ **M/s. e-Procurement Technologies Limited, (Auctiontiger) Ahmedabad** ଙ୍କ ସହ ଯୋଗାଯୋଗ କରିପାରନ୍ତି । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ **https://syndicatebank.auctiontiger.net** ରେ ପଞ୍ଜିକରଣ କରି ୟୁଜର ଆଇଡି, ପାସ୍‌ୱାର୍ଡ ଏବଂ ଇ-ନିଲାମ ତାଲିମ **M/s. e-procurement Technologies Ltd. (Auctiontiger) Ahmedabad** ରୁ ମାଗଣାରେ ପାଇପାରିବେ: **ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ.: ୦୮୦୦୦୦୨୩୨୯୭, ରାକେଶ, ମୋ.: ୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, ଶ୍ରୀ ରିକିନ୍, ମୋ.: ୦୯୯୭୮୫୯୧୮୮୮, E-mail ID: orissa@auctiontiger.net, rikin@auctiontiger.net & support@auctiontiger.net** ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ **ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: ୯୪୩୭୪୬୩୧୩୩ ଏବଂ ୯୪୩୭୫୭୯୫୩୧** ରେ ଯୋଗାଯୋଗ କରନ୍ତୁ: **E-mail id: ro.bhubaneswar@syndicatebank.co.in**
୬) ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ **https://syndicatebank.auctiontiger.net** ଦେଖନ୍ତୁ।
୭) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ **୭୫%** ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ ।
୮) କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ, ତାହା ବହନ କରିବେ ।
୯) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।
୧୦)ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା **194 IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **26QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୧୮** — **କ୍ଷମତାପ୍ରାପ୍ତ ଅଧିକାରୀ, ସିଣ୍ଡିକେଟ୍ ବ୍ୟାଙ୍କ**

## ସଂକ୍ଷେପରେ

### ମାଛ ଗୋଦାମ ଶଟର ଭାଙ୍ଗି ୩ ଲକ୍ଷ ଲୁଟ୍

ଚଣ୍ଡିଖୋଲ,୬।୧୨(ଡି.ଏନ.ଏ.)- ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକସ୍ଥିତ ମାଛ ବଜାରରେ ଥିବା ଏକ ଗୋଦାମ ଶଟର ଭାଙ୍ଗି ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ଲୁଟ୍ କରିଛନ୍ତି। ଏ ନେଇ ଗୋଦାମ ମାଲିକ ଗୁରୁବାର ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଦଶରଥପୁର ବ୍ଲକ ଅନ୍ତର୍ଗତ ପାଇକ ସାହି ଗ୍ରାମର ରବୀନ୍ଦ୍ର କୁମାର ରାଉତ ଦୀର୍ଘ ୨୫ ବର୍ଷ ଧରି ଚଣ୍ଡିଖୋଲ ଛକରେ ମାଛ ବ୍ୟବସାୟ କରି ଆସୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ମାଛ ବିକ୍ରି ବାବଦ ୩ ଲକ୍ଷ ଟଙ୍କା ବାକ୍ସରେ ରଖି ରବୀନ୍ଦ୍ର ହୋଟେଲକୁ ଖାଇବାକୁ ଯାଇଥିଲେ। ଖାଇସାରି ଆସି ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଶଟର ଭାଙ୍ଗି ୩ ଲକ୍ଷ ଟଙ୍କା ଲୁଟ୍ କରିନେଇଛନ୍ତି।

### ଅଗ୍ନିକାଣ୍ଡରେ ୫ ବଖରା ଭସ୍ମ

କୋରେଇ,୬।୧୨(ସ୍ୱ.ପ୍ର.)- ବେରୁଦା ପଞ୍ଚାୟତ ଅନ୍ତର୍ଗତ ନିତ୍ୟାନନ୍ଦପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ବିଦ୍ୟୁତ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଜଳିଯାଇଛି । ଏହି ଅଗ୍ନିକାଣ୍ଡରେ କେଶବ ପ୍ରଧାନ, ବିଶ୍ୱନାଥ ପ୍ରଧାନ ଓ ଚକ୍ରଧର ପ୍ରଧାନଙ୍କ ଘର ପୋଡି ଯାଇଥିବା ସୂଚନା ମିଳିଛି । ଖବରପାଇ ଯାଜପୁର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

### ଅନନ୍ୟା ସାହିତ୍ୟ ସଂସଦ ତରଫରୁ ରାଧାନାଥ ରଥ ଜୟନ୍ତୀ

ବିରଜାକ୍ଷେତ୍ର,୬।୧୨(ଡି.ଏନ୍.ଏ)- ଅନନ୍ୟା ସାହିତ୍ୟ ସଂସଦ ତରଫରୁ ଗୁରୁବାର ପୂର୍ବାହ୍ନରେ ଅନନ୍ୟା କାର୍ଯ୍ୟାଳୟରେ ସମାଜର ପୂର୍ବତନ ସମ୍ପାଦକ ସ୍ୱର୍ଗତଃ ରାଧାନାଥ ରଥଙ୍କ ଜୟନ୍ତୀ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଦଶରଥ ସାମଲ ଯୋଗଦେଇ ସ୍ୱର୍ଗତଃ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସଂଗଠନ ସମ୍ପାଦକ ହୃଷିକେଶ ପତି ସ୍ତୋତ୍ରପାଠ କରିଥିଲେ। ମୁଖ୍ୟ ଅତିଥି ସ୍ୱର୍ଗତଃ ରଥଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ସେ ଜଣେ ନିର୍ଭୀକ, ସ୍ପଷ୍ଟବାଦୀ ଏବଂ ସମାଜ ସଂସ୍କାରକ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଉଦୟ ନାରାୟଣ ପରିଡ଼ା ତାଙ୍କର ସମାଜସେବୀ ଏବଂ 'ସମାଜ' ଭଳି ଏକ ସମ୍ବାଦପତ୍ରର ଦୀର୍ଘଦିନ ଧରି ପ୍ରକାଶନ ଏବଂ ଉତ୍କଳ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟଭାବେ କାର୍ଯ୍ୟକରି ପଦ୍ମଭୂଷଣ ଉପାଧିପ୍ରାପ୍ତ ହୋଇଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ସ୍ୱର୍ଗତ ରଥ, ଉତ୍କଳମଣି ଗୋପବନ୍ଧୁ ଦାଶଙ୍କର ପ୍ରତିଷ୍ଠିତ 'ସମାଜ' ଉତ୍ତର ଦାୟିତ୍ୱ ଶେଷ ଜୀବନ ପର୍ଯ୍ୟନ୍ତ ଉତ୍ତମଭାବେ ତୁଲାଇ ଥିବାରୁ ସେ ପ୍ରକୃତପକ୍ଷେ ତାଙ୍କର ଉତ୍ତରାଧିକାରୀ ଥିଲେ ବୋଲି ପ୍ରକାଶ କରିଥିଲେ। ଏହି ଜୟନ୍ତୀ ଉତ୍ସବରେ ଉପସଭାପତି ବିଭୂତି ମହାପାତ୍ର, ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ, ଅଧାପକ ବିନୋଦ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅଶୋକ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବିଷପିଇ ବୃଦ୍ଧଙ୍କ ମୃତ୍ୟୁ

ଚଣ୍ଡିଖୋଲ,୬।୧୨(ଡି.ଏନ.ଏ.)- ବୈରୀ ଥାନା ଅନ୍ତର୍ଗତ ବେରୀ ଠେଙ୍ଗଡ଼ ବରାଙ୍ଗ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ବିଷପିଇ ଗୁରୁବାର ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର କେଶବ ରାଉତ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗାଁକୁ ନାହିଁ ସଂଯୋଗୀକରଣ ରାସ୍ତା

ବରୀ,୬।୧୨(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ଅନ୍ୟାସପୁର ପଞ୍ଚାୟତରେ ରହିଛି ବାଜପଡ଼ା ଗାଁ। ୧୧ ନଂ. ୱାର୍ଡଭାବେ ପରିଚିତ ଏହି ଗାଁରେ ୬୭୫ ଲୋକ ଓ ୪୩୦ ଭୋଟର ଅଛନ୍ତି। ହେଲେ ମୁଖ୍ୟରାସ୍ତାକୁ ଆସିବା ପାଇଁ ସଂଯୋଗୀକରଣ ରାସ୍ତା ନ ଥିବାରୁ ଗ୍ରାମବାସୀ ହଇରାଣ ହରକତ ହେବା ସହ ଘରୋଇ ଜମିରେ ଯାତାୟାତ କରିଥାନ୍ତି। ପିଲାମାନେ ସ୍କୁଲ ଯିବାକୁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଯାଉଛି। ହେଲେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ୨୦୧୭ରେ ଏହି ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ ବୋଲି ଜଣାପଡିଛି। ଏବେ ଜଣେ ଘରୋଇ ଜମି ମାଲିକ ଚାଷ କରିବା ପାଇଁ ଜମି ଖନନ ପ୍ରକ୍ରିୟା ଆରମ୍ଭ କରିଥିବାରୁ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଇଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ବାଜପଡା-ଡିହବାରିଙ୍ଗି ସଂଯୋଗୀକରଣ ପାଇଁ ରାସ୍ତା ନିର୍ମାଣ ଚାଲିଛି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ବାଜପଡା ଗ୍ରାମବାସୀ ମୁଖ୍ୟରାସ୍ତାକୁ ଆସିବା ପାଇଁ ସୁଯୋଗ ପାଇପାରିବେ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ବାଜପଡାରୁ ରାସ୍ତା କାମ ଆରମ୍ଭ ହେବାର ନିୟମ ଥିଲାବେଳେ ଡିହବାରିଙ୍ଗିରୁ ଆରମ୍ଭ ହୋଇଛି। ଅତ୍ୟନ୍ତ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ହୋଇଛି। ଡିହବାରିଙ୍ଗି ନିକଟରେ ଏକ ନାଳ ରହିଛି। ଏହି ନାଳ ଉପରେ ପୋଲ ନିର୍ମାଣ ସରିଥିଲାବେଳେ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଏ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସଂଯୋଗୀକରଣ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେଲେ ବାଜପଡା ଗ୍ରାମବାସୀ ସ୍ଥାୟୀ ରାସ୍ତାରେ ଯାତାୟାତର ସୁବିଧା ପାଇପାରିବେ ବୋଲି ବରିଷ୍ଠ ନାଗରିକ କୈଳାସ ପାତ୍ର ଓ ରବୀନ୍ଦ୍ର ପାତ୍ର କହିଛନ୍ତି। ଏହି ପ୍ରଧାନମନ୍ତ୍ରୀ ସଡକ କଳାମାଟିଆ-ବିଞ୍ଝାରପୁର ରାସ୍ତାକୁ ସଂଯୋଗ କରିବ ବୋଲି ନିୟମ ରହିଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଡେପୁଟି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କୁମାର ବଳଙ୍କୁ ପଚାରିବାରେ, ୧୮ଶହ ମିଟର ରାସ୍ତା ନିର୍ମାଣ ଚାଲିଛି। କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ଗ୍ରାମବାସୀ ଜାଗା ଛାଡୁ ନ ଥିବାରୁ ସଂଯୋଗୀକରଣ ରାସ୍ତା ହୋଇପାରୁନି ବୋଲି କହିଛନ୍ତି।



**ବାଜପଡ଼ା ଗ୍ରାମ**
- ଗ୍ରାମରେ ଅଛନ୍ତି ୬୭୫ ଲୋକ, ୪୩୦ ଭୋଟର
- ୨୦୧୭ରେ ଭୋଟ ବର୍ଜନ କରିଥିଲେ ଗ୍ରାମବାସୀ
- ନିମ୍ନମାନର ରାସ୍ତା କାମ ନେଇ ଅଭିଯୋଗ

# ବ୍ଲକସ୍ତରୀୟ ଭଲିବଲ ପ୍ରତିଯୋଗିତା ଆରମ୍ଭ

ବିଞ୍ଝାରପୁର,୬।୧୨(ଡି.ଏନ.ଏ)

ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ଓ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ୨ଦିନିଆ ଭଲିବଲ ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବିଡିଓ ଦାମୋଦର ଖୁଣ୍ଟିଆ, ଯୁବ ସଂଗଠକ ଶ୍ୟାମସୁନ୍ଦର ବେହେରା, ବରୁଣେଶ୍ୱର ଉନ୍ନୟନ ପରିଷଦ ଅଧ୍ୟକ୍ଷ ହେମେନ୍ଦ୍ର ସାମଲ, ସମିତି ସଭ୍ୟ ସୁରେନ୍ଦ୍ର କୁମାର ସାହୁ, ସରପଞ୍ଚ ମାଧବୀଲତା ଦାଶ, ସମରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ବିଞ୍ଝାରପୁର ବ୍ଲକର ୧୦ ପଞ୍ଚାୟତର ୧୦ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଗୁରୁବାର କ୍ୱାର୍ଟର ଫାଇନାଲ ଖେଳରେ ପ୍ରୀତିପୁର ପଞ୍ଚାୟତକୁ ଫତେପୁର, ସିଂହପୁରକୁ ଉତ୍ତଙ୍ଗରା, ମାଁସଡ଼ାକୁ ଆଉଁରୀ, ବାଙ୍ଗରାକୁ କପିଳା ପଞ୍ଚାୟତ ହରାଇଥିଲା। ଶାସନ୍ଦା ପଞ୍ଚାୟତର ଖେଳାଳିମାନେ ନ ଆସିବାରୁ ଉତ୍ତରକୂଳ ପଞ୍ଚାୟତକୁ ବିଜୟୀ ଘୋଷଣା କରାଯାଇଥିଲା। ଶୁକ୍ରବାର ଏହି ପ୍ରତିଯୋଗିତାର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ। ପ୍ରତିଯୋଗିତାକୁ ବ୍ଲକର ଗ୍ରାମ ପଞ୍ଚାୟତ ଅଧିକାରୀ ସତ୍ୟଜିତ ମିଶ୍ର ଓ ସମାଜ ମଙ୍ଗଳ ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନା କରୁଥିଲାବେଳେ ବ୍ଲକ ପ୍ରଶାସନର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଯୁବ ଜାଗରଣ ସମାବେଶ

ସୁକିନ୍ଦା,୬।୧୨(ଡି.ଏନ.ଏ.)

ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦ ଆନୁକୂଲ୍ୟରେ ଜିଲା ବଜରଂଗ ଦଳ ପକ୍ଷରୁ ଗୁରୁବାର ଯୁବ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମା' ବିରଜାଙ୍କ କ୍ଷେତ୍ରରୁ ସୁକିନ୍ଦା ବ୍ଲକସ୍ଥିତ ପର୍ଯ୍ୟଟନସ୍ଥଳୀ ଅଶୋକଝର ପର୍ଯ୍ୟନ୍ତ ଯୁବ ଜାଗରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୬ ସୌର୍ଯ୍ୟ ଦିବସ ପାଳନ କରୁଥିବା ଏହି ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ ପ୍ରାତଃରେ ମା' ବିରଜାଙ୍କ ନିକଟରେ ଗଦା ପୂଜନ କରିଥିଲେ। ଯାଜପୁର ଜିଲାର ୧୦ଟି ବ୍ଲକରୁ ଚାରିଚକିଆ ଓ ଦୁଇଚକିଆ ଗାଡିରେ ୧୦ହଜାରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ୭୨ କି.ମି. ଯାତ୍ରା କରିଥିଲେ। ସୁକିନ୍ଦା ବଡଦାଣ୍ଡର ଦୋଳମଣ୍ଡପ ନିକଟରେ ଏହି ହିନ୍ଦୁ ଯୁବ ଜାଗରଣ ଯାତ୍ରାର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଶ୍ୱହିନ୍ଦୁ ପରିଷଦର ରାଷ୍ଟ୍ରୀୟ ସହସମ୍ପାଦକ ସପନ କୁମାର ମୁଖାର୍ଜୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକାପ୍ରଜ୍ଞା ମାହାଲା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ସଂସଦରେ ତୁରନ୍ତ ଏ ସମ୍ପର୍କରେ ଆଇନ ଆଣି ଶହେ କୋଟି ହିନ୍ଦୁଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସେମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲା ସଂଘ ଚାଳକ ଭଗବାନ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ଚିନ୍ମୟ ସ୍ୱରୂପ ପଣ୍ଡା, ବରିଷ୍ଠ କାର୍ଯ୍ୟକର୍ତ୍ତା କାମପାଳ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇଥିଲେ। ପରେ ଏହି ଏହି ଯୁବ ଜାଗରଣ ଯାତ୍ରା ପର୍ଯ୍ୟଟନସ୍ଥଳ ଅଶୋକଝରକୁ ଯାଇ ସେଠାରେ ସମାରୋପ ହୋଇଥିଲା। ଏହି ହିନ୍ଦୁ ଯୁବ ଜାଗରଣ ଯାତ୍ରାରେ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକାରୀ ସଭାପତି ଅକ୍ଷୟ ବଳ, ଅରବିନ୍ଦ ଦାସ, ଦେବୀ ପ୍ରସାଦ ପାଣି, ଦୋଳ ଗୋବିନ୍ଦ ଜେନା, ଜିଲା ସଂଯୋଜକ ସମୀର ନାୟକ, ଚନ୍ଦ୍ରକାନ୍ତ କର, ଜିଜ୍ଞାସୁ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଟିଏ ଦିନରେ ୨ଟି ଅଗ୍ନିକାଣ୍ଡ

ସୁକିନ୍ଦା,୬।୧୨(ଡି.ଏନ.ଏ.)

ସୁକିନ୍ଦା ଅଞ୍ଚଳରେ ଗୁରୁବାର ଗୋଟିଏ ଦିନରେ ୨ଟି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଅପରାହ୍ନରେ ଏହି ବ୍ଲକ ଅନ୍ତର୍ଗତ ସଂସାଇଲୋ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଚୌଧୁରୀ ମହାନ୍ତଙ୍କର ଗୋଟିଏ ବଡ ପାଳଗଦା ଜଳିଯାଇଥିଲା। ତେବେ ଏହି ପାଳଗଦାର ଚତୁଃପାର୍ଶ୍ୱରେ ଅନେକ ଚାଳଘର ଥିବା କାରଣରୁ ଲୋକେ ଭୟଭୀତ ହୋଇ ସୁକିନ୍ଦା ଦମକଳ ବାହିନୀକୁ ଖବର ଦେଇ ନିଆଁ ଆୟତ୍ତ କରିବାରେ ଲାଗିପଡିଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ କାବୁ କରିଥିଲା। ସେହିପରି ଏହି ଘଟଣାର ୧ ଘଣ୍ଟାପରେ ଏହି ବ୍ଲକ ଅନ୍ତର୍ଗତ କନ୍ଥିରା ଗ୍ରାମର କେଶବ ମଲିକଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇ ୨ବଖରା ଘର ପୋଡିଯାଇଥିଲା। ସୁକିନ୍ଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ହରିପୁର ରାଜସ୍ୱ ନୀରିକ୍ଷକ ଅସ୍ରଫ ଅଲ୍ଲୀ ଖାଁ ସେଠାରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଜରିପାଲ ଦେଇଥିବା ଜଣାପଡିଛି।

## ■ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି

# ଥାନା ସମ୍ମୁଖରେ ବିକ୍ଷୋଭ କଲେ ମହିଳା

ଛତିଆ/ଚଣ୍ଡିଖୋଲ,୬।୧୨ (ଡି.ଏନ୍.ଏ.)

ବୈରୀ ଥାନା ଅନ୍ତର୍ଗତ ଛତିଆଠାରେ କାର୍ତ୍ତିକେଶ୍ୱର ଭସାଣି ସମୟରେ କମ୍ପାନୀ ବଜାର ସାହି ଓ ଅମରେଶ୍ୱର ସାହି ମଧ୍ୟରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ବୈରୀ ପୋଲିସ କମ୍ପାନୀ ବଜାର ସାହିର ୬ ଜଣଙ୍କୁ ଗିରଫ କରିଥିଲା। ହେଲେ ଅମରେଶ୍ୱର ସାହି ପକ୍ଷରୁ କାହାକୁ ଗିରଫ କରି ନଥିବାରୁ ଗୁରୁବାର ମହିଳାମାନେ ଥାନା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। କମ୍ପାନୀ ବଜାର ସାହିର ଶାନ୍ତି ସିଂ, ମାମିନା ସିଂ, ପଦ୍ମାରାଣୀ ସିଂ, ନମିତା ସିଂ, ସବିତା ସିଂଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକତ୍ରିତ ହୋଇ ଥାନା ଘେରାଉ କରିଥିଲେ । ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଅମରେଶ୍ୱର ସାହିର ୩୯ ଜଣଙ୍କ ନାମରେ ୧୩ ଦଫା ଲଗାଇ ଏକ ମାମଲା(୧୩୮/୧୮) ରୁଜୁ କରି ଏତଲା କପି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅମରେଶ୍ୱର ସାହିରୁ କାହିଁକି କାହାକୁ ଗିରଫ କରାଯାଇନାହିଁ ବୋଲି ମହିଳାମାନେ ଥାନାଧିକାରୀଙ୍କୁ ପ୍ରଶ୍ନ କରିବାରୁ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ଶବର କହିଥିଲେ। ଘଟଣାରୁ ପ୍ରକାଶ ଯେ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ କମ୍ପାନୀ ବଜାର ମେଢ଼ ଶୋଭାଯାତ୍ରାରେ ଯାଉଥିବାବେଳେ ଛତିଆ ହାଇସ୍କୁଲ ନିକଟରେ ଟେକା ମାଡ଼ ହେବାରୁ ୨ ଯୁବକ ଆହତ ହୋଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉତ୍ତ୍ୟକ୍ତ ଯୁବକ ଛତିଆ ସାହିରେ ପଶି ଭଙ୍ଗାରୁଜା କରିଥିଲେ। ପରେ ଛତିଆ ବଜାର ସାହି ପକ୍ଷରୁ ୬ ଜଣଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ କମ୍ପାନୀ ବଜାର ସାହି ପକ୍ଷରୁ ୩୯ ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା।



ମହିଳାମାନେ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ।

# 'ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ଆମ୍ବେଡକର'

ଚଣ୍ଡିଖୋଲ, ୬।୧୨ (ଡି.ଏନ.ଏ.)

ଚଣ୍ଡିଖୋଲସ୍ଥିତ ବଡ଼ଚଣା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁସୂଚିତ ଜାତି ଓ ମତ୍ସ୍ୟଜୀବୀ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ବି. ଆର. ଆମ୍ବେଡକରଙ୍କ ୬୨ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ମତ୍ସ୍ୟଜୀବୀ ସେଲର ଅଧ୍ୟକ୍ଷ ଏକାଦଶୀ ସେଠୀ ସଭାପତିତ୍ୱ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶୁଭେନ୍ଦୁ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଆମ୍ବେଡକର ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ରାଜ୍ୟ ମତ୍ସ୍ୟଜୀବୀ ସେଲର ଅଧ୍ୟକ୍ଷ ହଳଧର ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ ସାମଲ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରତିକାନ୍ତ ପ୍ରଧାନ, ଜିଲା କିଷାନ କଂଗ୍ରେସ ସଭାପତି ବିଜୟ ସ୍ୱାଇଁ, ସଂଖ୍ୟାଲଘୁ ସେଲ ସଭାପତି ସୈଫୁଲା ସୁଲତାନ, ସେବାଦଳ ଅଧ୍ୟକ୍ଷ ଶ୍ରୀକାନ୍ତ ମଲ୍ଲିକ, ଜୋନ ସଭାପତି ବିବେକ ରଜନ ସୁବୁଦ୍ଧି, ସେକ୍ ରିୟାଶତ ଅଲ୍ଲି, ସଂଖ୍ୟାଲଘୁ ସେଲର ନେତା ଅଶ୍ରଦ ଆଲାମ, ସୁଦାମ ଦଳେଇ, ଗଗନ ପରିଡ଼ା, ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ଆମ୍ବେଡକର ଜୟନ୍ତୀ ପାଳନ ଅବସରରେ ପ୍ରଦେଶ କଂଗ୍ରେସ ଉପସଭାପତି ଉଦ୍‌ବୋଧନ ଦେଉଛନ୍ତି ।

# ଜମିବାଡ଼ି ମାମଲାରେ ଜଣେ କୋର୍ଟ ଚାଲାଣ

କୋରେଇ,୬।୧୨(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ ଗୌରପୁର ପଞ୍ଚାୟତ ଗୌରପୁର ଗ୍ରାମରେ ଜମିବାଡ଼ି ମାମଲାକୁ ନେଇ ଗୁରୁବାର କୋରେଇ ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ନିରଞ୍ଜନ ବେହେରା। ଏ ନେଇ ପୋଲିସ ଏକ ମାମଲା(୨୪୦/୧୮) ରୁଜୁ କରିଛି। ପ୍ରକାଶ ଯେ, ନିରଞ୍ଜନ ଓ ପ୍ରଭଞ୍ଜନ ବେହେରାଙ୍କ ମଧ୍ୟରେ ବହୁଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଏ ନେଇ ପ୍ରଭଞ୍ଜନ ଥାନାରେ ଅଭିଯୋଗ କରିଥିଲେ।

# ମଝିପଡ଼ା ପାହାଡ଼ରୁ ବେଆଇନ ମୋରମ ଚାଲାଣ: ୪ ଟ୍ରକ୍ ଜବତ

ଚଣ୍ଡିଖୋଲ,୬।୧୨(ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଝିପଡ଼ା ପାହାଡ଼ରୁ ବେଆଇନଭାବେ ମୋରମ ବୋଝେଇ କରି ଚାଲାଣ କରୁଥିବା ଖବରପାଇ ବାଲିଚନ୍ଦ୍ରପୁର ପୋଲିସ ଗୁରୁବାର ଚଢ଼ାଉ କରି ୪ ଟ୍ରକ୍ ଜବତ କରିଛି। ଜବତ ଟ୍ରକ୍‌କୁ ଦର୍ପଣ ତହସିଲଦାରଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଟ୍ରକ୍‌ଗୁଡ଼ିକ(ଓଡି-୦୯ଏଫ-୦୭୬୪), (ଓଡି-୦୯ଡି-୬୭୪୯), (ଓଡି-୦୪ସି-୭୧୯୧) ଓ (ଓଡି-୦୪ଇ-୩୪୬୭) ସ୍ଥାନୀୟ ଅଞ୍ଚଳର ହୋଇଥିଲା ବେଳେ ସେମାନେ ରାତିରେ ମୋରମ ବୋଝେଇ କରି ସକାଳୁ ବାହାରକୁ ଚାଲାଣ କରନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି। ପୂର୍ବରୁ ମାଣ୍ଡୁକା ଅଞ୍ଚଳରେ ଲିଜ୍‌ରେ ଚାଲୁଥିବା ଗୋଟିଏ ଖାଦାନ ଏବେ ବନ୍ଦ ରହିଛି। ସ୍ଥାନୀୟ କେତେଜଣ ଚୋରା ପଥର ବ୍ୟବସାୟୀ ସକ୍ରିୟ ହୋଇପଡ଼ିଥିବା ବେଳେ ବିଭିନ୍ନ ସ୍ଥାନରୁ ବେଆଇନ ଖନନ କରି ବାହାରକୁ ଚାଲାଣ କରୁଛନ୍ତି।

## ■ଧାନର ମାନ ନେଇ ପ୍ରଶିକ୍ଷଣ ଶିବିର

# ସମବାୟ ସମିତି ସମ୍ପାଦକଙ୍କ ଦାବି ମାନିଲା ଯୋଗାଣ ବିଭାଗ

ବିରଜାକ୍ଷେତ୍ର,୬।୧୨(ଡି.ଏନ୍.ଏ)

ଯାଜପୁର ଜିଲାରେ ଗତ ୧ତାରିଖରୁ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଖରିଫ୍ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଛି। ଧାନର ଉନ୍ନତ ମାନ ସମ୍ବନ୍ଧରେ ଜାଣିବା ଓ ତାହାକୁ କିଣିବା ପାଇଁ ଜିଲା ଯୋଗାଣ ବିଭାଗ, ନିୟନ୍ତ୍ରିତ ବଜାର କମିଟି ଓ ସହକାରୀ ନିବନ୍ଧକ ମିଳିତ ସହଯୋଗରେ ଜିଲାର ୧୨୨ଟି ପ୍ରାଥମିକ କୃଷି ସମବାୟ ସମତିର ସମ୍ପାଦକଙ୍କୁ ଏକ ପ୍ରଶିକ୍ଷଣ ଶିବିର ଗୁରୁବାର ଗୌତମବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର ହୋତା, ଉପସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ଯାଜପୁର-କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ନାରାୟଣ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଉନ୍ନତମାନର ଧାନକୁ କିଭଳି କିଣିବା ତାହା ଉପରେ ପ୍ରଶିକ୍ଷଣ ଜିଲାର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କୁ ଦେଇଥିଲେ। ମାତ୍ର ଧାନକିଣା ସମୟରେ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ବିଭିନ୍ନ ଅସୁବିଧାକୁ ଯୋଗାଣ ବିଭାଗ ସମାଧାନ କରୁ ନ ଥିବାରୁ ପ୍ରଶିକ୍ଷଣ ଶିବିରରେ ସମ୍ପାଦକମାନେ ଅଭିଯୋଗ କରିଥିଲେ। ଏପରିକି ମିଲରଙ୍କ ଦାଦାଗିରି ଯୋଗୁ ଚାଷୀଙ୍କ ନଜରରେ ସମ୍ପାଦକମାନେ ଦାୟୀ ହେଉଛନ୍ତି। ମିଲରମାନେ ଧାନକ୍ରୟ ବେଳେ ଚାଷୀଙ୍କୁ ଅଖା ଦେଉ ନ ଥିବାରୁ ସମ୍ପାଦକମାନେ ଚାଷୀ ନିକଟରେ ଦୋଷୀ ସାବ୍ୟସ୍ତ ହେଉଛନ୍ତି। ୨୦୧୭-୧୮ ଧାନମଣ୍ଡିରେ ଧାନକିଣାର କ୍ରୟ ଓ ଲେବର ନିମନ୍ତେ ୧୧ଟଙ୍କା ୧୯ ପଇସା ଖର୍ଚ୍ଚ ହୋଇଥିଲା। ଏହି ଅର୍ଥ ଖର୍ଚ୍ଚ କରିବା ପାଇଁ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ଥିଲା। କିନ୍ତୁ ୨୦୧୮ରେ ହୋଇଥିବା ଅଡିଟ୍‌ରେ ଯାଜପୁର ଜିଲାର ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକମାନେ ଖର୍ଚ୍ଚ କରିଥିବା ଅର୍ଥକୁ ୨୦୧୭-୧୮ ବର୍ଷରେ ସମ୍ପାଦକମାନେ ବହନ କରିବାକୁ ଅଡିଟ୍ ରିପୋର୍ଟରେ ନିର୍ଦ୍ଦେଶ ଦିଆଯାଇଛି। ଯଦ୍ୱାରା ୧୨୨ଟି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କ ଉପରେ ଅର୍ଥର ବୋଝ ପଡ଼ିଛି। ଅଡିଟ୍ ରିପୋର୍ଟ ଅର୍ଥକୁ ପ୍ରାଥମିକ କୃଷି ସମବାୟ ସମିତି ବହନ କରିବାକୁ ସମ୍ପାଦକମାନେ ଦାବି କରିଥିଲେ। ୨୦୧୨ରୁ ଅଦ୍ୟାବଧି ଧାନମଣ୍ଡିରେ ଖର୍ଚ୍ଚ ହୋଇଥିବା ଅର୍ଥ ଓ ଲେବର ବାବଦରେ ବକେୟା ଥିବା କୋଟି କୋଟି ଟଙ୍କା କମିଶନ ତୁରନ୍ତ ପ୍ରଦାନ କରିବାକୁ ସମ୍ପାଦକମାନେ ଦାବି କରିଥିଲେ। ଧାନ କିଣିବା ପୂର୍ବରୁ ଧାନମଣ୍ଡିରେ ମିଲରମାନେ ଚାଷୀଙ୍କଠାରୁ ଅଖା ବଦଳରେ ସଙ୍ଗେ ସଙ୍ଗେ ଅଖା ପ୍ରଦାନ କରିବାକୁ ସମ୍ପାଦକମାନେ ଦାବି କରିଥିଲେ। ସମସ୍ତ ଦାବିଗୁଡ଼ିକୁ ଯୋଗାଣ ବିଭାଗ ଲିଖିତ ପ୍ରତିଶ୍ରୁତି ନ ଦେଲେ ସମ୍ପାଦକମାନେ ଚାଷୀଙ୍କଠାରୁ ଖରିଫ୍ ଧାନ କିଣିବେ ନାହିଁ ବୋଲି ରୋକଠୋକ୍ ପ୍ରଶିକ୍ଷଣ ଶିବିରରେ ମନା କରିଦେଇଥିଲେ। ଶେଷରେ ଯୋଗାଣ ବିଭାଗ ସମ୍ପାଦକଙ୍କର ଦାବିଗୁଡ଼ିକୁ ମାନି ଲିଖିତ ପ୍ରତିଶ୍ରୁତି ଦେବା ପରେ ଚଳିତବର୍ଷ ଖରିଫ୍ ଧାନ ଚାଷୀଙ୍କଠାରୁ କିଣାଯିବ ବୋଲି ସମ୍ପାଦକମାନେ ପ୍ରତିଶ୍ରୁତି ଦେଇଥିଲେ।


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିବା ଅଧିକାରୀବୃନ୍ଦ ।

# ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

ବିରଜାକ୍ଷେତ୍ର,୬।୧୨(ଡି.ଏନ୍.ଏ)

ଯାଜପୁର ବ୍ଲକ ବେରୁଦା ପଞ୍ଚାୟତ ନିତ୍ୟାନନ୍ଦପୁର ଗ୍ରାମର କେଶବ ପ୍ରଧାନ ଓ ଚକ୍ରଧର ନାୟକଙ୍କ ଘର ପୋଡ଼ି ପାଉଁଶ ହୋଇଯାଇଛି। ଗୁରୁବାର ମଧ୍ୟାହ୍ନରେ ଦୁଇ ପରିବାରଙ୍କ ଘରେ ଅଗ୍ନିକାଣ୍ଡ ଘଟିବାରୁ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ବିଦ୍ୟୁତ୍ ଶର୍ଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡରେ ଦୁଇ ପରିବାରଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଯାଜପୁର ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନଙ୍କୁ ସହାୟତା କରିବା ପାଇଁ ତହସିଲ ପ୍ରଶାସନକୁ ସୂଚନା ଦେଇଥିଲେ। ସ୍ଥାନୀୟ ଆରଆଇ ଘଟଣାସ୍ଥଳ ପରିଦର୍ଶନ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

# ଭାଜପା ଛାଡ଼ିବା ଯୋଜନାରେ ବିଜୟଙ୍କ ଅନୁଗତ

ବିରଜାକ୍ଷେତ୍ର,୬।୧୨(ଡି.ଏନ୍.ଏ)

**ଯାଜପୁର ନିର୍ବାଚନ ମଣ୍ଡଳୀ**

ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଭାଜପା ଛାଡ଼ିବା ପରେ ତାଙ୍କ ଅନୁଗତମାନେ ମଧ୍ୟ ଭାଜପା ପରିତ୍ୟାଗ କରୁଥିବା ଦେଖିବାକୁ ମିଳିଛି। ବିଜୟ ମହାପାତ୍ରଙ୍କ ଦୀର୍ଘଦିନର ରାଜନୈତିକ ସଙ୍ଗଠନ ଓ ଅଭିଜ୍ଞତା ଥିବାରୁ ଯାଜପୁର ଜିଲାରେ ତାଙ୍କର ଅନୁଗତମାନେ ରହିଛନ୍ତି। ବିଶେଷକରି ଯାଜପୁର ନିର୍ବାଚନମଣ୍ଡଳୀର ଯାଜପୁର ଓ ଦଶରଥପୁର ବ୍ଲକ୍‌ରେ ବିଜୟଙ୍କର ଅଧିକ ଅନୁଗତ ରହିଛନ୍ତି। ବିଜୟ ଭାଜପା ଛାଡ଼ିବା ପରେ ଦଶରଥପୁର ବ୍ଲକର ଶତାଧିକ ଅନୁଗତ ଭାଜପା ଛାଡ଼ିବାକୁ ଯୋଜନା କରୁଥିବା ସମର୍ଥିତ ସୂତ୍ରରୁ ପ୍ରକାଶ। ଏପରିକି ବିଞ୍ଝାରପୁର ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହୋଇଥିବା ଜଣେ ନେତା ସଦଳେବଳେ ଭାଜପା ଛାଡ଼ିବେ ବୋଲି ଚର୍ଚ୍ଚା ହେଉଛି। ଯାଜପୁର ବ୍ଲକରେ କେତେଜଣ ଆଗଧାଡ଼ିର ସଂଗଠକ ଭାଜପା ଛାଡୁଥିବା ଜାଣିବାକୁ ମିଳିଛି। ଏ ନେଇ ଏକ ଗୁପ୍ତ ବୈଠକ ଯାଜପୁର ସହରରେ ଅନୁଷ୍ଠିତ ହୋଇଥିବା ମଧ୍ୟ ଶୁଣିବାକୁ ମିଳିଛି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ସ୍ଥିତି ସୁଦୃଢ଼ ହେବାରେ ଲାଗିଛି। ଯାହାକି ବିଜେଡ଼ି ପାଇଁ ଚିନ୍ତାର କାରଣ ପାଲଟିଛି। ଅପରପକ୍ଷରେ ବିଜୟଙ୍କ ଅନୁଗତମାନେ ଭାଜପା ଛାଡ଼ିଲେ ତାହା ବିଜେଡ଼ି ପାଇଁ ଲାଭପ୍ରଦ ହେବ ବୋଲି କୁହାଯାଉଛି। ଆଗାମୀ ସାଧାରଣ ନିର୍ବାଚନରେ ଯାଜପୁର ନିର୍ବାଚନମଣ୍ଡଳୀରେ ଭାଜପା ସହିତ ବିଜେଡ଼ିର ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ଅଧିକ ରହିଛି। ବିଜେଡ଼ି ଏହି ଆସନକୁ କ୍ରମାଗତଭାବେ ନିଜ ଅକ୍ତିଆରରେ ରଖିଆସିଛି। ସାଧାରଣ ନିର୍ବାଚନ ମାତ୍ର କେଇମାସ ଥିବାବେଳେ ଭାଜପା ସଙ୍ଗଠକ ଓ କର୍ମୀମାନେ ଦଳ ଛାଡ଼ିବାର ଯୋଜନା କରୁଥିବାରୁ ତାହା ଶୁଭଙ୍କର ନୁହେଁ ବୋଲି ରାଜନୈତିକ ସମୀକ୍ଷକମାନେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ଗୌତମ ରାୟଙ୍କୁ ପଚାରିବାରେ, କେଉଁମାନେ ଦଳ ଛାଡ଼ିବାକୁ ଯୋଜନା କରୁଛନ୍ତି ସେ ସମ୍ପର୍କରେ ସେ ଅବଗତ ନାହାନ୍ତି। ଯଦି କେହି ସେଭଳି ଚିନ୍ତା କରିଛନ୍ତି ତେବେ ସେମାନେ ଆତ୍ମଘୋଷିତ ବିଜେଡି କର୍ମୀ ଥିଲେ ବୋଲି କହିଛନ୍ତି।

## ସଂକ୍ଷେପରେ

### ପୋଲିସ କ୍ୱାର୍ଟର୍ସରେ ନିଆଁ



**ନୟାଗଡ଼ ଅଫିସ,୬।୧୨:** ନୟାଗଡ଼ ଟାଉନ ଥାନା ପଛପଟେ ଥିବା ପୋଲିସ କ୍ୱାର୍ଟର୍ସରେ ଗୁରୁବାର ନିଆଁ ଲାଗିଯାଇଥିଲା। ଫଳରେ ଏଠାରେ ରହୁଥିବା ଜଣେ କନଷ୍ଟେବଲଙ୍କ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ମଧ୍ୟାହ୍ନ ୧୨ଟା ସମୟରେ କନଷ୍ଟେବଲ ମମତା ମଙ୍ଗରାଜଙ୍କ କ୍ୱାର୍ଟର୍ସରେ ତାଙ୍କ ସ୍ୱାମୀ ଥିଲେ। ଏହି ସମୟରେ କୌଣସି କାରଣରୁ ନିଆଁ ଲାଗିଥିଲା। ଖବର ପାଇ ନୟାଗଡ଼ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା କୁହାଯାଉଛି।

### ନିର୍ମାଣ ଶ୍ରମିକ ସାମ୍ମୁଖ୍ୟର ବ୍ଲକସ୍ତରୀୟ ବୈଠକ

**ନୟାଗଡ଼ ଅଫିସ,୬।୧୨:** ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ହୋଇଥିବା ନିର୍ମାଣ ଶ୍ରମିକ ସାମ୍ମୁଖ୍ୟର ନୟାଗଡ଼ ବ୍ଲକସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ସଭାପତି ପ୍ରମୋଦ ମହାରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ବିଜୁ ଶ୍ରମିକ ସାମ୍ମୁଖ୍ୟର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ଯୋଗଦେଇ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବା, ନିରପେକ୍ଷ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇଦେବା ଦାବି କରିବା ସହ ଶ୍ରମିକ କଲ୍ୟାଣ ବୋର୍ଡରୁ ୫ କୋଟି ଟଙ୍କା ଜିଲା ଶ୍ରମ କାର୍ଯ୍ୟାଳୟକୁ ଆସିଥିବା ସୂଚନା ଦେଇଥିଲେ। ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ଦୁର୍ଯ୍ୟୋଧନ ବେହେରା ଯୋଗଦେଇ ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ କରିଥିବା ଅନ୍ୟାନ୍ୟ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଦଶୀ ନାୟକ, ଗୋଲକ ପ୍ରଧାନ, ଦୀନବନ୍ଧୁ ବେହେରା, ଶ୍ୟାମ ମହାରଣା, ବଳରାମ ସାହୁ, ଅନୁପମା ସ୍ୱାଇଁ, କବିରାଜ ପ୍ରଧାନ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଦଶପଲ୍ଲାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଦଶପଲ୍ଲା,୬।୧୨(ଡି.ଏନ.ଏ.):** ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ରାଧାମୋହନ ଜୀଉ ହାଇସ୍କୁଲଠାରେ ଗୁରୁବାର ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୧୭ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କରାଯାଇଛି। ଜିଲା ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବ୍ଲକ୍ ଭିନ୍ନକ୍ଷମ ସୁରକ୍ଷା ଅଧିକାରୀ ପ୍ରିୟରଞ୍ଜନ ସାହୁ ସଂଯୋଜନା କରିଥିଲେ।

■ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା



ମୁଖ୍ୟ ଫାଟକରେ ତାଲା ପକାଇ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ନୟାଗଡ଼ ଅଫିସ,୬।୧୨**

■ଛାତ୍ରାବାସ ରାସ୍ତାରେ ଲାଇଟ୍ ବ୍ୟବସ୍ଥା ଦାବି
■ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଯଦୁମଣି ଛାତ୍ରାବାସକୁ ଯିବା ରାସ୍ତାରେ ଲାଇଟ୍ ଲଗାଇବା ଦାବିରେ ଗୁରୁବାର ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଛାତ୍ରାବାସର ଛାତ୍ରମାନଙ୍କ ସମେତ କଲେଜ ଛାତ୍ରମାନେ ଏକାଠି ହୋଇ ମୁଖ୍ୟ ଫାଟକ ସହିତ କଲେଜର ସମସ୍ତ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଏପରି କି ଅଧ୍ୟକ୍ଷାଙ୍କ ଚ୍ୟାମ୍ବରକୁ ମଧ୍ୟ ଛାଡ଼ି ନ ଥିଲେ। ଅଧ୍ୟକ୍ଷା ନିଜ ଚ୍ୟାମ୍ବରରେ ଥିବାବେଳେ ଉକ୍ତ ରୁମ୍ ଗେଟ୍‌ରେ ମଧ୍ୟ ଛାତ୍ରମାନେ ତାଲା ପକାଇ ଦେଇଥିଲେ। ଛାତ୍ରସଂସଦ ସଭାପତି ରାଜେଶ କୁମାର ପରିଡ଼ାଙ୍କ କହିବାନୁସାରେ କଲେଜ ପରିସରରେ ଥିବା ଯଦୁମଣି ଛାତ୍ରାବାସ ରାସ୍ତାପାର୍ଶ୍ୱରେ ପୋଖରୀ ସହିତ ଚାରିପଟେ ବୁଦା ରହିଛି। ରାତିରେ ଛାତ୍ରମାନେ ଗଲାବେଳେ ବିଭିନ୍ନ ସରୀସୃପଙ୍କ ଭୟ ରହୁଛି। ସେହିଭଳି ଉକ୍ତ ରାସ୍ତା ଖରାପ ହୋଇଥିଲେ ମଧ୍ୟ ଏହାକୁ ମରାମତି ପାଇଁ କେହି ତତ୍ପରତା ଦେଖାଉନାହାନ୍ତି। କିଛିଦିନ ତଳେ ଉକ୍ତ ରାସ୍ତାରେ ଲାଇଟ୍ ବନ୍ଦୋବସ୍ତ କରିବା ପାଇଁ ଅଧ୍ୟକ୍ଷାଙ୍କୁ କହିଥିଲୁ। ଅଧ୍ୟକ୍ଷା ୧୧ଦିନ ଭିତରେ ଏହାର ସମାଧାନ କରାଯିବ ବୋଲି କହିଥିଲେ। ହେଲେ ୧୨ଦିନ ବିତିଯାଇଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇନାହିଁ। ଫଳରେ ବାଧ୍ୟ ହୋଇ ସେମାନେ ଫାଟକରେ ତାଲା ପକାଇ ଧାରଣା ଦେଇଥିବା ସୂଚନା ଦେଇଥିଲେ। ଆଦିତ୍ୟ ନାରାୟଣ ସାହୁ, ବିଶ୍ୱରଞ୍ଜନ ମହାରଥୀ, ଶଶିଭୂଷଣ ମଲ୍ଲିକ, ବିକାଶ ନାୟକ, ପ୍ରହ୍ଲାଦ ଦଳେଇଙ୍କ ସମେତ ଏକାଧିକ ଛାତ୍ର ବିକ୍ଷୋଭରେ ସାମିଲ ହୋଇଥିଲେ। ଛାତ୍ରମାନେ ପୂର୍ବାହ୍ନ ୧୧ଟାରୁ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରାହ୍ନ ୨ଟା ୩୦ରେ ଅଧ୍ୟକ୍ଷା ଆସି ଲାଇଟ୍ କିଣିବା ସହ ତୁରନ୍ତ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ପରିଡ଼ା କୁହନ୍ତି, ଇଲେକ୍ଟ୍ରିସିଆନ୍ ନ ଥିବାରୁ କାର୍ଯ୍ୟ ହୋଇପାରୁନାହିଁ। ତୁରନ୍ତ ଏହି ସମସ୍ୟା ସମାଧାନ କରାଯିବ। ସୂଚନାଯୋଗ୍ୟ ଯୁକ୍ତ ୨ ଛାତ୍ରମାନଙ୍କୁ ଆନ୍ତର୍ଜାତିକ କ୍ରୀଡ଼ାରେ ଭାଗ ନେବା ପାଇଁ କଲେଜ ତରଫରୁ ଅନୁମତି ନ ମିଳିବାରୁ ଛାତ୍ରୀଛାତ୍ର ନଭେମ୍ବର ୬ ତାରିଖ ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏହିଭଳି ବିଭିନ୍ନ ସମୟରେ କଲେଜରେ ଆନ୍ଦୋଳନ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ତେଣୁ ଏଭଳି କରା ନ ଯାଇ ଉପଯୁକ୍ତ ଫୋରମ୍ ମାଧ୍ୟମରେ ସମସ୍ୟା ସମାଧାନ କରିବାକୁ କିଛି ଅଭିଭାବକ ଦାବି କରିଛନ୍ତି।

## ରାମ ମନ୍ଦିର ନିର୍ମାଣ ନେଇ ସଚେତନତା ଶୋଭାଯାତ୍ରା

**ଦଶପଲ୍ଲା,୬।୧୨(ଡି.ଏନ.ଏ.):** ଭୁବନେଶ୍ୱରଠାରେ ବିଶାଳହିନ୍ଦୁସମ୍ମିଳନୀରେଯୋଗଦାନଓଅଯୋଧ୍ୟାରେରାମ ମନ୍ଦିର ନିର୍ମାଣ ନିମନ୍ତେ ଜନ ସଚେତନତା ପାଇଁ ଗୁରୁବାର ଦଶପଲ୍ଲାରେ ଆରଏସ୍‌ଏସ୍ ଏବଂ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ନଗର ପରିକ୍ରମା କରି ମହାବୀର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଭାଜପା ନେତା ସୁକାନ୍ତ ପାଣିଗ୍ରାହୀ, ରାଘବ ମଲ୍ଲିକ, ମନୋଜ ବେହେରା, ଆରଏସ୍‌ଏସ୍‌ର ମନୋଜ ସାହୁ, ପ୍ରହ୍ଲାଦ ସାହୁଙ୍କ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।

## ଗୋକୁଳାନନ୍ଦ କ୍ରିକେଟ୍ ଧମାକା: କଣ୍ଟିଲୋ ଓ ସିଧାମୂଳା ବିଜୟୀ

**ଖଣ୍ଡପଡା,୬।୧୨(ସ୍ୱ.ପ୍ର.)**

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡିଆଠାରେ ରବିବାରଠାରୁ ଆରମ୍ଭ ହୋଇଥିବା କ୍ରିକେଟ କ୍ୱାର୍ଟର ଫାଇନାଲ ମ୍ୟାଚର ଗୁରୁବାର ଥିଲା ୫ମ ଦିବସ। ଏଥିରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ କଣ୍ଟିଲୋ ଓ ସିଧାମୂଳା କ୍ରିକେଟ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୁବଳୟା କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ସମସ୍ତ ଉଇକେଟ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ସିଧାମୂଳା ଟିମ ୬.୪ ଓଭର ଓ ୧ ଉଇକେଟ ବିନିମୟରେ ୧୦୫ରନ ସଂଗ୍ରହ କରି ୯ ଉଇକେଟରେ ବିଜୟୀ ହୋଇଛି। ବିଜୟୀ ଦଳର ଦୀପକ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେହିପରି ୨ୟ ମ୍ୟାଚରେ ବନ୍ଧହୁଡା କ୍ରିକେଟ ଟିମ୍ ୮ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିଥିଲା। ଜବାବରେ କଣ୍ଟିଲୋ ବରୁଣେଇ କ୍ରିକେଟ ଟିମ୍ ୮ ଓଭର ୫ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୮୬ ରନ ସଂଗ୍ରହ କରି ବନ୍ଧହୁଡାକୁ ହରାଇ ବିଜୟୀ ହୋଇଛି। ଉକ୍ତ ଖେଳକୁ ରାଜେଶ ମହାଳିକ ଓ ଆଲୋକ ରାଉତ ପରିଚାଳନା କରିଥିଲେ।

## ନୀଳମାଧବ ପୀଠରେ ଦେବ ଦୀପାବଳି ଉତ୍ସବ

**ଖଣ୍ଡପଡା,୬।୧୨(ସ୍ୱ.ପ୍ର.)**



ନୀଳମାଧବ ଜୀଉ।

କଣ୍ଟିଲୋ ନୀଳମାଧବ ପୀଠରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଦେବଦୀପାବଳି ଉତ୍ସବ। ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସନ୍ତା ଶନିବାର ପାରମ୍ପରିକ ରୀତିରେ ଉଦ୍‌ଯାପିତ ହେବ। ଏହି ଉତ୍ସବରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ସମବେତ ହୋଇ ସେମାନଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ମାର୍ଗଶିର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ୩ ଦିନ ବ୍ୟାପୀ ପାରମ୍ପରିକ ରୀତିରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ନୀଳମାଧବ ଜୀଉଙ୍କ ସନ୍ଧ୍ୟା ଆଳତି ଓ ଧୂପ ପରେ ଠାକୁରଙ୍କ ପକ୍ଷରୁ ପୂଜାରୀ ଓ ସେବାୟତମାନେ କୃଷ୍ଣଙ୍କ ମାତା ପିତା ଦେବକୀ, ବସୁଦେବ ଓ ଯଶୋଦା, ନନ୍ଦ ତଥା ଜଗନ୍ନାଥ, ରାମଙ୍କ ପିତା ଦଶରଥ ଓ ମା' କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଶତାଧିକ ଶ୍ରଦ୍ଧାଳୁ ଘିଅ ବଳିତା ଧରି ଠାକୁରଙ୍କ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଆଲୋକ ପ୍ରଦାନ କରିଥିଲେ।







### ଦଲିଲ୍ ହଜିଛି

ମୁଁ ଶ୍ରୀମତୀ ସୁଜାତା ସୁବୁଦ୍ଧି, ସ୍ୱାମୀ- ବି. ଅନନ୍ତ ପଦ୍ମନାଭ ସୁବୁଦ୍ଧି, ପେସା: ବ୍ୟବସାୟ, ବର୍ତ୍ତମାନ ବାସିନ୍ଦା: ରସୁଲଗଡ଼, ପୋଷ୍ଟ- ମଞ୍ଚେଶ୍ୱର, ଥାନା- ଶହୀଦନଗର, ଜିଲ୍ଲା- ଖୋର୍ଦ୍ଧା ମୋର ଜମି କାଗଜପତ୍ର ଅର୍ଥାତ୍ ମୋ ସପକ୍ଷରେ ସର୍ବେଶ୍ୱର ରାଉତଙ୍କ ଦ୍ୱାରା ସ୍ୱାକ୍ଷରିତ "ପଞ୍ଜୀକୃତ ବିକ୍ରି କବଲା" ସଂଖ୍ୟା- ୮୧୫୧, ତାରିଖ: ୦୮।୧୧।୧୯୭୬ ଏବଂ ରାଜେନ୍ଦ୍ର କୁମାର ପାତ୍ରଙ୍କ ନାମରେ ଥିବା ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ "ଅଧିକାରର ଅଭିଲେଖ" ଖାତା ସଂଖ୍ୟା- ୩୧୪, ପ୍ଲଟ୍ ନଂ.- ୫୩୨/୧୦୨୬ ହଜିଯାଇଛି।
ଏହି ଦୁଇଟି ଦଲିଲ୍ ମୋ ଜମି ଏସିଓ-୧୪୨ ଏ/ସି ମୌଜା:- ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ପାଇଁ ଅଟେ। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍ ପାଇଥାନ୍ତି ତେବେ ଦୟାକରି ମୋବାଇଲ ନଂ.- 8249447724ରେ ସୂଚିତ କରନ୍ତୁ। କଥିତ ଦଲିଲ୍‌ର ଅପବ୍ୟବହାର ପାଇଁ ମୁଁ ଦାୟୀ ରହିବି ନାହିଁ।




CLASSIFIED DISPLAY










SyndicateBank (सिंडिकेटबैंक) — विश्वसनीय, मैत्रीपूर्ण — Faithful, Friendly — भारत सरकार का उपक्रम A Govt. of India Undertaking

## ସିଣ୍ଡିକେଟ୍ ବ୍ୟାଙ୍କ

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ **ସିଣ୍ଡିକେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହାଅଛି ଭିତ୍ତିରେ"** ଇ-ନିଲାମ କରାଯିବ।

| ଶାଖା / ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ମୋଟ ବକେୟା/ ଡିମାଣ୍ଡ ନୋଟିସ୍/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| **ପୁରୀ ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ସାହୁ,** ସ୍ୱାମୀ: ଯଯାତି କେଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ରଶ୍ମିତା କୁମାରୀ ଆଚାର୍ଯ୍ୟ,** ପିତା: ଯଯାତି କଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | **ଶ୍ରୀମତୀ ଶାନ୍ତିଲତା ସାହୁ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ଖାତା ନଂ.: ୧୬୫/୭୯୩, ହାଲ୍ ଖାତା ନଂ.: ୧୬୫/୧୨୧୦, ସାବକ ପ୍ଲଟ୍ ନଂ.: ୧୬୯/୧୫୪୯, ହାଲ୍ ପ୍ଲଟ୍ ନଂ.: ୧୭୧/୨୦୧୦, ୧୬୯/୨୦୧୧, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୩, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୬, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୪, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୨। | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୮୩୭/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୁରୀ ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟ,** ପିତା: ଯଯାତି କେଶରୀ ଆଚାର୍ଯ୍ୟ, ମାର୍ଫତ: ହୋଟେଲ୍ ସୁକନ୍ୟା, ସା/ପୋ.: ଚକ୍ରତୀର୍ଥ ରୋଡ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀ ତପନ କୁମାରୀ ପାଣିଗ୍ରାହୀ,** ପିତା: ଶ୍ରୀଧର ପାଣିଗ୍ରାହୀ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | **ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୨/୧୨୦୨, ପ୍ଲଟ୍ ନଂ.: ୧୬୯/୨୦୦୨, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୨, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୭, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୩, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୧। | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୯୯୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୁରୀ ଶାଖା /** **ଋଣଗ୍ରହୀତା: ଶ୍ରୀ ଦୁଲ୍ଲାଲ ରାୟ,** ପିତା: ଚିତ୍ତରଞ୍ଜନ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଷଷ୍ଠୀ ରାୟ,** ସ୍ୱାମୀ: ଶ୍ରୀ ଦୁଲ୍ଲାଲ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା | **ଶ୍ରୀ ଦୁଲ୍ଲାଲ ରାୟ**ଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨, ପ୍ଲଟ୍ ନଂ.: ୧୯୮, ମୌଜା: ଭାରଥୀପୁର, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୯୮ (ବିକ୍ରେତାର ଅଂଶ), ଉତ୍ତର: ବସ୍ତି ପ୍ଲଟ୍ ନଂ.: ଡି-୧, ଡି-ବିକ୍ରେତା, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ଡି-୧, ବି-ଶକୁନ୍ତଳା ମିଶ୍ର। | ଟ.୧୦,୩୫,୦୦୦/- / ଟ.୧,୦୩,୫୦୦/- / ଟ.୧୦,୦୦୦/- | ଟ.୧୬,୭୧,୮୨୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୋଡାଡିହ ଶାଖା /** **ଋଣଗ୍ରହୀତା: ମେସର୍ସ ସୀତା ସର୍ଭିସ୍ ଷ୍ଟେସନ୍, ସ୍ୱତ୍ୱାଧିକାରୀ : ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ,** ସା./ପୋ.: ପାଟପୁର, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ / ଗ୍ୟାରେଣ୍ଟିଦାତା: ଜସ୍ମୀ ମାଝି,** ସା.: ଅଦାପାଳ, ପୋ.: କୁଆଳିଆ, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ **ଶ୍ରୀ ରବିନ୍ଦ୍ର ନାଥ ଦାସ,** ସା: ଦୂତୀକାଦେଇପୁର, ପୋ.: ଭୀମହାଟୀ, ଭାୟ : ଉଦଳା, ଜିଲ୍ଲା : ମୟୂରଭଞ୍ଜ | **ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଟପୁର, ଖାତା ନଂ.: ୧୯, ପ୍ଲଟ୍ ନଂ.: ୩୪୫, କ୍ଷେତ୍ର: ଏକର ୦.୧୯ ଡ଼ିସିମିଲି, କିସମ: ଘରବାରୀ, ପୋ.: ପୋଡାଡିହ, ତହସିଲ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ଜମି (ପ୍ଲଟ୍ ନଂ.: ୩୪୪), ପଶ୍ଚିମ: ପିଡବ୍ଲୁଡି ରୋଡ୍, ଉତ୍ତର: ସରକାରୀ ଜମି (ପ୍ଲଟ୍ ନଂ.: ୩୦୨), ଦକ୍ଷିଣ: ନିଜସ୍ୱ ଜମି (ପ୍ଲଟ୍ ନଂ.: ୩୪୬) | ଟ.୨୪,୭୫,୦୦୦/- / ଟ.୨,୪୭,୫୦୦/- / ଟ.୧୦,୦୦୦/- | ଟ.୬୮,୮୫,୦୫୫/- / ୩୧.୦୧.୨୦୧୨ / ୧୩.୦୯.୨୦୧୨ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

**ନିୟମ ଓ ସର୍ତ୍ତାବଳୀ :**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହାଅଛି ଭିତ୍ତିରେ"** ସମ୍ପନ୍ନ ହେବ।
୨) ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: **ତା.୨୬.୧୨.୨୦୧୮ରିଖ ଅପରାହ୍ନ ୪.୦୦** ଘଟିକା ପର୍ଯ୍ୟନ୍ତ। ଇ-ନିଲାମ ତାରିଖ ଓ ସମୟ: **ତା.୨୯.୧୨.୨୦୧୮ରିଖ ପୂର୍ବାହ୍ନ ୧୦.୦୦ ରୁ ମଧ୍ୟାହ୍ନ ୧୨.୦୦ ଘଟିକା।**
୩) ଇଚ୍ଛୁକ ନିଲାମଧାରୀମାନେ ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ **ସିଣ୍ଡିକେଟ୍ ବ୍ୟାଙ୍କ** (ସମ୍ପୃକ୍ତ ଋଣଗ୍ରହୀତା) ସପକ୍ଷରେ ଅମାନତ ଜମା ରାଶି ରୂପେ ଡ଼ିମାଣ୍ଡ ଡ୍ରାଫ୍ଟ ତ୍ର କରି ପୈଠ କରିପାରିବେ।
୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନ୍‌କମ୍ବ୍ରାନ୍‌ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ। **ସମ୍ପତ୍ତି ତା.୨୦.୧୨.୨୦୧୮ ଏବଂ ୨୧.୧୨.୨୦୧୮ରିଖ ଅପରାହ୍ନ ୨.୦୦ଘଟିକା ରୁ ୪.୦୦ଘଟିକା** ମଧ୍ୟରେ ତନଖି କରିପାରିବେ।
୫) ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗ୍‌ଇନ୍ ଆଇଡି, ପାସ୍‌ୱାର୍ଡ, ଡାଟା ଅପଲୋଡ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ **M/s. e-Procurement Technologies Limited, (Auctiontiger) Ahmedabad** ଙ୍କ ସହ ଯୋଗାଯୋଗ କରିପାରନ୍ତି। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ **https://syndicatebank.auctiontiger.net** ରେ ପଞ୍ଜିକରଣ କରି ୟୁଜର ଆଇଡି, ପାସ୍‌ୱାର୍ଡ ଏବଂ ଇ-ନିଲାମ ତାଲିମ **M/s. e-procurement Technologies Ltd. (Auctiontiger) Ahmedabad** ରୁ ମାଗଣାରେ ପାଇପାରିବେ: ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ.: ୦୮୦୦୦୦୨୩୨୯୭, ରାକେଶ, ମୋ.: ୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, ଶ୍ରୀ ରିକିନ୍, ମୋ.: ୦୯୯୭୮୫୯୧୮୮୮, **E-mail ID: orissa@auctiontiger.net, rikin@auctiontiger.net & support@auctiontiger.net** ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ **ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: ୯୪୩୭୪୬୩୧୩୩ ଏବଂ ୯୪୩୭୫୭୯୫୩୧** ରେ ଯୋଗାଯୋଗ କରନ୍ତୁ: **E-mail id: ro.bhubaneswar@syndicatebank.co.in**
୬) ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ **https://syndicatebank.auctiontiger.net** ଦେଖନ୍ତୁ।
୭) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ **୭୫%** ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୮) କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ, ତାହା ବହନ କରିବେ।
୯) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।
୧୦)ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା **194 IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **26QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୧୮** | **କ୍ଷମତାପ୍ରାପ୍ତ ଅଧିକାରୀ, ସିଣ୍ଡିକେଟ୍ ବ୍ୟାଙ୍କ**

## ସଂକ୍ଷେପରେ

### ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ



**ଖଣ୍ଡପଡା,୬।୧୨(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡାସ୍ଥିତ ଶ୍ରୀଶ୍ରୀ ଲଡୁକେଶ୍ୱର ଜୀଉ ମହାବିଦ୍ୟାଳୟ ସଭାଗୃହରେ ଗୁରୁବାର ସ୍ୱାଧୀନୋତ୍ତର ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବି.ଆର. ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅଧାପିକା ମଞ୍ଜୁଲତା ଭୋଇ, ଇଂଲିଶ ଅଧାପକ ଦୈତାରୀ ପଣ୍ଡା, ବାବା ସାହେବ ସ୍ମୃତି ପରିଷଦର ସମ୍ପାଦକ ବିଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ମହାନ ବ୍ୟକ୍ତିଙ୍କ ସ୍ମୃତିଚାରଣ କରିବା ସହ ସୁଦୂରପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଆଜିର ଛାତ୍ରସମାଜ ତାଙ୍କରି ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆମ୍ବେଡରଙ୍କ ଜୀବନାର୍ଦର୍ଶନ ଉପରେ ଆଧାରିତ ସାଧାରଣ ଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ: କାଳିପଲ୍ଲୀ ଚାମ୍ପିୟନ



**ଛତ୍ରପୁର,୬।୧୨(ଡି.ଏନ.ଏ.):** ଛତ୍ରପୁର ବ୍ଲକ ଓ ବିଜୁ ଯୁବ ବାହିନୀ ପକ୍ଷରୁ କରାତଳି ଗାଁରେ ୩ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ କାଳିପଲ୍ଲୀ ପଞ୍ଚାୟତ ଟିମ୍ ଚାମ୍ପିୟନ ହୋଇଛି । ଗୁରୁବାର ଫାଇନାଲ ମ୍ୟାଚ୍‌ରେ କାଳିପଲ୍ଲୀ ଟିମ୍ ଛତ୍ରପୁର ଏନଏସି ଟିମ୍‌କୁ ହରାଇଛି। ଛତ୍ରପୁର ବ୍ଲକ ଅଧକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ , ଉପାଧକ୍ଷା ଅମିତା ସାହୁ, ଛତ୍ରପୁର ବିଡିଓ ସଚ୍ଚିଦାନନ୍ଦ ନାୟକ, ଜିଲାପରିଷଦ ସଭ୍ୟ ଏସ୍. କିଶୋର ରେଡ୍ଡୀ, ବିପିଏମ୍ ମାନିନୀ ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ମ୍ୟାନ୍ ଅଫ ଦି ସିରିଜ ଭାବେ ଛତ୍ରପୁର ଏନଏସି ଟିମ୍ ର ଶ୍ରୀନାଥ, ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ କାଳିପଲ୍ଲୀ ଟିମ୍ ର ସୀମାଞ୍ଚଳ, ଶ୍ରେଷ୍ଠ ଖେଳାଳି ଭାବେ କାଳିପଲ୍ଲୀ ଟିମ୍‌ର ରଞ୍ଜିତ, ଶ୍ରେଷ୍ଠ ବୋଲର ଭାବେ ବିପୁଲିଙ୍ଗି ଟିମ୍‌ର ଭାଗୀରଥି ପୁରସ୍କୃତ ହୋଇଥିଲେ।

# ସିଲ୍ ହେଲା 'ସେଫ୍ ଚିଲ୍‌ଡ୍ରେନ୍ ହୋମ୍'

**ଚନ୍ଦ୍ରଗିରି/ପାରଳାଖେମୁଣ୍ଡି, ୬।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

### ସମସ୍ତ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କଲା ପ୍ରଶାସନ



ଚନ୍ଦ୍ରଗିରି ସେଫ୍ ଅରଫାନ୍ ଚିଲ୍‌ଡ୍ରେନ୍ ହୋମ୍‌ରେ ଡିସିପିଓ ଓ ଅନ୍ୟମାନେ।

ଗଜପତି ଜିଲା ଚନ୍ଦ୍ରଗିରିସ୍ଥିତ 'ସେଫ ଚିଲ୍‌ଡ୍ରେନ୍ ହୋମ୍' ନାମକ ଘରୋଇ ଶେଲଟର ହୋମ୍‌କୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯିବା ସହ ସେଠାରେ ରହୁଥିବା ସମସ୍ତ ଅନ୍ତେବାସୀଙ୍କୁ ସ୍ଥାନାନ୍ତର କରାଯାଇଛି। ସେଫ ଚିଲ୍‌ଡ୍ରେନ୍ ହୋମ୍' ସରକାରୀ ଗ୍ରାମ୍ୟ ଜଙ୍ଗଲ ଜମିରେ ଗଢିଉଠିଥିବା ରାଜସ୍ୱ ନିରୀକ୍ଷକ ମିଖାଇଲ ରାଇକାଙ୍କ ସୂତ୍ରରୁ ସୂଚନା ମିଳିଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଉକ୍ତ ଶେଲଟର ହୋମ୍ ପରିଦର୍ଶନରେ ଯାଇଥିଲେ। ସେଠାରେ ଛାନଭିନ୍ କରିବା ସହ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ଏଠାକାର ଶିଶୁମାନଙ୍କୁ ସ୍ଥାନାନ୍ତର କରାଯାଇ 'ସେଫ ଚିଲ୍‌ଡ୍ରେନ୍ ହୋମ୍'କୁ ବନ୍ଦ କରି ଦିଆଯାଇଛି। ପୂର୍ବରୁ ମଧ ଏହି ଶେଲଟର ହୋମ୍ ଉପରେ ଚଢାଉ କରାଯାଇଥିଲା। କିଛିଦିନ ତଳେ ଢେଙ୍କାନାଳସ୍ଥିତ ଗୁଡ ନ୍ୟୁଜ୍ ଇଣ୍ଡିଆ ଶେଲଟର ହୋମ୍‌ରେ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ଗଜପତି ଜିଲାରେ ଥିବା ଘରୋଇ ଶେଲଟର ହୋମଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଛାନଭିନ୍ ଚାଲିଛି। 'ସେଫ ଚିଲ୍‌ଡ୍ରେନ୍ ହୋମ୍'ରେ ଛାନଭିନ୍ ବେଳେ ସିଆର୍‌ସିସି ଶାନ୍ତନୁ ମହାପାତ୍ର, ମୋହନା ବ୍ଲକ ମଙ୍ଗଳ ଅଧିକାରୀ ରଞ୍ଜନ ଜେନା, ବ୍ଲକ ଶିକ୍ଷାଧିକାରୀ ଲିବ୍ନସ୍ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ଥାନୀୟ ଧରିତ୍ରୀ ପ୍ରତିନିଧି ଏଠାରେ ଫଟୋ ଉଠାଇବା ସମୟରେ ତାହାକୁ ଏହି ଶେଲଟର ହୋମ୍ ମାଲିକ ମିଲନ କୁମାର ନାୟକ ବିରୋଧ କରି ଝଗଡ଼ା କରିଥିଲେ। ଗଣମାଧମ ଯୋଗୁ ତାଙ୍କ ଶେଲଟର ହୋମ ବନ୍ଦ ହେଲା ବୋଲି ସେ ଅଭିଯୋଗ ଆଣିବା ସହ ଗଣମାଧମ ବିରୋଧରେ ବିଭିନ୍ନ ଆପତ୍ତିଜନକ କଥା କହିଥିଲେ। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରେ ଗଣମାଧମ ପ୍ରତିନିଧି ଓ ସମ୍ପୃକ୍ତ ଶେଲଟର ହୋମ୍ ମାଲିକଙ୍କ ମଧରେ ଯୁକ୍ତିତର୍କ ହୋଇଥିଲେ ମଧ ତାହାର କାରଣ ସେ ଜାଣିନଥିବା ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ ପଡ଼ିଲେ ହରିଙ୍କି ଭଜ**
**ଆତଙ୍କ ସରିଲେ ସଙ୍ଗିନୀ ଖୋଜ ।**

ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ କେତେଜଣ ବ୍ୟକ୍ତି ଭଗବାନଙ୍କ ପାଖରେ ମାନସିକ ଯାଚିଥାନ୍ତି। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଧ୍ୟାନ ଦେଇ ନ ଥାନ୍ତି। ବିପଦ ବେଳେ ଭଗବାନଙ୍କ ପାଖରେ ଅଧିଆ ପଡ଼ିଥିବା ବ୍ୟକ୍ତି ପରମୁହୂର୍ତ୍ତରେ ସେସବୁ ପାସୋରି ଦେଇ ଚିରାଚରିତ ଅନ୍ୟାୟ ଅନୀତି ବାଟ ଆପଣେଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ହୋଇ କହେ କଥା**
**ଗୁଞ୍ଜି ମାରି କାଟେ ମଥା ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ। ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ମୁହଁରେ ହସ ପେଟରେ ବିଷ ଭଳି ଉପରେ ଆପଣାର ଭାବ ଦେଖାଇ ଏଭଳି ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏପରି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଦ୍ୟୁତ୍ ବ୍ୟାଘାତ: ପାନୀୟ ଜଳ ଯୋଗାଣ ବ୍ୟାହତ

**ବୋଲଗଡ଼, ୬।୧୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମ ନିକଟସ୍ଥ ଏକ ଜଳ ପ୍ରକଳ୍ପରୁ ପାନୀୟଜଳ ଯୋଗାଣ ବ୍ୟାହତ ହୋଇଛି। ପ୍ରକଳ୍ପକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଉପରେ ଗଛ ଡାଳ ଭାଙ୍ଗି ପଡ଼ିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନ ଧରି ପାନୀୟ ଜଳଯୋଗାଣ ବ୍ୟାହତ ହୋଇଛି । ତେବେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଏ ନେଇ ଅଭିଯୋଗ କଲେ ମଧ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟିହୋଇଛି। ଉଲ୍ଲେଖଯୋଗ୍ୟ କି, ଉକ୍ତ ଅଞ୍ଚଳ ଜଳରେ ଫ୍ଲୋରାଇଡ୍ ର ମାତ୍ରା ଅଧିକ ଥିବାରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଉକ୍ତ ପ୍ରକଳ୍ପ ମାଧମରେ ନଦୀଶଯ୍ୟାରେ ଏକ ଅଗଭୀର କୂପ (ଇନ୍‌ଟେକ୍ ୱେଲ୍) ଖୋଳାଯାଇ ପାନୀୟ ଜଳ ଯୋଗାଣ ହେଉଥିଲା। ତେବେ କୂପ ଉପରେ ଢାଙ୍କୁଣୀ ବ୍ୟବସ୍ଥା ନ ଥିବାରୁ ଜଳ ଦୂଷିତ ହେବାର ଆଶଙ୍କା ଦେଖାଦେଇଛି। ଏଭଳି ବିଭିନ୍ନ ସମସ୍ୟା ନେଇ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜନ ଘଡ଼େଇ କହିଥିଲେ, ବିଦ୍ୟୁତ୍ ସଂଯୋଗ ନିମନ୍ତେ ଆମେ କର୍ମଚାରୀଙ୍କୁ ଜଣାଇଛୁ। ଅପରପକ୍ଷରେ ଏହି କୂପ ଉପରେ ଏକ ଢାଙ୍କୁଣୀ ବ୍ୟବସ୍ଥା କରାଯିବା ନେଇ ଲକ୍ଷ୍ୟ ରହିଛି।



ଢାଙ୍କୁଣୀ ନଥିବା କୂଅ।

# କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ: ଫେରିପାରୁନାହିଁ ମୃତଦେହ

**ବୋଲଗଡ଼,୬।୧୨(ଡି.ଏନ.ଏ.)**

କେରଳରେ ଗୁରୁବାର ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତେବେ ତାଙ୍କର ମୃତଦେହ ଏ ପର୍ଯ୍ୟନ୍ତ ଗ୍ରାମକୁ ଅଣାଯାଇପାରିନାହିଁ। ମୃତକ ହେଉଛନ୍ତି ବୋଲଗଡ଼ ତହସିଲ ବାଙ୍କୋଇ ଅଞ୍ଚଳର କନ୍ତାଇଲୋ ଗ୍ରାମର ପଦ୍ମନାଭ ପାଲଟାସିଂହ (୨୫)। ତାଙ୍କ ପରିବାର ପକ୍ଷରୁ ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସେ ୪ ମାସ ହେଲା କେରଳରେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ତେବେ ଏର୍ଣ୍ଣାକୁଲମ ଜିଲାର ଏକ ସରକାରୀ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଖବର ପାଇଥିଲେ। ତାଙ୍କର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନି। ଗରିବ ପରିବାର ହୋଇଥିବାରୁ ପଦ୍ମନାଭଙ୍କ ମୃତଦେହ ଗ୍ରାମକୁ କିପରି ଅଣାଯାଇପାରିବ ସେ ନେଇ ଚିନ୍ତା ଓ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ପିତାମାତା ଓ ସ୍ତ୍ରୀ। ପଦ୍ମନାଭଙ୍କ ୪ ମାସର ଏକ ପୁତ୍ର ସନ୍ତାନ ରହିଛି। ତେଣୁ ତାଙ୍କୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା କହିଛନ୍ତି, ନିୟମାନୁସାରେ ତାଙ୍କ ପରିବାରକୁ ସରକାରୀ ସହୟତା ଯୋଗଇ ଦିଆଯିବ ।



ପଦ୍ମନାଭଙ୍କ ଫାଇଲ୍ ଫଟୋ।

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ଗାଡ଼ଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ
50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ
ରାଶନ କାର୍ଡ
ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା
ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ଭଞ୍ଜବିହାରରେ ସାମାଜିକ ସମରସତା ଦିବସ

**ବ୍ରହ୍ମପୁର ଅଫିସ, ୬ା୧୨:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଭାରତରତ୍ନ ଡା. ବି.ଆର ଆମ୍ବେଡକର(ବାବା ସାହେବ)ଙ୍କ ଶ୍ରାଦ୍ଧବାର୍ଷିକୀ ତଥା ସାମାଜିକ ସମରସତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବାବା ସାହେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଛାତ୍ର ହେମନ୍ତ ରେଡ୍ଡୀ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଭାରତ ପାଇଁ ବାବା ସହେବଙ୍କ ଅବଦାନ ଉପରେ ସେ ଆଲୋକପାତ କରିବା ସହ ଭାରତର ଅଖଣ୍ଡତା ବଜାୟ ରଖିବା ପାଇଁ ଯୁବବର୍ଗ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ। ଅନନ୍ତ ପ୍ରଧାନ, ନାରାୟଣ ସାହୁ, ତୁତୁନ ପାତ୍ର, ବିଦିତ ରଞ୍ଜନ ଦାଶ, ସୁରେଶ ମହାରଣାଙ୍କ ସମେତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ରହି ବାବା ସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ୯ରେ ଭିଏଚ୍‌ପି ପକ୍ଷରୁ ହେବ ହିନ୍ଦୁ ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୬ା୧୨:** ଗଞ୍ଜାମ ଜିଲା ଭିଏଚପି (ବିଶ୍ୱ ହିନ୍ଦୁ ପରିଷଦ) ପକ୍ଷରୁ ବ୍ରହ୍ମପୁର ଉପକଣ୍ଠ ଖଜୁରିଆ ଠାରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ ବିଶାଳ ହିନ୍ଦୁ ସମ୍ମିଳନୀ। ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ତୁରନ୍ତ ଅଧାଦେଶ ଜାରି କରିବା ଉପରେ ଗୁରୁତ୍ୱ ଦିଆଯିବ। ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ପଡ଼ି ରହିଥିବା ମନ୍ଦିର ସମ୍ପର୍କୀୟ ମାମଲାର ଫଇସଲା କରିବାକୁ ସମ୍ମିଳନୀରେ ପ୍ରସଙ୍ଗ କରାଯିବ ବୋଲି ଭିଏଚପି ପକ୍ଷରୁ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଭିଏଚପି ଜିଲା କାର୍ଯ୍ୟକାରୀ ସଭାପତି ଡ଼ା. ଭବାନୀ ଶଙ୍କର ଦାସ କହିଥିଲେ ସମ୍ମିଳନୀରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ଘୁମୁସର ଅଞ୍ଚଳରୁ ହଜାର ହଜାର ଶ୍ରୀରାମ ଭକ୍ତଙ୍କ ସମାଗମ ହେବ। ହିନ୍ଦୁମାନେ ସ୍ୱେଚ୍ଛାକୃତ ଭାବେ ଯୋଗଦେବେ ଏବଂ ମୁଖ୍ୟ ପ୍ରସଙ୍ଗ ଅଯୋଧାରେ ରାମ ମନ୍ଦିର ନିର୍ମାଣ ନେଇ ବିସ୍ତୃତ ଆଲୋଚନା କରିବେ। ଏଥିପାଇଁ ସଂଘ ପରିବାରର କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ସହଯୋଗ କରୁଛନ୍ତି ବୋଲି ସଭାପତି ଦାସ ସ୍ପଷ୍ଟ କରିଥିଲେ। ପ୍ରିୟନାଥ ଶର୍ମା, ରମାକାନ୍ତ ରଥ, ଇଂ. ଅଶୋକ କୁମାର ପାଳ, ଅରୁଣ ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୨୬ ବର୍ଷ ହେବ ଭଗବାନ ଶ୍ରୀରାମଚନ୍ଦ୍ର ତମ୍ବୁ ତଳେ ଅଛନ୍ତି। ଏହା ଦେଶର ଶତାଧିକ କୋଟି ହିନ୍ଦୁଙ୍କ ଭାବାବେଗକୁ କୁଠାରଘାତ କରିଛି। ତେଣୁ ଅଯୋଧା ପ୍ରସଙ୍ଗରେ ଅଧିକ ଅବହେଳା ନ କରିବା ପାଇଁ ହିନ୍ଦୁ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

■ ରାଜ୍ୟ ବିଦ୍ୟାଳୟ ସମୂହ ବାସ୍କେଟବଲ୍ ଚାମ୍ପିୟନଶିପ୍

# ବାଳକରେ ଗଞ୍ଜାମ, ବାଳିକାରେ ଭୁବନେଶ୍ୱର ଚାମ୍ପିୟନ

**ବ୍ରହ୍ମପୁର ଅଫିସ,୬ା୧୨**

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବାସ୍କେଟବଲ୍ ଚାମ୍ପିୟନଶିପ୍ ଗୁରୁବାର ବ୍ରହ୍ମପୁର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ବାଳକରେ ୭ ଜିଲା ଯଥା ଗଞ୍ଜାମ, କେନ୍ଦୁଝର, ସମ୍ବଲପୁର, ବରଗଡ଼, କଟକ ଏବଂ ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଭାଗନେଇଥିବା ବେଳେ ବାଳିକାରେ ମାତ୍ର ୪ଟି ଜିଲା ଯଥାକ୍ରମେ ଗଞ୍ଜାମ, ସମ୍ବଲପୁର, କଟକ ଏବଂ ଖୋର୍ଦ୍ଧା ଜିଲା ଭାଗ ନେଇଥିଲା । ବାଳକର ଫାଇନାଲ୍‌ରେ ଗଞ୍ଜାମ ଏବଂ କଟକ ପହଞ୍ଚିଥିଲା । ଗଞ୍ଜାମ ୪୧-୩୪ ପଏଣ୍ଟରେ କଟକକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି । ସେହିପରି ବାଳିକାର ଫାଇନାଲ୍ ଭୁବନେଶ୍ୱର ଏବଂ କଟକ ମଧ୍ୟରେ ଖେଳାଯାଇଥିଲା । ଭୁବନେଶ୍ୱର ୩୧-୧୨ ପଏଣ୍ଟରେ କଟକକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ସମ୍ମାନିତ ଅତିଥି ଗଞ୍ଜାମ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଏବଂ ବାସ୍କେଟବଲ୍ ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତି କୁମାରୀ ମହାପାତ୍ର ଯୋଗଦେଇଥିଲେ । ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ ସଭା ପରିଚାଳନା କରିଥିଲେ । ରେଫରି ଭାବେ ରାଜ୍ ନାରାୟଣ ପାତ୍ର, କାଜଲ କୁମାର ସାହୁ, ମହେଶ ମିଶ୍ର, ଜି.କେ. ପ୍ରସାଦ, କାଳି ପ୍ରସାଦ ରଥ, ନାଗେଶ୍ୱର ରାଓ ଏବଂ ସୁଧୀର ପରିଡ଼ା ଖେଳ ପରିଚାଳନା କରିଥିଲେ। ଏହା ପୂର୍ବରୁ ସକାଳେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶାରିରୀକ ଶିକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଲକ୍ଷ୍ମୀ ପ୍ରିୟା ଦେବୀ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏବଂ ଷ୍ଟାଡିୟମ ଇନଚାର୍ଜ୍ ସଚ୍ଚିନ୍ଦ୍ର ମାଝି ଯୋଗଦେଇଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଗଞ୍ଜାମ ଏବଂ ଭୁବନେଶ୍ୱର ଦଳର ଖେଳାଳିମାନେ ।

# ଗଞ୍ଜାମ ଜିଲାରେ ଖୋଲିବ ୧୪୫ ପେଟ୍ରୋଲ ପମ୍ପ

**ବ୍ରହ୍ମପୁର ଅଫିସ,୬ା୧୨**

ପେଟ୍ରୋଲ୍ ଏବଂ ଡିଜେଲ୍‌ର ବ୍ୟବହାର ବଢ଼ୁଥିବା ଯୋଗୁ ଗଞ୍ଜାମ ଜିଲାରେ ଆଉ ୧୪୫ଟି ପେଟ୍ରୋଲ୍ ପମ୍ପ ଖୋଲାଯିବ। ଏଥିରୁ ୧୧୫ଟି ସହରାଞ୍ଚଳ ଏବଂ ରାଜପଥ ଏବଂ ଅନ୍ୟ ୩୦ଟି ଗ୍ରାମାଞ୍ଚଳରେ ଖୋଲାଯିବ। ଗୁରୁବାର ସ୍ଥାନୀୟ ଏକ ହୋଟେଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୩ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍, ଭାରତ ପେଟ୍ରୋଲିୟମ୍ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ତରଫରୁ ସୂଚନା ଦିଆଯାଇଛି । ଅର୍ଥ ବ୍ୟବସ୍ଥା ଦୃତ ଗତିରେ ବଢ଼ୁଛି । ଏଥିପାଇଁ ଉର୍ଜା ଶକ୍ତିର ଆବଶ୍ୟକତା ରହୁଛି । ଦେଶରେ ପ୍ରତି ବର୍ଷ ପେଟ୍ରୋଲ୍ ୮ ପ୍ରତିଶତ ଏବଂ ଡିଜେଲ୍ ୪ପ୍ରତିଶତ ହାରରେ ବିକ୍ରି ବଢ଼ୁଛି । ଆବଶ୍ୟତାକୁ ଦେଖି ଅଧିକ ପେଟ୍ରୋଲ୍ ପମ୍ପ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ୧,୫୫୪ଟି ପେଟ୍ରୋଲ୍ ପମ୍ପ ଥିବା ବେଳେ ଅଧିକ ୨,୬୩୬ଟି ଖୋଲାଯିବ । ଗଞ୍ଜାମ ଜିଲାରେ ୮୦ଟି ପେଟ୍ରୋଲ୍ ପମ୍ପ ଥିବା ବେଳେ ଆଉ ୧୪୫ଟି ଖୋଲିବ। ପେଟ୍ରୋଲ୍ ପମ୍ପ ଖୋଲିବା ପାଇଁ ଥିବା ଆବେଦନ ପ୍ରକ୍ରିୟାକୁ ମଧ୍ୟ ସରଳ କରାଯାଇଛି । ସ୍ୱଚ୍ଛତା ପାଇଁ ସମସ୍ତ କାର୍ଯ୍ୟ ଅନ୍‌ଲାଇନ୍‌ରେ ହେବ । ଅଧିକ ପେଟ୍ରୋଲ୍ ପମ୍ପ ଖୋଲିବା ଦ୍ୱାରା ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ହିନ୍ଦୁସ୍ଥାନ ପେଟ୍ରୋଲିୟମ୍‌ର ଡିଜିଏମ୍ ଅଭ୍ୟନ୍ତର ଦାସ, ଭାରତ ପେଟ୍ରୋଲିୟମ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର୍(ସେଲ୍‌ସ) ଦୀପକ ରାଜାକ୍, ଇଣ୍ଡିଆନ୍ ଅଏଲ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର୍(ରିଟେଲ୍) ସୂର୍ଯ୍ୟନାରାୟଣ ଦ୍ୱିବେଦୀ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍‌ର ଏରିଆ ସେଲ୍‌ସ ମ୍ୟାନେଜର୍ ଶୁଭବ୍ରତୋ ଖାନ୍ ପ୍ରମୁଖ ପ୍ରକାଶ କରିଛନ୍ତି ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ତୈଳ କମ୍ପାନୀର ପଦାଧିକାରୀ ।

# ବ୍ରୋଞ୍ଜ ପଦକଧାରୀ ବକ୍ସରଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୬ା୧୨**

ମଦୁରାଇ ଠାରେ ୧ ତାରିଖରୁ ଚାଲିଥିବା ୧୮ତମ ଜାତୀୟ ସିନିୟର୍ ଫେଡେରେଶନ୍ କପ୍ ବକ୍ସିଂ ଚାମ୍ପିୟନଶିପ ମଙ୍ଗଳବାର ଶେଷ ହୋଇଛି । ଏଥିରେ ବକ୍ସିଂ ଓଡ଼ିଶାର ୫ ଜଣିଆ ଦଳ ଭାଗନେଇଥିଲା। ସେମାନଙ୍କ ମଧ୍ୟରୁ ୪୬ରୁ ୪୯କିଲୋ ଓଜନ ବର୍ଗରେ ଭାଗ ନେଇଥିବା ରାଜାରାମ୍ ରାଉତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୁରୁବାର ରାଜାରାମ୍ ଏବଂ ଓଡ଼ିଶା ଦଳ, କୋଚ ମନୋରମା ମହାରଣା ବ୍ରହ୍ମପୁରେ ପହଞ୍ଚିଥିଲେ । ସକାଳେ ସେମାନଙ୍କୁ ବ୍ରହ୍ମପୁର ଷ୍ଟେଶନ୍ ଠାରେ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ କମିଟିର ଅଧ୍ୟକ୍ଷ ରଣଜିତ ବାନାର୍ଜୀ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ବକ୍ସିଂ ଓଡ଼ିଶାର ସଭାପତି ଟି.କ୍ରିଷ୍ଣା ପାତ୍ର, ସମ୍ପାଦକ କବିରାଜ ଗୌଡ଼, ଉପସଭାପତି ସୁଖେନ୍ଦୁ ଦାସ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର ପାତ୍ର, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଜିଲା ଇକୋ କ୍ଲବର ସଂଯୋଜକ ଶଙ୍କର ନାରାୟଣ ବେଜ୍, ସାମାଜିକ କର୍ମୀ ସବିତା ସାହୁକାର, ସୁଖି ୱେଲ୍‌ଫେୟାର୍ ଅର୍ଗାନାଇଜସେନ୍‌ରର ଏ. ସତିଶ ଏବଂ ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ରହି ବାଜା ବାଣ ଏବଂ ଫୁଲ ତୋଡ଼ା ଦେଇ ଅଭିନନ୍ଦନ ଜଣାଇଥିଲେ । ପରେ ଖେଳାଳିଙ୍କୁ ଶୋଭାଯାତ୍ରାରେ ନିଆଯାଇଥିଲା । ବକ୍ସିଂ ଓଡ଼ିଶାର କୋଷାଧ୍ୟକ୍ଷ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।


ସଫଳ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।


## ଜିଲ୍ଲା ସଂସ୍କୃତି ପରିଷଦ
ନବରଙ୍ଗପୁର



### ମଣ୍ଡେଇ ବାର୍ତ୍ତା

ବହୁ ପୁରାତନ କାଳରୁ ସମୟର ସ୍ରୋତରେ ସ୍ୱତଃପ୍ରବୃତ୍ତ ଭାବେ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଅଧିବାସୀମାନଙ୍କ ମଧ୍ୟରେ ଜାଗିଉଠିଥିବା ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା, ଏହି ଅଞ୍ଚଳର ଲୋକକଳାରେ ରୁଚି ଥିବା କଳାକାରମାନଙ୍କ ମଧ୍ୟରେ ଲୁଚିରହିଥିବା ଲୋକକଳାର ପ୍ରତିଭାକୁ ଏକ ବୃହତ୍ ମଞ୍ଚ ଯୋଗାଇଦେବା, ଏହି ଜିଲ୍ଲାର କଳା ଓ ସଂସ୍କୃତିକୁ ରାଜ୍ୟ ତଥା ରାଜ୍ୟ ବାହାରେ ଜନସାଧାରଣଙ୍କ ସହିତ ପରିଚିତ କରିବା ଏବଂ ଏହି ଅଞ୍ଚଳର କଳାକାର ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରାଇବା ପ୍ରଚେଷ୍ଟାରେ ହୁଏ ''ମଣ୍ଡେଇ'ର ପରିକଳ୍ପନା। କଳା ଓ ସଂସ୍କୃତିର ଏହି ମହାକୁମ୍ଭ ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନ ଓ ଜିଲ୍ଲାବାସୀଙ୍କ ଅଶେଷ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି। ଏହି କ୍ରମରେ ଏହିବର୍ଷ ମଧ୍ୟ ''ମଣ୍ଡେଇ ୨୦୧୮'' ଚଳିତ ୦୭ା୧୨ା୨୦୧୮ରୁ ୦୯ା୧୨ା୨୦୧୮ ପର୍ଯ୍ୟନ୍ତ ପାଳନ କରାଯାଉଛି। ତତ୍‌ସହିତ ଏହି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷିଭିତ୍ତିକ, ହସ୍ତଶିଳ୍ପ, ହସ୍ତତନ୍ତ, ଟେରାକୋଟା, ଡୋକରା, କାଷ୍ଠ ଶିଳ୍ପ ଆଦି ଉତ୍ପାଦନର ଉପଯୁକ୍ତ ବଜାର ତିଆରି କରିବା ପ୍ରଚେଷ୍ଟାରେ ''ପଲ୍ଲିଶ୍ରୀ ମେଳା ୨୦୧୮'' ୦୭ା୧୨ା୨୦୧୮ରୁ ୧୧ା୧୨ା୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଜିଲ୍ଲାବାସୀଙ୍କୁ ''ମଣ୍ଡେଇ -୨୦୧୮''ର ଅଭିନନ୍ଦନ ଜ୍ଞାପନ କରିବା ସହ ଏହି କଳା ଓ ସଂସ୍କୃତିର ମହାକୁମ୍ଭରେ ବହୁ ସଂଖ୍ୟାରେ ଯୋଗଦେଇ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଉପଭୋଗ କରିବା ପାଇଁ ମୁଁ ସମସ୍ତଙ୍କୁ ସ୍ୱାଗତ ଜଣାଉଛି।

**ଡାଃ ଅଜିତ କୁମାର ମିଶ୍ର (ଓ.ପ୍ର.ସେ.)**
**ଜିଲାପାଳ-ତଥା-ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ, ନବରଙ୍ଗପୁର**

**ସାଂସ୍କୃତିକ କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ**

**୦୭ା୧୨ା୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ଦାଣ୍ଡିଆ ନୃତ୍ୟ, ୪. ନାଗାଲାଣ୍ଡ ଆଦିବାସୀ ନୃତ୍ୟ, ୫. ଗୋଟିପୁଅ ନୃତ୍ୟ, ୬. ଘୁମରା, ୭. ଢେମସା, ୮. ଶାସ୍ତ୍ରୀୟ ଦଶଅବତାର, ୯. ସ୍ଥାନୀୟ ଲୋକ ନୃତ୍ୟ।

**୦୮ା୧୨ା୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ବିହୁ ନୃତ୍ୟ, ୪. ଘୁମର, ୫. ମୟୂରୀ ନୃତ୍ୟ, ୬. ଲାବୋଣୀ ନୃତ୍ୟ, ୭. ସମ୍ବଲପୁରୀ ଡାଲଖାଇ ନୃତ୍ୟ, ୮. ଛଉ ନୃତ୍ୟ, ୯. ଦଶ ଅବତାର ନୃତ୍ୟ, ୧୦. ଭତରା ନୃତ୍ୟ, ୧୧. ସ୍ଥାନୀୟ ଲୋକ ନୃତ୍ୟ, ୧୨. ଶାସ୍ତ୍ରୀୟ ପୌରାଣିକ ନୃତ୍ୟ।

**୦୯ା୧୨ା୨୦୧୮**
୧. ଉଦ୍‌ଯାପନୀ ସଙ୍ଗୀତ, ୨. ଲବଣୀ ନୃତ୍ୟ, ୩. କୋଇଲି ନୃତ୍ୟ, ୪. ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ୫. ଢେମସା, ୬. ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ଅସୀମା ପଣ୍ଡାଙ୍କ ଦ୍ୱାରା live melody.

OFFICE OF THE
DIVISIONAL FOREST OFFICER
BARIPADA FOREST DIVISION
BARIPADA, DIST.: MAYURBHANAJ
Tel.: 06792-252613/252622, Fax: 06792 - 255770
E-mail: dfobaripada.od@gmail.com

No.269 Date: 06.12.2018

**NOTICE INVITING TENDER**

Sealed tenders are hereby invited from Registered Firms / Authorized dealers / DGS&D Rate contract holders having required statutory clearance for supply and installation of Furniture for Field Management Units under Divisional Management Unit, Baripada. The sealed offers are to be submitted on or before **21.12.2018 by 5 PM** by **Speed Post** only. The details regarding tender documents, specifications and terms and conditions can be downloaded from the standardised webportal of MAYURBHANJ district i.e. **www.mayurbhanj.nic.in**.

**Sd./- Divisional Forest Officer**
**Baripada Forest Division**

**Superintending Engineer, Southern Irrigation Circle-II, Paralakhemundi**
**e-mail id : se_sicpkd@yahoo.com**
**No.906-A:-** **e-Procurement Notice No. SE, SIC-II-02/2018-19**

1 Type of Work : C, D Works.
2 Total No. of Works : 01 (One) No.
3. Amount put to tender : Rs. 192.80 lakhs
4. Perio of completion : 08 (eight) calendar months.

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Superintending Engineer, Southern Irrigation Circle-II, Paralakhemundi, Gajapati | SE, SIC, (CCD)-04 / 2018-19 | 192.80 | From 11.12.2018, 10.00 AM to 26.12.2018, 5.00 PM |

Date of pending of the Technical Bid:- 27.12.2018 at 11.30 AM
Further detail can be seen from the Govt. website www.tendersorissa.gov.in.

**32388/11/0004/1819**
**Sd./- Superintending Engineer,**
**Southern Irr. Circle-II, Paralakhemundi**

**ନରସିଂହପୁର ନିୟନ୍ତ୍ରିତ ବଜାର କମିଟି, ଜି- କଟକ**
**ଆଠଗଡ଼ ଉପଖଣ୍ଡ ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା**
**୨୦୧୮-୧୯**

ଏତଦ୍ୱାରା କଟକ ଜିଲ୍ଲା ଆଠଗଡ଼ ଉପଖଣ୍ଡର ସମସ୍ତ ଧାନ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ୨୦୧୮-୧୯ ଖରଫ୍ ବିପଣନ ବର୍ଷ ପାଇଁ ସରକାର ତା ୦୭.୧୨.୨୦୧୮ ରିଖଠାରୁ ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ଧାନ କିଣିବାକୁ ବ୍ୟବସ୍ଥା କରିଅଛନ୍ତି । ଏହାର ମୂଲ୍ୟ ଏଫ୍. ଏ. କ୍ୟୁ ୧ ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ଟ ୧୭୫୦/-ସାଧାରଣ ଧାନ (ଗ୍ରେଡ୍ ଏ ) କ୍ୱିଣ୍ଟାଲ ପ୍ରତି ଟ ୧୭୭୦/- ଧାର୍ଯ୍ୟ କରାଯାଇଛି । । ଧାନ ଖାଦ୍ୟ ଉପଯୋଗୀ , ଶୁଖିଲା, ପରିଷ୍କାର. ସମରଙ୍ଗୀ, ସମଆକାର, ଏକକିସମ, (ଏଫ୍. ଏ. କ୍ୟୁ ) ହୋଇଥିବା ଆବଶ୍ୟକ ।ଏଣୁ ଚାଷୀଭାଇ ଓ ଭଉଣୀମାନେ ନିଜ ନିଜର ( କିଷାନ କ୍ରେଡିଟ୍ କାର୍ଡ ) **K.C.C** / (ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ) **B.K.KY / Voter Card (E.P.I.C )** ଯେ କୌଣସି ଗୋଟିଏ ଦର୍ଶାଇ ନିକଟସ୍ଥ ଧାନ କ୍ରୟ କେନ୍ଦ୍ରରେ ବଳକା ଧାନ ବିକ୍ରୟ କରି ନିର୍ଦ୍ଧାରିତ ସରକାରୀ ଧାର୍ଯ୍ୟ ଦର ପାଇବା ପାଇଁ ହକ୍‌ଦାର ହୋଇପାରିବେ । ଚାଷୀ ନିଜର ବଳକା ଧାନ ବିକ୍ରୟ କରିବା ପାଇଁ ପ୍ରଥମେ ସଂପୃକ୍ତ **P.A.C.S** ଠାରୁ ଅଗ୍ରିମ ଟୋକନ ଆଣିବାକୁ ପଡିବ ଏବଂ ସମସ୍ତେ ନିଜ ନିଜର ବ୍ୟାଙ୍କ ଆକାଉଣ୍ଟ ( ପାସ୍ ବହି ନଂ ) ଧାନ ବିକ୍ରୟ ସମୟରେ ଆଣିବେ । ସମସ୍ତ ବ୍ଲକ ପାଇଁ **P.PASS** ମାଧ୍ୟମରେ ଅର୍ଥ ପ୍ରଦାନ କରାଯିବ ।

ଧାନ କ୍ରୟ ବିକ୍ରୟ ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନ ପଦାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଧାନ ବିକ୍ରୟ ନିମନ୍ତେ ଧାର୍ଯ୍ୟ ଦିନ, ତାରିଖ ଏବଂ PACS ର ନାମ ଓ ସବିଶେଷ ବିବରଣୀ ନିକଟସ୍ଥ ବ୍ଲକ୍, ସେବା ସମବାୟ ସମିତି PACS ସହକାରୀ ନିବନ୍ଧକ ସମବାୟ ସମିତି ସମୂହ,ତହସିଲ ଅଫିସ୍, ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଏବଂ ନିୟନ୍ତ୍ରିତ ବଜାର କମିଟି ଆଠଗଡ଼ରେ ପାଇ ପାରିବେ ।

| କ୍ର.ନ | ପଦାର୍ଥ | ସର୍ବାଧିକ ପରିସୀମା ଏଫ୍ .ଏ. କ୍ୟୁ(ସାଧାରଣମାନ) |
|---|---|---|
| ୧. | (କ) ବାଲି, ମାଟି, ଗୋଡି, ପଥର, ଧୂଳି ଆଦି ।ଜୈବିକ ପଦାର୍ଥ ଇତ୍ୟାଦି | ୧% |
| | (ଖ) କାଠି, କୁଟା, ଧୂଷ, ଅଗାଡି, ପୋଲ ଆଦି ଜୈବିକ ପଦାର୍ଥ | ୧% |
| ୨. | *ଖରାପ, ବେରଙ୍ଗୀ,ପାଣିଫୁଲା, ପୋକ ( ଖରାପ, ପାଣିଫୁଲା ଏବଂ ପୋକ ୪% ଭିତରେ ସୀମିତ ରହିବା ଦରକାର) | ୫% |
| ୩. | ଅପରିପକ୍ୱ, କଂଚା, ସବୁଜ, ବଙ୍କା, ସଂକୁଚିତ | ୩% |
| ୪. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୫. | ଆର୍ଦ୍ରତା | ୧୭% |

**ଯୋଗାଯୋଗ**
୧. ଉପଜିଲ୍ଲାପାଳ, ଆଠଗଡ଼, ଫୋନ୍ - ୦୬୭୨୩-୨୨୦୩୧୧
୨.ସହକାରୀ ଯୋଗାଣ ଅଧିକାରୀ, ଆଠଗଡ
୩. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଆଠଗଡ଼ଫୋନ୍-୦୬୭୨୩ ୨୨୦୨୧୦ ୪. ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ
୫. ଯୋଗାଣ ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍ - ୦୬୭୪-୨୩୯୦୨୦୬

ଉପଜିଲ୍ଲାପାଳ ଆଠଗଡ
ତଥା ଅଧ୍ୟକ୍ଷ,ନରସିଂହପୁର ନିୟନ୍ତ୍ରିତ ବଜାର କମିଟି

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
**AT/PO BARINIPUT,DIST. KORAPUT – 764006 , ODISHA,**
**PHONE: - (06854)242001, FAX: - (06854) 242092,**
**e-mail: sgmel_ukhep@ohpcltd.com**
**CIN: U40101OR1995SGC003963**

**No.: OHPC/SGM/ UKHEP/ Tech.EM-3/ Dated, Bariniput the**
**1ST CORRIGENDUM TO TENDER CALL NOTICE NO. 23/2018-19 DATED: 08.11.2018**

**No.CAD-1107:-** The last date of Sale, Receipt and Opening of Tender Paper against this office Tender Call Notice No. 23/2018-19 Dated: 08.11.2018 are hereby extended and re-scheduled as follows:-

| | | | |
|---|---|---|---|
| (1) | Last Date & Time of Sale of Tender Paper | : | Upto 13.00 hrs. of dated 17.12.2018 |
| (2) | Last Date & Time of Receipt of Tender Paper | : | Upto 16.00 hrs. of dated 17.12.2018 |
| (3) | Date & Time of Opening of Tender | : | At 16.30 hrs. of dated 17.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

**Sd./- Unit Head,**
**Upper Kolab HEP, OHPC Limited**
**Bariniput**
**04002/11/0069/1819**

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଯାଜପୁର

**ପତ୍ର ସଂଖ୍ୟା:- ୩୨୧୯** **ତା: ୦୬ା୧୨ା୨୦୧୮**

**ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଣ୍ଟ) ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ଜାତୀୟ ଗୋମହିଷାଦି ପ୍ରଜନନ କାର୍ଯ୍ୟକ୍ରମ ମାଧ୍ୟମରେ ୩ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧ୍ୟରୁ ଯାଜପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ୨୫ ଗୋଟି ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଣ୍ଟ) ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣଭିତ୍ତିକ ପଦବୀ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | ଅନୁସୂଚିତ ଜନଜାତି | ୫ | ୨ | ୭ |
| ୨ | ଅନୁସୂଚିତ ଜାତି | ୫ | ୨ | ୭ |
| ୩ | ଅଣ ସଂରକ୍ଷିତ | ୮ | ୩ | ୧୧ |
| | ମୋଟ | ୧୮ | ୭ | ୨୫ |

ଉକ୍ତ ଆବେଦନ ନିମନ୍ତେ ସମସ୍ତ ନିୟମାବଳୀ ଓ ଦରଖାସ୍ତ ଫର୍ମ ଯାଜପୁର ଜିଲ୍ଲା ୱେବସାଇଟ୍ www.jajpur.nic.in ରେ ଉପଲବ୍ଧ। ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ଏହାକୁ ଇଣ୍ଟରନେଟ୍‌ରୁ ଡାଉନ୍ ଲୋଡ୍ କରି ତା୨୨ା୧୨ା୨୦୧୮ରିଖ ଅପରାହ୍ନ ୪ ଘଟିକା ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି ଡାକ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରି ପ୍ରାପ୍ତ ରସିଦ୍ ନେଇ ପାରିବେ। ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

**ସ୍ୱା./-**
**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**ଯାଜପୁର**

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱର
**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱରଙ୍କ ଅଧୀନରେ ୩୬ ଗୋଟି ଆଟେଣ୍ଡାଣ୍ଟ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ମାସିକ ପାରିଶ୍ରମିକ ଟ. 8070/- ରେ କେବଳ ବାଲେଶ୍ୱର ଜିଲ୍ଲାରୁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଦ୍ୱାରା ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର. ସଂ | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | SC | ୦୩ | ୦୨ | ୦୫ |
| ୨ | ST | ୦୭ | ୦୪ | ୧୧ |
| ୩ | unreserved | ୧୩ | ୦୭ | ୨୦ |
| | ମୋଟ | ୨୩ | ୧୩ | ୩୬ |

ଆବେଦନ ଦରଖାସ୍ତର ଶେଷ ତାରିଖ ୨୦ା୧୨ା୨୦୧୮।

(ରାଜ୍ୟ ସଂରକ୍ଷଣ ଆଇନ (ORV Act) ଅନୁସାରେ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତି, କ୍ରୀଡ଼ାବିତ ଓ ପୂର୍ବତନ ସାମରିକ କର୍ମଚାରୀ ଆବଶ୍ୟକ ସ୍ଥଳେ ପୂରଣ କରାଯିବ)

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱରଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ।

ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱରଙ୍କ କାର୍ଯ୍ୟାଳୟ/ www.baleswar.nic.in ରେ ଉପଲବ୍ଧ।

**ସ୍ୱା./- ଡା. ନିତ୍ୟାନନ୍ଦ ଦାସ**
**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**ବାଲେଶ୍ୱର**

**OFFICE OF THE REGULATED MARKET COMMITTEE, CHAMPUA**
**E-mail address: rmcchampua1@gmail.com**
**E-PROCUREMENT (INVITATION FOR BIDS)**
**TENDER CALL NOTICE NO. 43/RMC, DATED: 03.12.2018**
**BID IDENTIFICATION NO. RMC-01/2018-19**

The Sub-Collector, Champua-cum-Chairman, RMC, Champua invites percentage rate Single cover system (TECHNICAL BID & PRICE BID) in online mode from the eligible contractors having experience in similar nature of work registered in with Govt. of Odisha or equivalent class of Govt. of India/ C.P.W.D. / Central undertaking/ Railway/ M.E.S. the proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the appropriate register authority of the State Government of Odisha in appropriate class of eligibility before award of the work as per prevalent registration norm of the State.

Bid documents consisting of Specifications, Schedule of Quantities, and a set of Terms & Conditions of contract and other necessary Documents will be available in the e-procurement portal https://tendersodisha.gov.in.

| | |
|---|---|
| Name of work | CONSTRUCTION OF INFRASTRUCTURE IN CHAMPUA MARKET YARD UNDER RMC, CHAMPUA |
| No. of works | 02 (Two) |
| Approx. value | 4534909/- |
| E.M.D. @ 1% (Rs) approx. | 45349/- |
| Cost of bid document | 6000/- |
| Period of completion | 06(six) calendar months |
| Availability of Tender online for Bidding | 06.12.2018, 11.00 AM to 20.12.2018, 05.00 PM |
| Date & Time of opening of Bids | 21.12.2018, 11.00 AM |
| Class of Contractor | "B" & "A" |
| Venue of opening of Bids | Office of R.M.C, Champua, Keonjhar |

| | |
|---|---|
| Name of work | CONST. OF 06 Nos. SMALL GODOWN CUM SHOP ROOM AT JHUMPURA MARKET YARD OF CHAMPUA RMC. |
| No. of works | 01 (One) |
| Approx. value | 1032249/- |
| E.M.D. @ 1% (Rs) approx. | 10322/- |
| Cost of bid document | 6000/- |
| Period of completion | 04(Four) calendar months |
| Availability of Tender online for Bidding | 06.12.2018, 11.00 AM to 20.12.2018, 05.00 PM |
| Date & Time of opening of Bids | 21.12.2018, 11.00 AM |
| Class of Contractor | "C" & "D" |
| Venue of opening of Bids | Office of R.M.C, Champua, Keonjhar |

The bidder shall transfer online the Earnest Money Deposit/ Bid Security and cost of bid document of the amount specified for the work mentioned.
All the rule & Regulation regarding GST will be applicable as per the Guidelines of Governmnet of Odisha.
The authority reserves the right to cancel any or all bids without assigning any reason thereof.

**Sd./- Sub-Collector, Champua-cum-Chairman, R.M.C, Champua, Keonjhar**

**DISTRICT RURAL DEVELOPMENT AGENCY, CUTTACK**
**Tender Call Notice No.: 5081/DRDA** **Dated: 06.12.2018**

Sealed tenders are invited in the prescribed format from the intending reputed firms/Agencies with the following terms & condition for

1. Supply of I.E.C. materials (i.e. Poster & Hoarding) under Rural Housing scheme and I.E.C. material (i.e. Poster) under Ama Gaon Ama Bikash scheme and delivery at all 14 Blocks of Cuttack district as per design types & specifications given by this Office.

The tender/bid documents completed in all respect will be received from **07.12.2018 to 21.12.2018** latest by 5.00 P.M. during the office hour in DRDA, Cuttack by way of **Registered Post/Speed Post** only and will be opened on **Dt.22.12.2018** at 3.00 P.M. at the Conference Hall of DRDA, Cuttack.

The bid documents along with terms & condition, detail specification of I.E.C. materials and eligibility criteria can be viewed/downloaded from the district website i.e. **www.cuttack.nic.in** & Non-refundable Demand Draft of Rs.1000/- (Rupees one thousand) only in favour of Project Director, DRDA, Cuttack payable at Cuttack shall be deposited along with the Bid Document towards tender paper cost.

**Sd./- Project Director, Cuttack**



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଯାଏ ତେବେ ମୁକ୍ତି ମିଳିଯାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ୩ ମୃତ ବିଦେଶୀ ପକ୍ଷୀ ଜବତ, ୨ ଗିରଫ



**ଟାଙ୍ଗୀ(ଖୋର୍ଦ୍ଧା),୬।୧୨(ଡି.ଏନ.ଏ.):** ଚିଲିକା ଉପକୂଳ ଭୁଷଣ୍ଡପୁର ରିଙ୍ଗ୍ ବନ୍ଧରେ ବନ୍ୟପ୍ରାଣୀ ବିଭାଗ ତରଫରୁ ଗୁରୁବାର ଅପରାହ୍ନରେ ଚଢ଼ାଉ କରାଯାଇ ବନ୍ଧୁକ ସହ ୩ ମୃତ ପକ୍ଷୀ ଜବତ କରାଯାଇଛି । ଏ ଘଟଣାରେ ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଜଣେ ହେଲେ ଆନ୍ଧ୍ରର ଇଚ୍ଛାପୁରମ୍ ଅଞ୍ଚଳର ଜନଥା ଆଜୁବ୍ ଓ ଅନ୍ୟ ଜଣକ ହେଉଛନ୍ତି ଗଞ୍ଜାମ ଜିଲା ଭିକାରୀପଲ୍ଲୀର ପି. ଗଣେଶ। ଭୁଷଣ୍ଡପୁର ବନ୍ୟପ୍ରାଣୀ ବିଭାଗର ବନପାଳ ମୀନା କୁମାରୀ ନାୟକ, ବନରକ୍ଷୀ ଭାନୁମତୀ ବେହେରା ଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ବିଦେଶୀ ପକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ବନ୍ୟପ୍ରାଣୀ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### ମହିଳାଙ୍କଠାରୁ ଅଭିନବ ଉପାୟରେ ଟଙ୍କା ଲୁଟ୍

**ଭାପୁର,୬।୧୨(ଡି.ଏନ୍.ଏ.):** ଗୁରୁବାର ଭାପୁର ବଜାରରେ ଜଣେ ମହିଳା ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବା ସମୟରେ ୨ଜଣ ଯୁବକ ଅଭିନବ ଉପାୟରେ ତାଙ୍କ ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ମହିଳା ଜଣଙ୍କ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମର ମଧୁସୂଦନ ବଳିୟାରସିଂହଙ୍କ ସ୍ତ୍ରୀ ରସାମଣୀ ବଳିୟାରସିଂହ (୬୧)ଙ୍କ ଆକାଉଣ୍ଟକୁ ବାହାରେ ଚାକିରି କରୁଥିବା ତାଙ୍କ ପୁଅ ୨୦ ହଜାର ଟଙ୍କା ପଠାଇଥିଲେ। ଏହି ଟଙ୍କା ଉଠାଇବାକୁ ଗୁରୁବାର ରସାମଣୀ ଭାପୁର ବଜାରରେ ଥିବା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶାଖାକୁ ଆସି ଉକ୍ତ ଟଙ୍କା ଉଠାଇ ଫେରୁଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କ ଶାଢ଼ିରେ ପାନଛେପ ପକାଇଦେଇଥିଲେ। ପରେ ସେ ମହିଳାଙ୍କ ପାଖକୁ ଆସି ଆପଣଙ୍କ ଲୁଗାରେ କ'ଣ ଲାଗିଛି ବୋଲି କହିଥିଲେ। ଶାଢ଼ିରେ ପାନଛେପ ପଡିଥିବା ଦେଖି ମହିଳା ଜଣକ ଧୋଇବା ପାଇଁ ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖ ନଳକୂଅ ପାଖକୁ ଯାଇଥିଲେ। ସେଠାରେ ଟଙ୍କା ବ୍ୟାଗ ରଖି ଧୋଇହେବା ସମୟରେ ଯୁବକ ଜଣକ ଉକ୍ତ ବ୍ୟାଗ ନେଇ ପଳାଇଥିଲେ। ଏହି ବ୍ୟାଗରେ ୨୦ ହଜାର ଟଙ୍କା ସହ ବ୍ୟାଙ୍କ ଖାତା, ତାଙ୍କ ବୋହୂଙ୍କ ପାଇଁ କିଣିଥିବା ଔଷଧ ଥିବା ନେଇ ରସାମଣୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ୧୯୬୮ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ




**ନୟାଗଡ଼ ଅଫିସ,୬।୧୨:** ନୟାଗଡ଼ ବ୍ଲକ ଇଟାମାଟି ବାମନ ଅବକାଶ ହାଇସ୍କୁଲର ୧୯୬୮ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଟାମାଟିସ୍ଥିତ ଆଶୀର୍ବାଦ ଭବନଠାରେ ଆୟୋଜିତ ଉତ୍ସବରେ ତତ୍କାଳୀନ ଶିକ୍ଷକ ସର୍ବଶ୍ରୀ ମହାଦେବ କୁଣ୍ଡୁ, ନାରାୟଣ ରଥ, ଅନ୍ତର୍ଯାମୀ ଦାଶ, ବେଣୁଧର ଜେନା ଓ ମାଧବ ଚନ୍ଦ୍ର ବିଶ୍ୱାଳଙ୍କୁ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ଜଗନ୍ନାଥ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଛାତ୍ରମାନେ ଅତୀତର ସ୍ମୃତିକୁ ମନେ ପକାଇଥିଲେ।

## ଜରାଜୀର୍ଣ୍ଣ ରେବସା ମଠ

# ଦଖଲକୁ ନେବ ଶ୍ରୀମନ୍ଦିର ପ୍ରଶାସନ

**ପୁରୀ ଅଫିସ, ୬।୧୨**

### ଲୋଡିଲା ଆଇନଗତ ପରାମର୍ଶ

ମଠ ସଂସ୍କୃତିକୁ ନେଇ ଏକଦା ସମୃଦ୍ଧ ଥିବା ପୁରୀ ସହର ଧୀରେ ଧୀରେ ଏହି ମାନ୍ୟତା ହରାଇବାକୁ ବସିଛି। ଅନେକ ଐତିହ୍ୟ ସମ୍ପନ୍ନ ମଠ ମାଟିରେ ମିଶିଥିବାବେଳେ ଅନେକ ମଠ ଅସାମାଜିକଙ୍କ କବ୍‌ଜାକୁ ଚାଲିଯାଉଛି। ନିକଟ ଅତୀତରେ ଏହି ଢଙ୍ଗରେ ୩ଟି ମଠ ସତ୍ତା ହରାଇଥିବାବେଳେ ଏବେ ଏଥିରେ ସାମିଲ ହେବାକୁ ଯାଉଛି ଶ୍ରୀକ୍ଷେତ୍ରର ଐତିହ୍ୟ ସମ୍ପନ୍ନ ପୁରାତନ ରେବସା ମଠ। ଜରାଜୀର୍ଣ୍ଣ ହୋଇପଡିଥିବା ଏହି ମଠରୁ ଠାକୁର ଚୋରି ହୋଇଯାଇଛନ୍ତି, ସିଂହାସନ ଖାଲିପଡିଛି। ମହନ୍ତ ନାହାନ୍ତି କି ଦିଅଁ ବି ନାହାନ୍ତି। ପୂଜାପାଠ ସବୁ ବନ୍ଦ। ଭୟରେ ଅନ୍ୟ ମଠରେ ଆତ୍ମଗୋପନ କରିଛନ୍ତି ମହନ୍ତ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ତତ୍ପରତା ଦେଖାଇଛି । ମଠର ସ୍ଥିତି ପରଖିବା ସହ ଦଖଲକୁ ନେବା ଲାଗି ପ୍ରସ୍ତୁତି ଆରମ୍ଭ କରିଛି । ମଠକୁ ନିଜ ଦଖଲକୁ ନେଇପାରିବ କି ନାହିଁ ସେ ନେଇ ଆଇନଗତ ପରାମର୍ଶ ଲୋଡିଛି ।

ଶ୍ରୀମନ୍ଦିର ଉତ୍ତର ଦିଗ କୋଇଲି ବୈକୁଣ୍ଠ ଉପବନ ସମ୍ମୁଖରେ ଅବସ୍ଥିତ ଶ୍ରୀରାମାନୁଜ ସମ୍ପ୍ରଦାୟର ଏହି ମଠ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡିଛି। ଦୀର୍ଘଦିନ ହେବ ମଠର ଇଷ୍ଟଙ୍କୁ କେହି ଗାଏବ୍ କରି ନେଇଥିବା ବେଳେ ମହନ୍ତ ଅନ୍ୟ ମଠରେ ଆଶ୍ରୟ ନେଇଛନ୍ତି। ସଞ୍ଜ ନଇଁଲେ ଅସାମାଜିକଙ୍କ କବ୍‌ଜାକୁ ଚାଲିଯାଉଛି ମଠ। ନିଶା ସେବନ ପାଇଁ ଏହା ଉପଯୁକ୍ତ ସ୍ଥାନ ଭାବି ଏଠାରେ ସ୍ଥାନୀୟ ଏବଂ ବାହାରୁ ଆସୁଥିବା ନିଶାଖୋର ବ୍ୟକ୍ତି ମଧ ଆଡ୍ଡା ଜମାଉଛନ୍ତି। ଅନ୍ୟପକ୍ଷରେ ମଠର କୋଠାଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ପରିସରରେ ଗଛଲତା ମାଡ଼ିଗଲାଣି। ଏ ନେଇ ଖବର ପ୍ରକାଶ ପାଇବା ପରେ ଗତ ମାସ ୧୭ତାରିଖରେ ମନ୍ଦିର ପ୍ରଶାସନର ଏକ ଟିମ୍ ମଠକୁ ଯାଇ ସ୍ଥିତି ପରଖିଥିଲା। ରାଜସ୍ୱ ଉପ ପ୍ରଶାସକ ମଧୁସୁଦନ ଦାସଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ମଠ ପରିସର ବୁଲି ଦେଖିଥିଲେ। ରାଜସ୍ୱ ଉପପ୍ରଶାସକ ନିଜେ ମଠ ସ୍ଥିତି ପରଖିବା ସହ ସ୍ଥାନୀୟ କିଛି ଲୋକ ଏବଂ ମଠରେ ରହୁଥିବା ଜଣେ ଛାତ୍ରଙ୍କ ବୟାନ ଶୁଣିଥିଲେ। ଇତିମଧ୍ୟରେ ୨୦ ଦିନ ବିତିଥିଲେ ମଧ ମଠର ସ୍ଥିତି ସେହିଭଳି ରହିଛି। ବାଉଳି ମଠର ବିକାଶ ପାଇଁ ତତ୍ପରତା ଦେଖାଉଥିବା ଶ୍ରୀମନ୍ଦିର ପ୍ରଶାସନ ସତ୍ତା ହରାଇବାକୁ ବସିଥିବା ରେବସା ମଠ ପ୍ରତି କାହିଁକି ଆଗ୍ରହ ଦେଖାଉ ନାହିଁ ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ରାଜସ୍ୱ ଉପପ୍ରଶାସକ ମଧୁସୂଦନ ଦାଶଙ୍କୁ ପଚାରିବାରେ ସେ କହିଛନ୍ତି, ରେବସା ମଠକୁ ଦଖଲକୁ ନେଇପାରିବୁ କି ନାହିଁ ସେ ନେଇ ଶ୍ରୀମନ୍ଦିର ଆଡଭୋକେଟଙ୍କଠାରୁ ଆଇନଗତ ପରାମର୍ଶ ମଗାଯାଇଛି । ତାଙ୍କଠାରୁ ପରାମର୍ଶ ମିଳିବା ପରେ ଏ ଦିଗରେ ପଦକ୍ଷେପ ନିଆଯିବ।

# ୫୬ତମ ଗୃହରକ୍ଷୀ ଦିବସ



ଏସ୍‌ପି ଜଣେ ଗୃହରକ୍ଷୀଙ୍କୁ ପୁରସ୍କୃତ କରୁଛନ୍ତି।

**ନୟାଗଡ଼ ଅଫିସ,୬।୧୨**

ନୟାଗଡ଼ ରିଜର୍ଭ ପରେଡ଼ ପଡ଼ିଆଠାରେ ଗୁରୁବାର ୫୬ ତମ ଗୃହରକ୍ଷୀ (ହୋମଗାର୍ଡ଼) ଦିବସ ପାଳିତ ହୋଇଯାଇଛି। ଏସ୍‌ପି ଶଶିଭୂଷଣ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହରକ୍ଷୀମାନଙ୍କ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ସେ କହିଥିଲେ, ଜିଲାରେ ଯେତେବେଳେ ବି ସଙ୍କଟମୟ ସମୟ ଆସେ ସେ ସମୟରେ ଗୃହରକ୍ଷୀମାନଙ୍କୁ ପ୍ରଥମେ ନିୟୋଜିତ କରାଯାଏ। ଏହି ଅବସରରେ ସେ ଗୃହରକ୍ଷୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ହୋମଗାର୍ଡ଼ ଡିଜିପିଙ୍କ ପକ୍ଷରୁ ଦିଆଯାଇଥିବା ବାର୍ତ୍ତା ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ଦିଲୀପ ସାହାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଗୃହରକ୍ଷୀଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ଗୃହରକ୍ଷୀଙ୍କ ଦ୍ୱାରା ପାଇକ ନୃତ୍ୟ, ଭାଲୁ ନାଚ, ବାଘ ନାଚ, ବୋଇତ ବନ୍ଦାଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏକ ଅସ୍ଥାୟୀ ଚାଳ ଘର କରାଯାଇ ସେଥିରେ ନିଆଁ ଲଗାଯାଇ ଲୋକଙ୍କୁ ଉଦ୍ଧାର କରାଯିବା ଦୃଶ୍ୟ ବେଶ୍ ରୋମାଞ୍ଚକର ଥିଲା। ଉନ୍ନତମାନର କାର୍ଯ୍ୟ ପାଇଁ ୬ ଗୃହରକ୍ଷୀଙ୍କୁ ଏସ୍‌ପି ପୁରସ୍କୃତ କରିଥିଲେ। ସେମାନେ ହେଲେ ଖଣ୍ଡପଡ଼ା ଥାନାର କୃଷ୍ଣଚନ୍ଦ୍ର ସାହୁ, ସୁବ୍ରତ କୁମାର ଦାଶ, ଫତେଗଡ଼ ଥାନାର ବସନ୍ତ ମଲ୍ଲିକ, ଦଣ୍ଡଧର ଜେନା, ଶରଣକୁଳ ଥାନାର ଗୋବିନ୍ଦ୍ର ଚନ୍ଦ୍ର ସାହୁ ଓ ଶରଣକୁଳ ଏସ୍‌ଡ଼ିପିଓ କାର୍ଯ୍ୟାଳୟର ଗୃହରକ୍ଷୀ ସନାତନ ବେହେରା। ଜୀବନବିନ୍ଦୁ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର କରାଯାଇ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଶରଣକୁଳ ଏସ୍‌ଡ଼ିପିଓ ନାରାୟଣ ଚନ୍ଦ୍ର ବାରିକ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ, ଶରଣକୁଳ ଥାନା ଅଧିକାରୀ ମନୋଜ କୁମାର ଶତପଥୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ରାମମନ୍ଦିର ନିର୍ମାଣ ନିମନ୍ତେ ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ସଂଘର ସଦସ୍ୟମାନେ।

**ଖଣ୍ଡପଡା,୬।୧୨(ସ୍ୱ.ପ୍ର.)**

ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାଠାରେ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ପରିପ୍ରେକ୍ଷୀରେ ସଂଘ ପରିବାର ପକ୍ଷରୁ ଗୁରୁବାର ଏକ ବିଶାଳ ହିନ୍ଦୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆରଏସ୍‌ଏସ୍, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗୀ ଦଳ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏକ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଏକ ବାଇକ ଶୋଭାଯାତ୍ରାରେ ଖଣ୍ଡପଡା ଓ ଭାପୁର ବ୍ଲକ ପରିକ୍ରମା କରିଥିଲେ। ଅଯୋଧ୍ୟାଠାରେ ରାମ ମନ୍ଦିର ନିର୍ମାଣ ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶୋଭାଯାତ୍ରା ଆୟୋଜନ କରାଯାଇଥିବା ବେଳେ କାର୍ଯ୍ୟକର୍ତ୍ତାଙ୍କ ଜୟ ଶ୍ରୀରାମ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ତୋଟା ହନୁମାନଙ୍କ ପୀଠ ପରିସରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଖଳିସାହି ଗ୍ରାମ ପରିକ୍ରମା କରିବା ପରେ ଖଣ୍ଡପଡା ସହର ଦେଇ ଭାପୁର ବ୍ଲକରେ ପହଞ୍ଚିଥିଲା। ଭାପୁର ବାଇପାସ୍ ରାସ୍ତା ପାର୍ଶ୍ୱସ୍ଥିତ ହନୁମାନ ମନ୍ଦିର ପରିସରରେ ଏକ ସମାବେଶ ଆୟୋଜିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଅଖିଳ ଭାରତୀୟ କାର୍ଯ୍ୟକର୍ତ୍ତା ଆନନ୍ଦଜୀ ସମାବେଶରେ ଉଦ୍‌ବୋଧନ ଦେଇ ସଂଘ ପରିବାରର କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଆରଏସ୍‌ଏସ୍ ପ୍ରମୁଖ ପରାଶର ମିଶ୍ର, ଯୁବ ସଂଗଠକ ପ୍ରକାଶ ଚନ୍ଦ୍ର ପୃଷ୍ଟି, ଜିଲା ବୌଦ୍ଧିକ ପ୍ରମୁଖ ଜିତେନ୍ଦ୍ର କୁମାର କାଟିଆ, ଏବିଭିପି ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦର ସଂଯୋଜକ ତଥା ଆଇନଜୀବୀ ପ୍ରିୟବ୍ରତ ମିଶ୍ର, ସଂଗଠକ ବିମଳେନ୍ଦୁ ସ୍ୱାଇଁ, ମାନସ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

**ଦଶପଲ୍ଲା,୬।୧୨(ଡି.ଏନ.ଏ.)**

ବାଣିଗୋଛା ଥାନା ଅନ୍ତର୍ଗତ ୫୭ନଂ. ଜାତୀୟ ରାଜପଥ ଦୁର୍ଗାପ୍ରସାଦଠାରେ ଗୁରୁବାର ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୁଃଶାସନ ଘଡେଇ (୫୫) ଓ ତାଙ୍କ ଘର ନୟାଗଡ ବ୍ଲକ ଶଙ୍ଖେଇ ଗ୍ରାମରେ। ଦୁଃଶାସନ ମଧ୍ୟଖଣ୍ଡ ଅଞ୍ଚଳରେ ଦୀର୍ଘଦିନ ଧରି ରହିଆସୁଥିବା ବେଳେ ଗ୍ରାମକୁ ଗ୍ରାମ ବୁଲି ମାଛ ବେପାର କରନ୍ତି। ଗୁରୁବାର ବାକି ଟଙ୍କା ଆଦାୟ କରି ବାଣିଗୋଛାରୁ ଫେରୁଥିବା ବେଳେ ଦୁର୍ଗାପ୍ରସାଦଠାରେ ଏକ ଅଜଣା ଗାଡି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଗାଡି ନେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ସେହି ରାସ୍ତାରେ ଯାଉଥିବା କିଛି ଲୋକ ୧୦୮ ଆମ୍ବୁଲାନ୍ସ ଡାକି ଗୁରୁତର ଦୁଃଶାସନଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ନେବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ଦ୍ୱିତୀୟ ସ୍ତ୍ରୀଙ୍କୁ ମାରିଦେବା ଅଭିଯୋଗରେ ମାମଲା

# ମଶାଣିରୁ ହାଡ଼, ପାଉଁଶ ଜବତ

**ଓଡ଼ଗାଁ, ୬।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଥାନା କୁରାଳ ପଞ୍ଚାୟତ ନବରତ୍ନପୁର ଗ୍ରାମରେ ଦ୍ୱିତୀୟ ସ୍ତ୍ରୀଙ୍କୁ ମାରି ପୋଡିଦେବା ନେଇ ସ୍ୱାମୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ସେହି ଗ୍ରାମର ରଘୁ ଆଲଟିଆ(୪୮)ଙ୍କ ପ୍ରଥମ ସ୍ତ୍ରୀଙ୍କୁ ନାନା ନିର୍ଯାତନା ଦେବାରୁ ସେ ତିନି ପିଲାଙ୍କୁ ଛାଡି ଅନ୍ୟତ୍ର ରହୁଥିବା ବେଳେ ଅଦାଲତରେ ମାମଲା ବିଚାରାଧୀନ ରହିଛି। ଏପରିସ୍ଥଳେ ରଘୁ ନିକଟସ୍ଥ ଗଞ୍ଜାମ ଜିଲା ବୁଗୁଡା ଥାନା ଅନ୍ତର୍ଗତ କରଚୁଲି ଗ୍ରାମର ସରୋଜିନି ରାଉତଙ୍କ କନ୍ୟା ସୁମିତ୍ରା ଆଲଟିଆ(୩୦)ଙ୍କୁ ଦୁଇବର୍ଷ ପୂର୍ବେ ଉଦୟପୁର ଶିବ ମନ୍ଦିରରେ ବିବାହ କରିଥିଲେ। ଏପରିସ୍ଥଳେ ଗୁରୁବାର ସକାଳେ ସୁମିତ୍ରାଙ୍କ ମୃତଦେହ ରଘୁଙ୍କ ପରିବାର ଲୋକେ ଗ୍ରାମ ଶ୍ମଶାନରେ ପୋଡିଦେଇଥିଲେ। ଏ ନେଇ ସେମାନେ ସୁମିତ୍ରାଙ୍କ ବାପଘରକୁ ଜଣାଇ ନ ଥିଲେ। ସୁମିତ୍ରଙ୍କ ମା' ସରୋଜିନୀ ରାଉତ ଏହି ଖବର ପାଇ ଶ୍ମଶାନରେ ପହଞ୍ଚିଲା ବେଳକୁ କେବଳ ଝିଅର ଜୁଇ ପାଉଁଶ ଦେଖିବାକୁ ପାଇଥିଲେ। ତାଙ୍କ ଝିଅଙ୍କୁ ଜ୍ୱାଇଁ ନିର୍ଯାତନା ଦେବା ପରେ ମାରି ତାଙ୍କୁ ନ ଜଣାଇ ପୋଡିଦେଇଥିବା ନେଇ ସେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସ୍ୱାମୀ ରଘୁଙ୍କ ବିରୋଧରେ ଏକ ହତ୍ୟା ମାମଲା (ନଂ.୨୨୭/୧୮) ରୁଜୁ କରିବା ସହିତ ତଦନ୍ତ ଦାୟିତ୍ୱ ନିଜେ ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ନେଇଥିବା ସୂଚନା ଦେଇଛନ୍ତି। ବିଭାଗୀୟ ବିଶେଷଜ୍ଞ ଦଳ ମଶାଣିରୁ ମୃତକଙ୍କ ହାଡ ପାଉଁଶ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା ବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ଓ ଶରଣକୁଳ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । ଅନ୍ୟପକ୍ଷେ ରଘୁ ଫେରାର ଥିବାବେଳେ ସେ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେବାରୁ ତାଙ୍କୁ ଛାଡି ଚାଲିଯାଇଥିବା ବେଳେ ଦ୍ୱିତୀୟ ସ୍ତ୍ରୀଙ୍କୁ ମଧ ନିର୍ଯାତନା ଦେଇଆସୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଫଳରେ ଡିଏନଏ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି ।

## ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସାଇ ହଷ୍ଟେଲ କଟକ ୭-୬ ଗୋଲ୍‌ରେ ବିଜୟୀ

**ନୟାଗଡ଼ ଅଫିସ,୬।୧୨**

୭୮୬ ୟୁଥ୍ କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ନୟାଗଡ଼ ଖେଳପଡ଼ିଆଠାରେ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲୁରହିଛି। ଗୁରୁବାର ଚତୁର୍ଥ ଦିବସ ଖେଳ ଟାଟା ଫୁଟବଲ୍ ଏକାଡ଼େମୀ ଜାମସେଦ୍‌ପୁର ଓ ସାଇ ହଷ୍ଟେଲ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳରେ କୌଣସି ଗୋଲ ହୋଇପାରି ନ ଥିଲା। ଖେଳର ଦ୍ୱିତୀୟାର୍ଦ୍ଧ ବେଶ୍ ରୋମାଞ୍ଚକର ଥିବାବେଳେ ମୋଟ ୧୩ଟି ଗୋଲ୍ ସ୍କୋର ହୋଇଥିଲା। କଟକ ଦଳ ୭ଟି ଓ ଜାମ୍‌ସେଦପୁର ଦଳ ୬ଟି ଗୋଲ୍ ସ୍କୋର କରିଥିଲେ। ଫଳରେ କଟକ ଦଳ ୭-୬ ଗୋଲ୍‌ରେ ଜାମ୍‌ସେଦପୁରକୁ ହରାଇ ବିଜୟୀ ହୋଇଥିଲା। ଜାମସେଦପୁର ଦଳର ୨୮ ନମ୍ବର ଖେଳାଳି ବିଶ୍ୱାଳ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଏସ୍‌ପି ଦିଲୀପ ସାହାଣୀ ମୁଖ୍ୟଅତିଥି ଓ ଷ୍ଟେଟ୍‌ବ୍ୟାଙ୍କ୍ ମୁଖ୍ୟ ଶାଖାର ଜେନେରାଲ୍ ମ୍ୟାନେଜର ସୌରଭ କୁମାର ରଥ, ଶିଶୁ ରୋଗ ବିଶେଷଜ୍ଞ ଡା. ଆଶିଷ କୁମାର ଦୀକ୍ଷିତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ରେଫରି ଭାବେ ଶେଷଦେବ ବେହେରା ଖେଳ ପରିଚାଳନା କରିଥିବା ବେଳେ ସୁଦୀପ ଦାସ, ଅଶୋକ କହଁର ଓ ଜ୍ୟୋତିରଞ୍ଜନ ସାହୁ ସହଯୋଗ କରିଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ୍ ମ୍ୟାଚ କେରଳ ପୋଲିସ, କେରଳ ଓ ସିଗ୍‌ନାଲ୍ ଏଫଏସି ଗୋଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।




ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

### ୨୧ରୁ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ଟାଙ୍ଗୀ(ଖୋର୍ଦ୍ଧା),୬।୧୨(ଡି.ଏନ.ଏ.)**

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ୍ ତତ୍ତ୍ୱାବଧାନରେ ଆୟୋଜିତ ୫୮ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୧ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା କୁହୁଡ଼ି ଜନତା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ୍‌ର ସମ୍ପାଦକ ମନୋଜ କୁମାର ମାନସିଂହ ଜଣାଇଛନ୍ତି। ଓଡ଼ିଶାର ୪ ପ୍ରମୁଖ ଫୁଟ୍‌ବଲ୍ ଦଳ ସମେତ ଦିଲ୍ଲୀ, କୋଲକତା, ପଶ୍ଚିମବଙ୍ଗ, ଚେନ୍ନାଇ, ଝାଡ଼ଖଣ୍ଡ ଓ ତେଲେଙ୍ଗାନାରୁ ୮ ଦଳ ଏଥିରେ ଅଂଶଗ୍ରହଣ କରିବେ। ଅନ୍ତର୍ଜାତୀୟସ୍ତରୀୟ ଫୁଟ୍‌ବଲ୍ ରେଫରୀ ମ୍ୟାଚ୍‌ରେ ନିୟୋଜିତ ହେବେ। କୁହୁଡ଼ି, ସୋରଣ, ବିରିବାଡ଼ି, ହାଟବରଡ଼ି ଓ ଚଣ୍ଡେଶ୍ୱର ଇତ୍ୟାଦି ପଞ୍ଚାୟତର ପ୍ରତିଯୋଗୀମାନେ ଏଥିରେ ସାମିଲ୍ ଥିବାବେଳେ ଏହି ଖେଳ ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ା ମହୋତ୍ସବ ଭାବେ ପରିଚିତ।

### ଡ.ରାଧାନାଥ ରଥଙ୍କ ଜୟନ୍ତୀ

**ଟାଙ୍ଗୀ(ଖୋର୍ଦ୍ଧା),୬।୧୨(ଡି.ଏନ.ଏ.)**

ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ୧୨୨ତମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଗୁରୁବାର ପ୍ରଧାନ ଶିକ୍ଷକ ସନ୍ତୋଷଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଓଷ୍ଟାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ, ଶିକ୍ଷକ କାଶୀନାଥ ଘଡ଼େଇ, ଶିକ୍ଷୟିତ୍ରୀ ପ୍ରବାସିନୀ ଦେଇ, କବିତା ବେହେରା, ପ୍ରଜ୍ଞାସ୍ମିତା ମିଶ୍ର ଓ ଭାନୁମତୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ସେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରକୃତ ଦାୟଦ ଭାବେ ସରଳ, ନିରାଡ଼ମ୍ବର ଓ ତ୍ୟାଗପୂତ ଜୀବନ ଅତିବାହିତ କରୁଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ବାଘୁଆପଲ୍ଲୀ ସରପଞ୍ଚ ଉପନିର୍ବାଚନ: ୮୨% ମତଦାନ

**ଭାପୁର,୬।୧୨(ଡି.ଏନ୍.ଏ.)**

ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ସରପଞ୍ଚଙ୍କ ଅକାଳ ବିୟୋଗ ପରେ ଏଠାରେ ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ମୋଟ ୫୭୦୪ ଭୋଟରଙ୍କ ମଧ୍ୟରୁ ୪୬୬୨ ଜଣ ଅର୍ଥାତ୍ ୮୧.୭୩ ପ୍ରତିଶତ ଭୋଟର ସେମାନଙ୍କ ମତଦାନ କରିଛନ୍ତି। ପଞ୍ଚାୟତର ୨୪ ୱାର୍ଡରେ ୨୪ଟି ପୋଲିଂ ବୁଥ୍‌ରେ ଏହି ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା। ଏହି ମତଦାନକୁ ମାଜିଷ୍ଟ୍ରେଟ ଭାପୁର ତହସିଲଦାର ତୃପ୍ତି ମହାନ୍ତି ପରିଚାଳନା କରିଥିଲେ। ଫତେଗଡ଼ ଥାନା ଆଇଆଇସି ଆଶୁତୋଷ ମିଶ୍ର ଓ ତାଙ୍କ ଟିମ୍ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସମସ୍ତ ଭୋଟବାକ୍ସ ଭାପୁର ବ୍ଲକ ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଛି। ଶୁକ୍ରବାର ସକାଳ ୭ଟାଠାରୁ ବ୍ଲକ ସଭାଗୃହରେ ୪ଟି ଅଲଗା ଅଲଗା ଟେବୁଲରେ ଗଣତି ହେବ ବୋଲି ନିର୍ବାଚନ ଅଧିକାରୀ ବିଡିଓ ଅନ୍ତର୍ଯାମୀ ଦାଶଙ୍କ ଠାରୁ ପ୍ରକାଶ।



ଏକ ବୁଥ୍‌ରେ ଜଣେ ମହିଳା ମତଦାନ କରୁଛନ୍ତି।

# ଜିଲାପାଳଙ୍କ ବାହାଡ଼ାଝୋଲା ଡାକ୍ତରଖାନା ପରିଦର୍ଶନ

**ଓଡ଼ଗାଁ, ୬।୧୨(ସ୍ୱ.ପ୍ର.)**

**■ଅଣପଞ୍ଜୀକୃତ ଶ୍ରମିକଙ୍କ ଦ୍ୱାରା ପାଣିଟାଙ୍କି କାର୍ଯ୍ୟ କରାଯିବା, ପାଇଖାନା କାର୍ଯ୍ୟାଦେଶ ନ ଦେବା ଓ ଡାକ୍ତରଖାନା ଅବ୍ୟବସ୍ଥା ନେଇ ଅସନ୍ତୁଷ୍ଟ**

ନୟାଗଡ଼ ଜିଲାପାଳ ଡ.ଏନ ତିରୁମାଲା ନାୟକ ଗୁରୁବାର ମଧ୍ୟାହ୍ନରେ ଅଚାନକ ବାହାଡ଼ାଝୋଲା ଡାକ୍ତରଖାନା ପରିଦର୍ଶନରେ ପହଞ୍ଚିଥିଲେ। ସେ ଡାକ୍ତରଖାନା ପରିସରରେ ନିର୍ମାଣାଧୀନ ୧ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କିର ନିର୍ମାଣ ତଦାରଖ କରିଥିଲେ। ଏହି ସମୟରେ ସେଠାରେ କାର୍ଯ୍ୟ କରୁଥିବା ବୈକୁଣ୍ଠ ପରିଡା ଓ ବୁଦ୍ଧିଆ ବାରିକଙ୍କୁ ସେମାନଙ୍କ ନିର୍ମାଣ ଶ୍ରମିକ ଚିହ୍ନଟପତ୍ର ସମ୍ପର୍କରେ ପଚାରିଥିଲେ। ହେଲେ ସେମାନଙ୍କ ପାଖରେ କୌଣସି କାର୍ଡ ନ ଥିବା ଓ ଏଥିପାଇଁ ସେମାନେ ଜଣେ ଲୋକଙ୍କୁ ୩୦୦ଟଙ୍କା ଲେଖାଏ ଦେଇଥିବା କହିଥିଲେ । ଏଥିରେ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ସେମାନଙ୍କୁ ନିର୍ମାଣ ଶ୍ରମିକ ଯୋଜନାରେ ସାମିଲ କରିବାକୁ ବିଡିଓଙ୍କୁ କହିଥିଲେ। ଏହା ସହିତ ପାଣିଟାଙ୍କି ନିର୍ମାଣରେ ବିଳମ୍ବ ହେଉଥିବାରୁ ଏହି ମାସ ଶେଷସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାପାଳ ଏହି ପଞ୍ଚାୟତର ଗୋଡିବନ୍ଧ ଗ୍ରାମ ପରିଦର୍ଶନରେ ଯାଇ ପାଇଖାନା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ପଞ୍ଚାୟତରେ ମାତ୍ର ୪୦୦ ପାଇଖାନା କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ବେଳେ ଆହୁରି ୯୦୦ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ବାକିଥିବାରୁ ଜିଲାପାଳ ବିଭାଗୀୟ କନିଷ୍ଠଯନ୍ତ୍ରୀ ଶିଳାସୁପ୍ରିୟା ସେଠୀଙ୍କୁ ଏ ନେଇ ୧୫ ତାରିଖ ମଧ୍ୟରେ କାର୍ଯ୍ୟ ସାରିବାକୁ ତାଗିଦ୍ କରିଥିଲେ। ଏହା ସହିତ ଡାକ୍ତରଖାନା ପରିଦର୍ଶନ ବେଳେ ଏଠାରେ ଜଣେ ଆୟୁଷ ଡାକ୍ତରରେ କାମ ଚାଲିଥିବା ନେଇ ଲୋକେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍‌ଶୀଘ୍ର ଜଣେ ଏଲୋପାଥିକ ଡାକ୍ତର ଯୋଗାଇଦେବାକୁ ଜିଲାପାଳ ସିଡିଏମ୍‌ଓଙ୍କୁ ଫୋନ ଯୋଗେ କହିଥିଲେ। ବାହାଡ଼ାଝୋଲା ହାଟପଦାରେ ସାଧାରଣ ଲୋକଙ୍କ ବ୍ୟବହାର ନିମନ୍ତେ ଶୌଚାଳୟ କିମ୍ବା ପରିସ୍ରାଗାର ନ ଥିବା ଏବଂ କେତେକ ପରିବାରକୁ ବ୍ୟକ୍ତିଗତ ଆକ୍ରୋଶରୁ ପାନୀୟ ଜଳ ପ୍ରଦାନ କରାଯାଉ ନ ଥିବା ନେଇ ତିନିଜଣ ମହିଳା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ସ୍ଥାନୀୟ ସରପଞ୍ଚ ବିନୋଦ କୁମାର ସାହୁଙ୍କୁ ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ। ପରେ ଜିଲାପାଳ ବାହାଡ଼ାଝୋଲା କଲେଜରେ ଲାଗିରହିଥିବା କେତେକ ସମସ୍ୟା ସମ୍ପର୍କରେ ଆଲୋଚନା କରି ଗୁମୀ ଅଭିମୁଖେ ଯାଇଥିବା ଜଣାଯାଇଛି। ଜିଲାପାଳଙ୍କ ସହିତ ନୂଆଗାଁ ବିଡିଓ ସିରିୟାଲ ଶୁଭ୍ର ପଟେଲ ଓ ସହକାରୀ ଯନ୍ତ୍ରୀ ରହିଥିଲେ।